# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, April 4/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 129 | ମୂଲ୍ୟ₹୭/-





**୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ**

ଲୋଇସିଂହା,୩।୪(ସୁଶାନ୍ତ ବାରିକ)ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟା ଗ୍ରାମରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ନାମଯଜ୍ଞ ପାଇଁ ଗତ ୨୯ ତାରିଖରେ କଳସ ଶୋଭାଯାତ୍ରା କରାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା । ବୁଧବାର ଉଦ୍‌ଯାପନୀ ଦିବସରେ ଗ୍ରାମରେ ନଗର ପରିକ୍ରମା କରାଯାଇଥିଲା। ଯଜ୍ଞରେ ପୂଜକ ନବୀନ ହୋତା ପୂଜାର୍ଚ୍ଚନା କରିଥିବା ବେଳେ ଅନେକ ଦମ୍ପତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

# ନିଜ ସାକ୍ଷ୍ୟରେ ନିଜକୁ ନିର୍ଦ୍ଦୋଷ କହିଲେ ପୁଞ୍ଜିଲାଲ

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

ବଲାଙ୍ଗୀର/ପାଟଣାଗଡ଼,୩।୪(ବୀରେନ୍ଦ୍ର କୁମାର ଝାଙ୍କର/ସଚ୍ଚିଦାନନ୍ଦ ମହାକୁର)

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ତଥା ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଗୁରୁବାର ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍(ଏଡିଜେ)ଙ୍କ କୋର୍ଟରେ ହାଜରହୋଇ ଡିଫେନ୍ସ ୱିଟ୍‌ନେସ୍ ଭାବେ ସାକ୍ଷ୍ୟ ପ୍ରଦାନ କରିଥିଲେ। ଏଥିରେ ସେ ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହ କ୍ରାଇମବ୍ରାଞ୍ଚ ପକ୍ଷରୁ ତାଙ୍କ ବିରୋଧରେ ଦିଆଯାଇଥିବା ସମସ୍ତ ପ୍ରମାଣ ଠିକ୍ ନୁହେଁ ବୋଲି କୋର୍ଟକୁ ଜଣାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୁରୁବାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଶୁଣାଣି ହୋଇଥିଲା । ଏଥିରେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ହାଜର ହୋଇଥିଲେ। କୋର୍ଟ ତାଙ୍କୁ ଡିଫେନ୍ସ ୱିଟ୍‌ନେସ୍ ବା ପରିତ୍ରାଣ ସାକ୍ଷୀ ଭାବେ ନିଜ ପକ୍ଷ ରଖିବାକୁ ସୁଯୋଗ ଦେଇଥିଲେ। ପରିତ୍ରାଣ ସାକ୍ଷ୍ୟ ପାଇଁ କୋର୍ଟକୁ ପୁଞ୍ଜିଲାଲଙ୍କ ଓକିଲ ପିଟିଶନ ମାଧ୍ୟମରେ ଜଣାଇଥିଲେ । ଏହି ପିଟିଶନକୁ ଗ୍ରହଣକରି କୋର୍ଟ ଏପ୍ରିଲ ୩କୁ ଶୁଣାଣି ତାରିଖ ଧାର୍ଯ୍ୟ କରିଥିଲେ । ଫଳରେ ଆଜି ପୁଞ୍ଜିଲାଲ ନିଜେ ନିଜର ସାକ୍ଷ୍ୟ ଦେଇ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ତାଙ୍କର ସମ୍ପୃକ୍ତି ନାହିଁ ବୋଲି କହିଥିଲେ। ଏପରି କି କ୍ରାଇମବ୍ରାଞ୍ଚ ଯେଉଁଦିନ ପାର୍ସଲ ପଠାଇଥିବା ତାରିଖ ଦେଇଛନ୍ତି ସେଦିନ ସେ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଥିଲେ ବୋଲି କହିଥିଲେ। ସେ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି। ଜଣେ ଗବେଷକ । ସେ ସେଭଳି କାର୍ଯ୍ୟ କରିବେ କିପରି ବୋଲି ନିଜ ପକ୍ଷ ରଖିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ତାଙ୍କ ବିରୋଧରେ ଯାହା ବି ପ୍ରମାଣ ଭାବେ ଉପସ୍ଥାପନ କରାଯାଇଛି ତାହା ଆଦୌ ଠିକ୍ ନୁହେଁ ବୋଲି ସେ କୋର୍ଟରେ କହିଥିଲେ। ପାର୍ସଲ ବୋମା ବିସ୍ଫୋରଣ ମାମଲାକୁ ନେଇ ପୁଞ୍ଜିଲାଲଙ୍କ ବିରୋଧରେ ଯାହା ସବୁ ଅଭିଯୋଗ କରାଯାଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପୁଞ୍ଜିଲାଲ ତାଙ୍କ ଡିଫେନ୍ସ ୱିଟ୍‌ନେସ୍‌ରେ କୋର୍ଟକୁ ଜଣାଇଥିବା ତାଙ୍କ ଓକିଲ ପ୍ରମୋଦ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପୁଞ୍ଜିଲାଲଙ୍କ ପରିତ୍ରାଣ ସାକ୍ଷ୍ୟ ପ୍ରାୟ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଜଣାପଡ଼ିଛି। ପରିତ୍ରାଣ ସାକ୍ଷୀ ଦେଲା ବେଳେ ପୁଞ୍ଜିଲାଲ ନିଜକୁ ନିର୍ଦ୍ଦୋଷ ବୋଲି କୋର୍ଟରେ ସାକ୍ଷ୍ୟ ଦେଇଥିବା ସରକାରୀ ଓକିଲ ଆଶିଷ ଚନ୍ଦନ ମଧ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କ ଉତ୍ତରରେ କହିଥିଲେ । ଶୁଣାଣି ପାଇଁ ବଲାଙ୍ଗୀର ଜିଲା କାରାଗାରରୁ କଡ଼ା ସୁରକ୍ଷା ବଳୟରେ ପୁଞ୍ଜିଲାଲଙ୍କୁ ପାଟଣାଗଡ଼ ଏଡିଜେ କୋର୍ଟରେ ହାଜର କରାଯାଇଥିଲା । ଆସନ୍ତା ଏପ୍ରିଲ ୧୬ ତାରିଖରେ ପୁଞ୍ଜିଲାଲ ପୁଣି ଥରେ ପରିତ୍ରାଣ ସାକ୍ଷୀ ଦେବେ ବୋଲି ତାରିଖ ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ଠାରେ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା । ଏହି ଘଟଣାରେ ପାଟଣାଗଡ଼ ଜବାହରଲାଲ କଲେଜର ତତ୍କାଳୀନ ଅଧ୍ୟାପକ ରବୀନ୍ଦ୍ର ସାହୁ ଏବଂ ଭଇଁଷା କଲେଜର ତତ୍କାଳୀନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଏକମାତ୍ର ପୁତ୍ର ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେମା' ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା ଓ ନବବଧୂ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ସେତେବେଳେ ଦେଶବ୍ୟାପୀ ଚାଞ୍ଚଲ୍ୟ ଖେଳାଇଦେଇଥିଲା। ଏହି ମାମଲାର ତଦନ୍ତ ହାତକୁ ନେଇ କ୍ରାଇମବ୍ରାଞ୍ଚ ଟିମ୍ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲେ। ସେହିଦିନ ଠାରୁ ଅଭିଯୁକ୍ତ ପୁଞ୍ଜିଲାଲ ବିଚାରାଧୀନ କଏଦୀ ଭାବେ ଜେଲରେ ଅଛନ୍ତି।


ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ପାଟଣାଗଡ଼ ଏଡିଜେ କୋର୍ଟକୁ ନିଆଯାଉଛି।

# ଭଙ୍ଗା ଘରେ ବିତୁଛି ଜୀବନ


ନିଜ ଘର ଆଗରେ ସୁକାନ୍ତି ।

## ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି

ଖପ୍ରାଖୋଲ,୩।୪(ଅଭୟ ତ୍ରିପାଠୀ)

ସରକାର ଗୃହହୀନ, କଚ୍ଚା ଘରେ ରହୁଥିବା ଗରିବ ପରିବାରକୁ ପକ୍କା ଘର ଯୋଗାଇ ଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ତୁରଲା ଗାଁର ସୁକାନ୍ତି ନାଗ (୩୫)ଙ୍କ ପରିବାର ପାଇଁ ଆବାସ ଯୋଜନା ଅପହଞ୍ଚ ହୋଇ ରହିଛି। ସୁକାନ୍ତିଙ୍କ ପରିବାର କହିଲେ ପୁଅ ଚୁମନ(୮), ଝିଅ ବନ୍ଦିତା (୬)। ପ୍ରାୟ ଦୁଇବର୍ଷ ହେବ ସ୍ୱାମୀ ହିରାଧର ଆରପାରିରେ। ପରିବାର ର ସବୁବୋଝ ତାଙ୍କ ମୁଣ୍ଡରେ। ସରକାରୀ ସହାୟତା କହିଲେ ୧ ହଜାର ଟଙ୍କା ବିଧବା ଭତ୍ତା ଓ ୧୫ କେଜି ମାଗଣା ଚାଉଳ। ପିଲାଙ୍କୁ ଛାଡ଼ି ପରଘରେ ମୂଲ ଲାଗିବା ସମ୍ଭବ ହେଉ ନ ଥିବା ବେଳେ ଝାଟି ମାଟି ଭଙ୍ଗା ଘରେ ପରିବାରର ସହ ବିତୁଛି ଜୀବନ। ଘରର ଉପଯୁକ୍ତ ମରାମତି ପାଇଁ ଅର୍ଥ ବାଧକ ସାଜିଥିବାରୁ ବର୍ଷା ଦିନେ ଏହି ପରିବାର ଅତ୍ୟନ୍ତ ଦୟନୀୟ ଭାବେ ଦିନ କାଟୁଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ତଳସ୍ତରରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ହାରିଗୁହାରି କରିଥିଲେ ବି କୌଣସି ସୁଫଳ ମିଳିନାହିଁ । ଫଳରେ ସୁକାନ୍ତି କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଘର ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ

ବଲାଙ୍ଗୀର,୩।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ ବାଳିକା ବିଦ୍ୟାଳୟ ପରିସରରେ ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ପର୍ଶୁରାମ ବାହିନୀ ପକ୍ଷରୁ ଭଗବାନ ଶ୍ରୀପର୍ଶୁରାମ ଜୟନ୍ତୀ ଉପଲକ୍ଷେ ସୁଧୀର କୁମାର ଚାନ୍ଦଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଶକ୍ତିବାହିନୀ ମୁଖ୍ୟ କସ୍ତୁରୀ ରଥ ମଞ୍ଚ ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥି ବ୍ରାହ୍ମଣ ମହାସଭା ସଭାପତି ଗୋପବନ୍ଧୁ ପୁରୋହିତ, ସମ୍ପାଦକ ଜୟରାମ ମିଶ୍ର, ନଗର ସଭାପତି ତଥା ଓଡିଶା ରାଜ୍ୟର ପର୍ଶୁରାମ ବାହିନୀ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ, ବରିଷ୍ଠ ସଦସ୍ୟ ଡ. ଶ୍ରୀକର ମିଶ୍ର ଓ ଅଶୋକ କୁମାର ପାଣିଗ୍ରାହୀ ଆସନ୍ତା ଏପ୍ରିଲ ୨୯ ତାରିଖରେ ହେବାକୁ ଥିବା ପର୍ଶୁରାମ ଜୟନ୍ତୀ କିପରି ଶାନ୍ତିଶୃଙ୍ଖଳାର ସହ ହୋଇପାରିବ ସେ ଉପରେ ମନ୍ତବ୍ୟ ରଖିଥିଲେ। ସୁଧୀର ତ୍ରିପାଠୀ ଏହି ଜନ୍ମୋତ୍ସବକୁ କିପରି ସୁପରିଚାଳନା କରାଯିବ ସେହି ପରିପ୍ରେକ୍ଷୀରେ ବିଭିନ୍ନ କମିଟି ଓ ଏହାର ସଦସ୍ୟଙ୍କ ନାମ ଘୋଷଣା କରିଥିଲେ । ଉକ୍ତ ସଭାରେ ସହରର ବିଭିନ୍ନ ପଡାରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ନିଜ ମତ ରଖିଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଜି ମା' ଚନ୍ଦ୍ରସେନୀ ମହୋତ୍ସବ

ବଲାଙ୍ଗୀର,୩।୪(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତାକାଲିଠାରୁ ୯ ତାରିଖ ପର୍ଯ୍ୟନ୍ତ ମା' ଚନ୍ଦ୍ରସେନୀ ମହୋତ୍ସବ ଅନୁଷ୍ଠିତ ହେବ। ବଲାଙ୍ଗୀର ସହର ଚିମିନିଭାଟିପଡାସ୍ଥିତ ଚନ୍ଦ୍ରସେନୀ ମନ୍ଦିର ନିକଟରେ ଜିଲା ସଂସ୍କୃତି ବିଭାଗ ଏବଂ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗକ୍ରମେ ଏହି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି ସଭାପତି ଶମ୍ଭୁ ନାଗ ସୂଚନା ଦେଇଛନ୍ତି । କେଉଁ ଆବାହମାନ କାଳରୁ ଏହି ମନ୍ଦିରରେ ଚୈତ୍ର ମାସ ଶୁକ୍ଳପକ୍ଷ ସପ୍ତମୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ହୋଇ ଆସୁଛି। ଏହି ପରମ୍ପରାକୁ ପଡାର ଉଦ୍ୟମୀ ଯୁବକମାନେ କିଛି ବର୍ଷ ହେଲା ମହୋତ୍ସବର ରୂପ ଦେଇଛନ୍ତି। ଚଳିତବର୍ଷ ୧୩ତମ ମହୋତ୍ସବ ଅନୁଷ୍ଠିତ ହେବ। ଶୁକ୍ରବାର ସନ୍ଧ୍ୟାରେ ପଡାର ମହିଳାମାନଙ୍କୁ ନେଇ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହି ଶୋଭାଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଘୁମୁରା ବାଦ୍ୟ ମୁଖ୍ୟ ଆକର୍ଷଣ ରହିବ। ୫ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଚଣ୍ଡିପାଠ କାର୍ଯ୍ୟକ୍ରମ ରଖାଯାଇଥିବା ବେଳେ ସନ୍ଧ୍ୟାରେ ଲୋକନୃତ୍ୟ ପରିବେଷଣ କରାଯିବ । ୬ ତାରିଖ ସକାଳ ୯ଟାରୁ ଅଷ୍ଟ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ। ୭ ତାରିଖ ସନ୍ଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମ ରଖାଯାଇଛି । ୮ ତାରିଖ ସନ୍ଧ୍ୟାରେ ସୁନ୍ଦରାକାଣ୍ଡ ପରାୟଣ ଓ ୯ ତାରିଖ ସନ୍ଧ୍ୟାରେ ସମ୍ବଲପୁରୀ ମେଲୋଡି ଅନୁଷ୍ଠିତ ହେବ। ଏହି ଅବସରରେ ମୀନାବଜାର ଲଗାଯିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୁବଳ ମହାକୁର, ଶୁଭ୍ରାଂଶୁ ମିଶ୍ର, ଡ. ରାମଜୀ ପ୍ରସାଦ ଠାକୁର, ସୁଶୀଳ କୁମାର ରାଉତ, ମନୋଜ କୁମାର ଧଳ ଓ ପ୍ରଶାନ୍ତ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

# ଚା' ଖଟିରେ ମନମୋହନଙ୍କ ସାଙ୍ଗଠନିକ ଚର୍ଚ୍ଚା


ବଲାଙ୍ଗୀର ସହର ତୁଳସୀନଗରର ଏକ ଚା' ଖଟିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଆଲୋଚନା କରୁଛନ୍ତି।

ବଲାଙ୍ଗୀର,୩।୪(ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ବୁଧବାର ବଲାଙ୍ଗୀର ଗସ୍ତରେ ଆସି ଜିଲାସ୍ତରୀୟ ସାଙ୍ଗଠନିକ ବୈଠକରେ ଯୋଗ ଦେଇଥିଲେ। ପଥରଚେପାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲା ସାଙ୍ଗଠନିକ ବୈଠକରେ ଯୋଗଦେଇ ବିଭିନ୍ନ ଦଳୀୟ କାର୍ଯ୍ୟକର୍ତ୍ତା, ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଗୁରୁବାର ସକାଳେ ମନମୋହନ ବଲାଙ୍ଗୀର ତୁଳସୀନଗରର ଏକ ଚା' ଖଟିରେ ଦଳୀୟ କର୍ମୀ ଓ ନେତାଙ୍କ ସହ ସାଙ୍ଗଠନିକ ଚର୍ଚ୍ଚା କରୁଥିବା ଦେଖାଯାଇଥିଲା। ସେଠାରେ ଭାଜପା ରାଜ୍ୟ ସଭାପତି ସାମଲଙ୍କ ସହ ଦଳୀୟ ଜିଲା ସଭାପତି ଶ୍ରୀବତ୍ସ ବେହେରା, ଭାଜପା ନେତା ରାଜକିଶୋର ନାଏକ, ଅମିତ ସିଂ ନିନା, ଶ୍ରୀକାନ୍ତ ଜାଲ, କରତାର ସିଂ ଓ ଅନ୍ୟମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଉକ୍ତ ଚା' ଦୋକାନରେ ସାମଲଙ୍କ ସହ କେତେଜଣ ସ୍ଥାନୀୟ ଲୋକ, ବୁଦ୍ଧିଜୀବୀ ଓ ଆଡଭୋକେଟ୍ ମଧ୍ୟ ଉପସ୍ଥିତ ଥିଲେ। ଏପରି କି କେତେଜଣ ସ୍ଥାନୀୟ ବିଜେଡି ନେତା ମଧ୍ୟ ମନମୋହନଙ୍କ ସହ ସେଠାରେ ଆଲୋଚନା କରୁଥିବାର ଦେଖାଯାଇଥିଲା। ଆଗାମୀ ସମୟରେ ଭାଜପା ସାଙ୍ଗଠନିକ ଓ ସଚେତନତାମୂଳକ କାର୍ଯ୍ୟ କରିବା ଉପରେ ସାମଲ ଆଲୋଚନା କରୁଥିବା ଦେଖାଯାଇଥିଲା। ଚା' ଖଟିରେ ମନମୋହନଙ୍କ ଏଭଳି ଦଳୀୟ ଆଲୋଚନା ବଲାଙ୍ଗୀରରେ ଚର୍ଚ୍ଚାର ବିଷୟ ହୋଇଛି।

# ଟ୍ରେନରେ କଟି ଯୁବକଙ୍କ ମୃତ୍ୟୁ

ଟିଟିଲାଗଡ଼,୩।୪(ଶରତ ମିଶ୍ର)

ଗୁରୁବାର ଅପରାହ୍ନରେ ଟିଟିଲାଗଡ଼ ରେଳ ଜଙ୍କସନରୁ କେସିଙ୍ଗା ପଟ ରେଳବାଇ ଅଣ୍ଡରବ୍ରିଜ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ସ୍ଥାନୀୟ ଜିଆରପି ପୋଲିସ ଜବତ କରିଛି । ମୃତକ ହେଲେ ସ୍ଥାନୀୟ ବ୍ଲକ ପଡାର କୃଷ୍ଣ ସାହୁଙ୍କ ପୁଅ ସୁନିଲ ସାହୁ (୪୫) । ସୁନିଲଙ୍କ ଶରୀର ଟ୍ରେନରେ କଟି ଯାଇଥିବା ଦେଖିବାକୁ ମିଳିଥିଲା । ମୃତକଙ୍କ ସ୍ତ୍ରୀ ତଥା ଦୁଇ ସନ୍ତାନ ଅଛନ୍ତି । ଏନେଇ ଜିଆରପି ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଜିଆରପି ଅଧିକାରୀ ବିନୟ ଭୋଇ କହିଛନ୍ତି।

# ତାଲଜୁରି ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଲୋଇସିଂହା,୩।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତାଲଜୁରି ଗ୍ରାମର ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କୁ ଫୁଲ , ଚନ୍ଦନ ଦିଆଯାଇ ସ୍ୱାଗତ କରାଯାଇଥିଲା। ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଅତିଥି ଭାବେ ସରପଞ୍ଚ ହିମାଞ୍ଚଳ ମେହେର, ପୁରାତନ ସମିତି ସଭ୍ୟ ବିଜୟ ସାହୁ, ଯୁପି ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ କାମଧର ପାତ୍ର, ସହକାରୀ ଶିକ୍ଷକ ନିର୍ମଳ କୁମ୍ଭାର, ଆୟୋଜକ ବିଦ୍ୟାଳୟର ଚେୟାରମ୍ୟାନ ସସ୍ମିତା ବାଗ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସାମ୍ବାଦିକ ବିମଳେନ୍ଦୁ ସାହୁ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଶିକ୍ଷକ ସୁରେଶ କୁମାର ଦାସ ସଭା ପରିଚାଳନା କରିଥିଲେ। କବି ତଥା ଶିକ୍ଷକ ଦିଲିପ କୁମାର ମିଶ୍ର ବିଦ୍ୟାଳୟର ପ୍ରବେଶ ପଥରୁ ନୂତନ ବିଦ୍ୟାର୍ଥୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଗ୍ରାମର ବହୁ ବ୍ୟକ୍ତି ସାମିଲ ହୋଇ ବିଦ୍ୟାଳୟର ଉନ୍ନତି, ପାଠପଢ଼ା ତଥା ଛାତ୍ରମାନଙ୍କ ଉପସ୍ଥାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ବହୁବିଧ ଉନ୍ନତି ପାଇଁ କାମ କରିବାକୁ ଅତିଥି ତଥା ଉଭୟ ନୂତନ ଓ ପୁରାତନ ଛାତ୍ରୀଛାତ୍ର ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ପ୍ରମୋଦ କଲେତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବିକା ମିଶନ ଇ.ସି.ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ


ଇ.ସି.ସଂଘର ସଭ୍ୟାମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

କଣ୍ଟାବାଞ୍ଜି,୩।୪(ଗୁରୁଦୟାଲ ହଂସ)

ଓଡିଶା ଜୀବିକା ମିଶନ ଇ.ସି.ସଂଘର ଆହ୍ୱାନ କ୍ରମେ ବଲାଙ୍ଗୀର ଜିଲା ତୁରେକେଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଦିନ ଏକ ଦାବିପତ୍ର ତୁରେକେଲା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ଗତମାସ ୨୭ ତାରିଖ ଚିଠିର ନିର୍ଦ୍ଦେଶକ୍ରମେ ପୁର୍ନଗଠନ ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖିବା ସହିତ ଇ.ସି.ମାନଙ୍କୁ ଦିଆଯାଇଥିବା ସ୍କୁଟର ଋଣ ଉପରେ ବିଚାର କରି ତିନି ବର୍ଷ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ତୁରେକେଲା ଇ.ସି. ସଂଘର ସଭାନେତ୍ରୀ ପରମେଶ୍ୱରୀ ଦଣ୍ଡସେନା, ପୂର୍ଣ୍ଣମୀ ମାଝି, ସାବିତ୍ରୀ ନିଆଲ, କିଶୋରୀ ମେହେର, ସାବିତ୍ରୀ ଛତ୍ରିଆ,ଜମୁନା ମେହେର, ସ୍ୱାଙ୍ଗେ ନାଏକ ଓ ପ୍ରତିମା ପଣ୍ଡା ଉପସ୍ଥିତ ଥିଲେ ।

# ପଦକ ବିଜେତା ଲିଖିତ କୁମାର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା

## ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ପ୍ରତିଯୋଗିତା

ବଲାଙ୍ଗୀର,୩।୪(ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଶା ଫେନ୍‌ସିଂ ସଂଘ ପକ୍ଷରୁ କଟକସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ୨୬ତମ ଜାତୀୟ ସବ୍‌ଜୁନିୟର ଫେନ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଂଶଗ୍ରହଣ କରିଥିବା ଓଡିଶା ଦଳରେ ବଲାଙ୍ଗୀର ସ୍ପୋର୍ଟସ୍ ହଷ୍ଟେଲ ଛାତ୍ର ଲିଖିତ କୁମାର ବିଶ୍ୱାଳ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇ ଲିଖିତ ଫେନ୍ସିଂର ଇପି ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରି ଓଡିଶା ପାଇଁ ଗୌରବ ଆଣିଛନ୍ତି। ବଲାଙ୍ଗୀର ଫେରିବା ପରେ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଏବଂ ଜିଲା କ୍ରୀଡ଼ା ଅଧିକାରୀ ସତ୍ୟ ପ୍ରକାଶ ମିଞ୍ଜ ପଦକ ବିଜେତା ଲିଖିତ କୁମାରଙ୍କୁ ଅଭିନନ୍ଦନ ଜଣାଇବା ସହ ଫୁଲତୋଡା ଓ ମେମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ରାଜ୍ୟ ଫେନ୍ସିଂ ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ରୋଞ୍ଜ ପଦକ ବିଜେତା ଲିଖିତ କୁମାର ବଲାଙ୍ଗୀର ମ୍ୟୁନସିପାଲିଟି ଅନ୍ତର୍ଗତ ଖଲିଆପାଲି ନିବାସୀ କ୍ରୀଡା ଶିକ୍ଷକ କ୍ଷୀତେଶ୍ୱର ବିଶ୍ୱାଳ ଏବଂ କ୍ରୀଡା ଶିକ୍ଷୟିତ୍ରୀ ସୁଷମା ବିଶ୍ୱାଳଙ୍କ ପୁଅ। ପଦକ ବିଜେତା ଲିଖିତ କୁମାରଙ୍କୁ ବଲାଙ୍ଗୀର ଫେନ୍ସିଂ ସଂଘର ଖେଳାଳି ଓ ଅନ୍ୟମାନେ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।


ଜିଲା ପ୍ରଶାସନ ପକ୍ଷରୁ ପଦକ ବିଜେତା ଲିଖିତ କୁମାର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଲାଠୋରକୁ ହରାଇ ବୁଦ୍ଧିକୋମନା ଚାମ୍ପିୟନ


ବୁଦ୍ଧିକୋମନା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି ।

ଲାଠୋର,୩।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜୟ ମା' ଲକ୍ଷ୍ମୀ ୟୁଥ କ୍ଲବ ସଭାପତି ମନୋଜ କରୁଆଁଙ୍କ ନେତୃତ୍ୱରେ କର୍ତିଆପଡ଼ା ଖେଳ ପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମପି ନୋମିନି ସନ୍ତୋଷ ଭଇଁସାଲ ଓ ସମ୍ମାନିତ ଅତିଥି ଭାବେ କ୍ରିକେଟର ମନୁ ସିଂ, ୱାର୍ଡ ମେମ୍ବର ସିକନ୍ଦର ସୁନା, ରେଳ କର୍ମଚାରୀ ଅକ୍ଷୟ କୁମ୍ଭାର, ଡମ୍ବରୁ କଠାର, ଛବି ହଂସ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ବୁଦ୍ଧିକୋମନା ଏବଂ ଲାଠୋର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଲାଠୋର ଦଳ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ କରିଥିଲେ। ନିର୍ଦ୍ଧାରିତ ୧୦ ଓଭରରେ ବୁଦ୍ଧିକୋମନା ଦଳ ୬ ଉଇକେଟ ବିନିମୟରେ ୧୩୧ ରନ ସଂଗ୍ରହ କରିଥିଲେ। ପରେ ବ୍ୟାଟିଂ କରି ଲାଠୋର ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରି ପରାଜିତ ହୋଇଥିଲେ। କ୍ରିକେଟର ଲାଏବାନ ସୁନା ଏବଂ ରଘୁ କଠାର ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ କ୍ରିକେଟର କମଳ ବେହେରା ଦାୟିତ୍ୱ ତୁଲାଇଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଅକ୍ରୁର ହାତୀ। ବିଜୟୀ ବୁଦ୍ଧିକୋମନା ଦଳକୁ ଟ୍ରଫି ସହ ନଗଦ ରାଶି ୧୫ ହଜାର ଏବଂ ପରାଜିତ ଲାଠୋର ଦଳକୁ ଟ୍ରଫି ସହ ନଗଦ ରାଶି ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ କ୍ଲବର ସଦସ୍ୟ ଲଳିତ କରୁଆଁ,ରାଜେଶ କରୁଆଁ, ନରେଶ ମାଝୀ, ଜୟଦେବ ଶବରଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରହସ୍ୟ ଉନ୍ମୋଚନ ଅପେକ୍ଷାରେ ମୃତକଙ୍କ ପରିବାର

## କେନାଲରୁ ଡ୍ରାଇଭରଙ୍କ ମୃତଦେହ ଜବତ ଘଟଣା

ଲୋଇସିଂହା,୩।୪(ସୁଶାନ୍ତ ବାରିକ)

ଗତ ମାର୍ଚ୍ଚ ୨୦ ତାରିଖ ସନ୍ଧ୍ୟାରେ ବରଗଡ ଟାଉନର ଏକାମ୍ର ଛକରୁ ବିଜେପୁର ରାସ୍ତାର ମୁଖ୍ୟ କେନାଲରୁ ଏକ ମୃତଦେହ ଜବତ ହୋଇଥିଲା । ମୃତଦେହ ବଲାଙ୍ଗୀର ଜିଲା ଲୋଇସିଂହା ଥାନା କେଉଁଟପାଲି ଗ୍ରାମର ନିଖୋଜ ଡ୍ରାଇଭର ସୁଶାନ୍ତ ସାହୁଙ୍କର ବୋଲି ଜଣାପଡିଥିଲା। ବରଗଡ ପୋଲିସ ଠାରୁ ଖବର ପାଇ ପରିବାର ଲୋକେ ସେଠାକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ତେବେ ପାରିପାର୍ଶ୍ୱିକ ସ୍ଥିତି ଦେଖିଲା ପରେ ତାଙ୍କୁ ପୂର୍ବଶତ୍ରୁତା କିମ୍ବା ଟଙ୍କା କାରବାରକୁ ନେଇ ହତ୍ୟା କରାଯାଇଥିବା ନେଇ ତାଙ୍କ ବଡଭାଇ କିଶୋର ସାହୁ ବରଗଡ ସଦର ଥାନାରେ ଅଭିଯୋଗ କରି ନ୍ୟାୟ ଦାବି କରିଥିଲେ। ଇତିମଧ୍ୟରେ ଘଟଣାକୁ ୧୪ ଦିନ ବିତିଯାଇଥିଲେ ସୁଦ୍ଧା ମୃତ୍ୟୁ ରହସ୍ୟ ଅଦ୍ୟବଧି ଉନ୍ମୋଚିତ ହୋଇପାରିନାହିଁ। ହେଲେ ତଦନ୍ତରେ ଶିଥିଳତାକୁ ନେଇ ମୃତକଙ୍କ ପରିବାର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ଲୋଇସିଂହା ଥାନା କେଉଁଟପାଲି ଗ୍ରାମର ଡ୍ରାଇଭର ସୁଶାନ୍ତ ସାହୁ ବରଗଡ ଜିଲାର ଜଣେ ବ୍ୟକ୍ତିଙ୍କ ଟ୍ରକ(ନଂ ୧୭ଜେ ୮୧୧୭) ଚଳାଉଥିଲେ । ଉକ୍ତ ଟ୍ରକରେ ଡ୍ରାଇଭର ସୁଶାନ୍ତଙ୍କ କେଉଁଟପାଲି ଗ୍ରାମର ୨ ଜଣ ବ୍ୟକ୍ତି ହେଲପର କାମ କରୁଥିଲେ । ମାର୍ଚ୍ଚ ୧୭ ତାରିଖ ପୂର୍ବାହ୍ନ ୧୧ଟାରେ ସୁଶାନ୍ତ ପରିବାର ଲୋକଙ୍କ ସହ ଫୋନରେ କଥା ହୋଇଥିଲେ। ତାପରଦିନ ପରିବାର ଲୋକେ ଫୋନ କରିବାରୁ ତାଙ୍କ ଫୋନ ବନ୍ଦ ଥିଲା । ୧୮ ତାରିଖ ଅପରାହ୍ନରେ ସୁଶାନ୍ତଙ୍କ ବଡଭାଇ କିଶୋର ସେହି ଟ୍ରକରେ ହେଲପର କାମ କରୁଥିବା ଜଣେ ଯୁବକଙ୍କୁ ଗାଁରେ ଦେଖିବା ପରେ ସୁଶାନ୍ତଙ୍କ ସମ୍ପର୍କରେ ପଚାରାଉଚରା କରିଥିଲେ। ହେଲେ ସୁଶାନ୍ତ ବରଗଡ ଟେଙ୍ଗନା ନାଳା ବ୍ରିଜ ନିକଟରେ ଟ୍ରକ ଅଟକାଇ ଶୌଚ ହୋଇ ଆସୁଛି କହି ଦୀର୍ଘ ସମୟ ଧରି ନ ଫେରିବାରୁ ଭୟରେ ସେଠାରୁ ପଳାଇ ଆସିଥିବା ଯୁବକ ଜଣକ କହିଥିଲେ । ଗତମାସ ୨୦ ତାରିଖରେ ଟେଙ୍ଗନା ନାଳରେ ଉକ୍ତ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଦୁର୍ଘଟଣାସ୍ଥଳରୁ ପ୍ରାୟ ୫ କିମି ତଳମୁଣ୍ଡ କେନାଲରୁ ତାଙ୍କ ଭାଇଙ୍କ ମୃତଦେହ ମିଳିଥିବା ପୋଲିସ ଠାରୁ ସୂଚନା ପାଇଥିବା କିଶୋର କହିଛନ୍ତି। ସୁଶାନ୍ତଙ୍କ ମୁଣ୍ଡ, ଡାହାଣ ଗୋଡ ଆଣ୍ଠୁ ଓ ବାମ ଆଖିରେ ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା। ଗାଡିମାଲିକ ଏବଂ ହେଲପରଦ୍ୱୟ ମିଶି ତାଙ୍କ ଭାଇଙ୍କୁ ହତ୍ୟା କରି କେନାଲରେ ଫିଙ୍ଗି ଦେଇଥିବା କିଶୋର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ବରଗଡ ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବାକୁ କିଶୋର ଦାବି କରିଛନ୍ତି।

## ସଂକ୍ଷେପରେ

### ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ

ବରଗଡ଼, ୩।୪(ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଗ୍ରାମର ବ୍ୟବସାୟୀ ଜୟଲାଲ ପଟେଲଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଗୁରୁବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଅମ୍ବାଭୋନା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଜୟଲାଲ ବୁଧବାର ସନ୍ଧ୍ୟାରେ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ଗୁରୁବାର ସକାଳେ କୁସମୁଦାରୁ ଦେବୁଆଁ ଯିବା ରାସ୍ତାକଡ଼ରେ ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରେ ତାଙ୍କ ବାଇକ୍ ମଧ ପଡିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ସାମାଜିକ କର୍ମୀଙ୍କ ପରଲୋକ

ବରଗଡ଼,୩।୪(ପ୍ରେମାନନ୍ଦ ଖମାରୀ)

କ୍ୟାନ୍‌ସର ପୀଡିତଙ୍କୁ ନେଇ ଗଠିତ ସଙ୍ଗଠନ ବରଗଡ଼ ଫାଇଟର୍ସ ଗ୍ରୁପ୍‌ର ସମ୍ପାଦକ ବିଶ୍ୱଜିତ ବାରିକଙ୍କ ମଙ୍ଗଳବାର ପରଲୋକ ହୋଇଛି। ତାଙ୍କ ପରଲୋକରେ ବରଗଡ଼ ସମେତ ବିଭିନ୍ନ ଜିଲାରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ବାରିକ ଫାଇଟର୍ସ ଗ୍ରୁପ୍ ଗଠନ କରି କ୍ୟାନ୍‌ସର ପୀଡିତଙ୍କୁ ସହାୟତା ପ୍ରଦାନ କରୁଥିଲେ। ସେ ବିଭିନ୍ନ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଏହାସହ ସେ ବରଗଡ଼ ରୋଟାରୀ କ୍ଲବ ସଭାପତି ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହିତ ସାମିଲ ହୋଇ ଲୋକସେବାରେ ନିଜକୁ ନିୟୋଜିତ କରିଆସୁଥିଲେ। ସେ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ବରଗଡ଼ରେ ତାଙ୍କ ଶବ ପହଞ୍ଚିଥିଲା। ସ୍ୱର୍ଗତ ବାରିକଙ୍କ ୨ ଝିଅ ଶବ ସଂସ୍କାର କରିଥିଲେ।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

ବିନିକା,୩।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅଧୀନ ରହିଲା ଗ୍ରାମର ଧର୍ମ ପରାୟଣା



ମହିଳା ସଂଯୁକ୍ତା ହୋତା(୬୫)ଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିକଟସ୍ଥ ପାପକ୍ଷୟ ଶ୍ମଶାନ ଘାଟକୁ ନିଆଯାଇ ସତ୍କାର କରାଯାଇଥିଲା। ବଡ଼ପୁଅ ଗୋବିନ୍ଦ ପ୍ରସାଦ ହୋତା ମୁଖାଗ୍ନି ପ୍ରଦାନ କରିଥିଲେ। ସାନପୁଅ ରବୀନ୍ଦ୍ର ହୋତା ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

# ସଂସ୍କୃତି, ପରମ୍ପରାକୁ ଲୋକପ୍ରିୟ କର

ସୋନପୁର,୩।୪(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଆ ପକ୍ଷ ଅବସରରେ ଗୁରୁବାର ଆମ ପୋଷାକ ଆମ ପରିଚୟ ଦିବସ ଭାବେ ପାଳନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହିକ୍ରମରେ ସରକାରଙ୍କ ଅନୁରୋଧ ରକ୍ଷା କରି ସୁବର୍ଣ୍ଣପୁର ଜିଲାର ଅଧିକାଂଶ ଲୋକେ ପାରମ୍ପରିକ ହସ୍ତତନ୍ତ ପୋଷାକ ପିନ୍ଧିଥିଲେ। ସମସ୍ତ ଜିଲା ଓ ବ୍ଲକସ୍ତରୀୟ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ହସ୍ତତନ୍ତ୍ର ପୋଷାକ ପରିଧାନ କରିଥିଲେ। ୧୪ ଦିନ ଧରି ଚାଲିବାକୁ ଥିବା ଓଡ଼ିଆ ଅସ୍ମିତାର ଉତ୍ସ ଓଡ଼ିଆ ପକ୍ଷ ୨୦୨୫ ପାଳନ ଅବସରରେ ଆମ ପୋଷାକ ଆମ ପରିଚୟ ଦିବସରେ ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ଯୋଡି ହୋଇଥିଲେ।



ଜିଲାପାଳ ଓ କର୍ମଚାରୀମାନେ ହସ୍ତତନ୍ତ ପୋଷାକ ପରିଧାନ କରିଛନ୍ତି।

**ପାରମ୍ପରିକ ହସ୍ତତନ୍ତ ପୋଷାକ ପିନ୍ଧିଲେ**

ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନଙ୍କ ସମେତ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ, କର୍ମଚାରୀମାନେ ସାମିଲ ହୋଇଥିଲେ। ସମୃଦ୍ଧ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଆହୁରି ଲୋକପ୍ରିୟ କରିବା ପାଇଁ ସାଭିମାନୀ ଓଡ଼ିଆ ଭାବେ ଆଗେଇ ଆସିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାର ପ୍ରସାର ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନକୁ ସମ୍ମାନ ଜଣାଇ ସରକାରଙ୍କ ପକ୍ଷରୁ ଆୟୋଜିତ ଡିଜିଟାଲ ସଂସ୍କରଣର ବିବିଧ କାର୍ଯ୍ୟକ୍ରମରେ ଭାଗ ନେବାକୁ ପ୍ରଶାସନ ପକ୍ଷରୁ ଜନ ସାଧାରଣଙ୍କୁ ଅନୁରୋଧ କରାଯାଇଥିଲା।

# ରାଜ୍ୟ ସିଟି, ଜିଏସ୍‌ଟି କମିଶନରଙ୍କ ନାରାୟଣନଗର ପରିଦର୍ଶନ

ବଘିଆପଡା,୩।୪(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରକୁ ରାଜ୍ୟ ସିଟି ଓ ଜିଏସଟି କମିଶନର ଯାମିନୀ ଷଡ଼ଙ୍ଗୀ ପରିଦର୍ଶନ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଶାଢ଼ୀ ବୁଣା ଦେଖିବା ସହ ଏଥିରେ କିପରି ରୋଜଗାର କରୁଛନ୍ତି ଏନେଇ ଆଲୋଚନା କରିଥିଲେ। ଏହାକୁ ନେଇ ବିଭିନ୍ନ ପଦର୍ଶନୀରେ ବିକ୍ରି କରି ଦୁଇ ପଇସା ଲାଭ କରିବାକୁ ମହିଳା ସଦସ୍ୟାଙ୍କୁ ବୁଝାଇଥିଲେ। ତାଙ୍କ ସହ ବୌଦ୍ଧ ଜିଲାପାଳ ସୁବ୍ରତ ପଣ୍ଡା, ଜଲା ପରିଷଦ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲାପାଳ ପ୍ରବୀଣ ବାଣୁଆ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ଡିପିସି ରଶ୍ମି ରଞ୍ଜନ ସେଠି, ବିପିଏମ ସତ୍ୟ ପ୍ରିୟ ବଘାର ଉପସ୍ଥିତ ଥିଲେ। ଏଥିରେ ନାରାୟଣନଗର ଜୟ ମହାଲକ୍ଷ୍ମୀ ଉତ୍ପାଦକ ଗୋଷ୍ଠୀ ଓ ମା' ତାରିଣୀ ଉତ୍ପାଦକ ଗୋଷ୍ଠୀର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଶାଢ଼ୀ ବୁଣା ପ୍ରଣାଳୀ ଓ ସୂତାରୁ ପ୍ରସ୍ତୁତ ଶାଢ଼ୀ ବୁଣା ଉପରେ ଆଲୋଚନା କରିଥିଲେ। ଏଥିରେ ଉଦୟମିତ୍ର ଅଞ୍ଜଳି ମେହେର, ଖିରାବତୀ ମେହେର, ମା' ତାରିଣୀ ଉତ୍ପାଦକ ଗୋଷ୍ଠୀର ସଭାନେତ୍ରୀ ବାସନ୍ତୀ ମେହେର, ସମ୍ପାଦିକା ସମାରୀ ମେହେର, ଜୟ ମହାଲକ୍ଷ୍ମୀ ଉତ୍ପାଦକ ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକାଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀର ୬୦ ଜଣ ମହିଳା ଉପସ୍ଥିତ ଥିଲେ।



ଜିଏସ୍‌ଟି କମିଶନର ନାରାୟଣନଗରରେ ଶାଢ଼ୀ ବୁଣା କାମ ବୁଲି ଦେଖୁଛନ୍ତି।

# ଗଦାଧର ପଣ୍ଡା ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ



ଶୋକସଭାରେ ଉପସ୍ଥିତ ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା।

ବୀରମହାରାଜପୁର,୩।୪(ଯୁଗଳ କିଶୋର ମିଶ୍ର)

ଗଦାଦର ପଣ୍ଡା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କର ପରଲୋକ ଅଞ୍ଚଳବାସୀଙ୍କ ପାଇଁ ଅପୂରଣୀୟ କ୍ଷତି। ଗୁରୁବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶୋକସଭାରେ ଏହି ମତପ୍ରକାଶ ପାଇଛି। ଅନୁଷ୍ଠାନର ସଭାପତି ଡ.ପ୍ରଫୁଲ୍ଲ ରଥଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ପଣ୍ଡାଙ୍କ ଅମର

**ବରିଷ୍ଠ ନାଗରିକ ସଂଘର ଶୋକ**

ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଭୂଷଣ କୁମାର ପାତ୍ର, କୃଷ୍ଣଚନ୍ଦ୍ର ପାଢ଼ୀ, ଭଗବାନ ମିଶ୍ର, ସନ୍ତୋଷ ଷଡ଼ଙ୍ଗୀ, ଡ.ଦ୍ୱିତୀକୃଷ୍ଣ ପଣ୍ଡା, ଦୟାନିଧି ହୋତା ତାଙ୍କ ବକ୍ତବ୍ୟରେ ଗଦାଧରଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଏହି ଅନୁଷ୍ଠାନର ସଦସ୍ୟ ରହିବା ସହ ଜଣେ ନାଟ୍ୟ ଗୁରୁ, ରାଜନେତା, ସଫଳ ଚାଷୀ ଓ ସାହିତ୍ୟାନୁରାଗୀ ଥିଲେ ବୋଲି ବକ୍ତାମାନେ କହିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଖମାର ମଠରେ ଏକଦା ଦୋଳିରେ ଦୋଳିରେ କବିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୋକସଭାରେ ଅନୁଷ୍ଠାନର ଧ୍ରୁବ ଚରଣ କ୍ଷେତି, ବାସୁଦେବ ରଥ,ଚମରା ମହାକୁର, ବାସୁଦେବ ପଣ୍ଡା, ଦିଲୀପ ତ୍ରିପାଠୀ ଯୋଗଦାନ କରିଥିଲେ। ସୌମିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଜଟେସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ବଡଖମାର ଗ୍ରାମର ଗଦାଧର ପଣ୍ଡାଙ୍କ ମଙ୍ଗଳବାର ରାତିରେ ୭୦ବର୍ଷ ବୟସରେ ପରଲୋକ ଘଟିଥିଲା।

## ୟୁଏସ୍ ପୋର୍ଟାଲ ତାଲିମ ଶିବିର

ବୀରମହାରାଜପୁର,୩।୪ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟରେ ସିଆର୍‌ସିସି ଓ ପ୍ରଧାନ ଶିକ୍ଷକ ମାନଙ୍କୁ ନେଇ ୟୁଏସ ପୋର୍ଟାଲ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ଲକର ଛଅଟି କ୍ଲଷ୍ଟର ଉଫୁଲା, ଚକାବର, ହିଲୁଙ୍ଗ, ଲୁତୁରପଙ୍କ, ବହଲପଦର ଏବଂ ଦୁର୍ଜନଟୈଲାର ସିଆର୍‌ସିସିଙ୍କ ସମେତ ସମସ୍ତ ପ୍ରଧାନଶିକ୍ଷକ ଯୋଗଦେଇଥିଲେ। ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଲିମଦାତା ଭାବେ ସିଆରସିସି ପ୍ରମୋଦ କୁମାର ବିଶ୍ୱାଳ ଏବଂ ବ୍ଲକ ଏମଆଇଏସ ପିଣ୍ଟି ଯତୀନ ଦାଶ ଯୋଗଦେଇ ୟୁଏସ ପୋର୍ଟାଲ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି ଶିବିର ତିନିଦିନ ଧରି ଚାଲିବ ବୋଲି କହିଛନ୍ତି ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସ।

## ଲୁମୁରଜେନାରେ ଅଷ୍ଟପ୍ରହର ନାମଯଜ୍ଞ

ବୀରମହାରାଜପୁର,୩।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଲୁମୁରଜେନାଠାରେ ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ଆରମ୍ଭ ହୋଇଛି। ନାମଯଜ୍ଞ କର୍ତ୍ତାଭାବେ କୃଷ୍ଣଚନ୍ଦ୍ର ପଣ୍ଡା ଓ ଯଜ୍ଞ ମଣ୍ଡପ କର୍ତ୍ତାଭାବେ ଦୈତାରି ପଣ୍ଡା ସପତ୍ନିକ କାର୍ଯ୍ୟ କରୁଛନ୍ତି। ନାମଯଜ୍ଞ ପାଇଁ ୧୨ଟି ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିଛନ୍ତି। ଶୁକ୍ରବାର ନାମଯଜ୍ଞର ପୂର୍ଣ୍ଣାହୂତି ସହିତ ସଙ୍କୀର୍ତ୍ତନ୍ୟ ବୈଠକୀ ଓ ସାମୂହିକ ପ୍ରସାଦସେବନ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

## ପ୍ରକଳ୍ପସ୍ତରୀୟ ମାଷ୍ଟର ପ୍ରଶିକ୍ଷିକ ତାଲିମ ଶିବିର



ତାଲିମ ଶିବିରରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ ଏବଂ ସୁପରଭାଇଜରମାନେ।

ବୀରମହାରାଜପୁର,୩।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପରେ ପ୍ରକଳ୍ପସ୍ତରୀୟ ମାଷ୍ଟର ଟ୍ରେନର ତାଲିମ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚାରି ଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମ ବ୍ଲକ ମହିଳା ଓ ଶିଶୁ ପ୍ରକଳ୍ପ ଅଧିକାରୀ ମଞ୍ଜୁଲତା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଶିବିରରେ ଭାରତୀ ମିଶ୍ର, ମିନତୀ ମିଶ୍ର, ଆରତୀ ମିଶ୍ର ତାଲିମଦାତାଭାବେ ଯୋଗ ଦେଇଥିଲେ। ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଏବଂ ସୁପରଭାଇଜର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଲିଙ୍ଗରାଜ ବିଶି ପରିଚାଳନା କରିଥିଲେ।

# କୁକୁଡ଼ାଘର ଯୋଜନାରେ ଅନିୟମିତତା ଅଭିଯୋଗ

ହରଭଙ୍ଗା,୩।୪(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ପ୍ରାଣୀ ଚିକିତ୍ସାଳୟ ଅଧୀନରେ ଥିବା ୧୩ ପଞ୍ଚାୟତରେ କୁକୁଡାଘର ଯୋଜନାରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ସରକାର ଗରିବ ଚାଷୀମାନଙ୍କ ଆର୍ଥିକ ଉନ୍ନତି ଆଣିବା ପାଇଁ ଏହି ଯୋଜନାରେ ଅର୍ଥ ଯୋଗାଇ ଦେଉଛନ୍ତି। ହେଲେ ପ୍ରକୃତ ଚାଷୀ ଏହାର ସୁଫଳ

**ଭିଜିଲାନ୍ସ ତଦନ୍ତ ଦାବି**

ପାଉ ନ ଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ କୁକୁଡାଘର ପାଇଁ ଅନେକ ଚାଷୀ ଆବେଦନ କରିଥିଲେ। ଆବେଦନର କ୍ରମ ଅନୁସାରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାର ନିୟମ ରହିଛି। ହେଲେ ଏଠାରେ ନିୟମକୁ ଅଣଦେଖା କରି ପୁରୁଣା ଘରକୁ ଦେଖାଇ ଗୋଟିଏ ପରିବାରକୁ ଏକାଧିକ କୁକୁଡା ଘର ବାଣ୍ଟିବା ଦ୍ୱାରା ପ୍ରକୃତ ଚାଷୀ ଯୋଜନାରୁ ବାଦ ପଡିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଗୋଟିଏ କୁକୁଡା ଘର ପାଇଁ ଏକ ଲକ୍ଷ ଆଠ ହଜାର ଟଙ୍କା ପର୍ଯ୍ୟନ୍ତ ସରକାରୀ ସହାୟତା ଯୋଗାଇ ଦିଆଯାଇଛି। ମାତ୍ର କେତେକ ଜାଗାରେ ଉଦ୍ୟାନ ବିଭାଗ ଦ୍ୱାରା ସ୍ଥାପନ କରାଯାଇଥିବା ପୁରୁଣା ପିଆଜ ଘରକୁ ନୂଆ କୁକୁଡା ଘର ଦର୍ଶାଇ ବିଲ କରାଯାଇଥିବା ଅଭିଯୋଗ ହେଉଛି। ଭିଜିଲାନ୍ସ ଦ୍ୱାରା ଏହାର ତଦନ୍ତ କରାଗଲେ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ହରଭଙ୍ଗା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ବିରେନ୍ଦ୍ର କୁମାର ପୃଷ୍ଟିଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ଆମେ ଶୁଣିବାକୁ ପାଉଛୁ, ଲିଖିତ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଥିଲେ।

# ଭାଜପା ରାଜ୍ୟ ସଭାପତିଙ୍କ ବୌଦ୍ଧ ଗସ୍ତ, କର୍ମକର୍ତ୍ତା ବୈଠକ

ବୌଦ୍ଧ,୩।୪ (ଅଜିତ କୁମାର ବାରିକ)

ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଗୁରୁବାର ବୌଦ୍ଧ ଜିଲା ଗସ୍ତ କରି କର୍ମକର୍ତ୍ତାଙ୍କ ସହ ବୈଠକ କରିଥିଲେ। ସଭାପତି ସାମଲ ଅପରାହ୍ନରେ ବୌଦ୍ଧ ଆସିବା ପରେ ସର୍କିଟ ହାଉସଠାରେ ବୌଦ୍ଧ ଓ କନ୍ଧମାଳ ନିର୍ବାଚନ ମଣ୍ଡଳିର କର୍ମକର୍ତ୍ତା ଓ କର୍ମୀମାନଙ୍କୁ ନେଇ ଏକ ବୈଠକ କରିଥିଲେ। ବୈଠକରେ ଏପ୍ରିଲ ୬ ତାରିଖ ଦଳର ପ୍ରତିଷ୍ଠା ଦିବସ ପଡୁଥିବା ବେଳେ ସେହି ଦିନ ପବିତ୍ର ରାମ ନବମୀ। ତେଣୁ ସମସ୍ତଙ୍କୁ ରାମ ନବମୀର ଶୁଭେଚ୍ଛା ଜଣାଇବା ସହ ସମସ୍ତେ ନିଜ ନିଜ ଘର ଉପରେ ପତକା ଉଡାଇବାକୁ କହିଥିଲେ। ରାଜ୍ୟ ସରକାର ଗତ ୧ ତାରିଖ ଠାରୁ ଆସନ୍ତା ୧୪ ତାରିଖ ଏକ ପକ୍ଷ ପାଳନ କରୁଛନ୍ତି। ଆସନ୍ତା ୧୪ ତାରିଖରେ ଭାରତରତ୍ନ ଭୀମରାଓ ଆମ୍ବେଡକରଙ୍କ ଜନ୍ମଦିନ ଥିବାରୁ ଗାଁ ଗାଁରେ ଦଳିତ ପରିବାର ଗୁଡିକ ସହ ଆଲୋଚନା, ସଫେଇ କାର୍ଯ୍ୟକ୍ରମ, ସାମୂହିକ ଭୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ଜିଲାରେ ଦଳର ସ୍ଥିତ ଯେପରି ମଜଭୁତ ରହିବ ସେ ନେଇ ମଣ୍ଡଳ ସ୍ତରରେ ଦୃଢ କରାଯିବାକୁ ଆହ୍ୱାନ କରିଥିଲେ। ବୌଦ୍ଧର ଗଣପର୍ବ ରାମଲିଳା ଯାତ୍ରାର ସମର ଶୋଭାଯାତ୍ରା ଜିଲା ଷ୍ଟାଡିୟମଠାରେ କରିବାକୁ ପ୍ରଶାସନ ପକ୍ଷରୁ ଅନୁମତି ମିଳୁ ନ ଥିବାରୁ ଖବରଦାତାମାନେ ପ୍ରଶ୍ନ ଉଠାଇଥିବା ବେଳେ ଏନେଇ ଜିଲାପାଳଙ୍କ ସହ ଆଲୋଚନା କରିବାକୁ କହିଥିଲେ। ବୈଠକରେ ପୂର୍ବତନ ଭାଜପା ଜିଲା ସଭାପତି ବିପ୍ରଚରଣ ମହାନ୍ତି, ଜିଲା ସଭାପତି ପ୍ରେମାନନ୍ଦ ମିଶ୍ର, ପୂର୍ବତନ ଜିଲା ସଭାପତି ଯୁଗଳ କିଶୋର ସାହୁ, ବରିଷ୍ଠ ନେତା ଶେଷ କୁମାର ମେହେର, ଶ୍ୟାମସୁନ୍ଦର ପୁରୋହିତ ଓ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଓ କର୍ମୀ ସାମିଲ ଥିଲେ।




ବୈଠକରେ ରାଜ୍ୟ ଭାଜପା ସଭାପତି ଓ ଅନ୍ୟମାନେ।

# ସ୍କୁଲ ସେଫ୍ଟି କମିଟି ଗଠନ, ସଚେତନତାକୁ ଗୁରୁତ୍ୱ

ସୋନପୁର, ୩।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସଡ଼କ ସୁରକ୍ଷା କମିଟିର ବୈଠକ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନଙ୍କ ଅଧକ୍ଷତାରେ ଜିଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକ ସମ୍ପର୍କରେ ସୂଚନା ଦେବା ସହ ଗତ ମାର୍ଚ୍ଚ ମାସରେ ଜିଲାରେ ଦୁର୍ଘଟଣାଜନିତ ୬ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ଜିଲାରେ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ସମ୍ପର୍କରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ କହିଥିଲେ ମଣିଷ ଜୀବନ ବହୁ ମୂଲ୍ୟବାନ। କିନ୍ତୁ ସାମାନ୍ୟ ଅସାବଧାନତା ଓ ଡ୍ରାଇଭରଙ୍କ ଅବହେଳା କାରଣରୁ ଦୁର୍ଘଟଣା ଘଟୁଛି। ଏଥିପାଇଁ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ଜନସାଧାରଣ ଓ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବା ଉଚିତ ବୋଲି ସେ ମତ ଦେଇଥିଲେ। ବ୍ଲକ ଛକ ଟ୍ରାଫିକ୍ ପୋଷ୍ଟରେ ଜଣେ ପୋଲିସ ଏଏସଆଇଙ୍କୁ ନିଯୁକ୍ତ କରିବା ପାଇଁ ଏସ୍‌ପିଙ୍କୁ ଅନୁରୋଧ କରାଯାଇଥିଲା। ବୁଢାରଜା ଛକ, ପଟାଭାଡି ଛକ ଓ ଅବକାରୀ ଅଫିସ



ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ସଡକ ସୁରକ୍ଷା କମିଟି ସଦସ୍ୟମାନେ।

**ସୁବର୍ଣ୍ଣପୁରରେ ସଡ଼କ ସୁରକ୍ଷା କମିଟି ବୈଠକ**

ଛକରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ହେଲମେଟ ଚେକିଂ, ଟ୍ରିପୁଲ ରାଇଡିଂ, ସ୍କୁଲ ପିଲାଙ୍କୁ ନେବା ଆଣିବା କରୁଥିବା ଯାନଗୁଡିକର ଯାଞ୍ଚକୁ କଡାକଡି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକରେ ସ୍କୁଲ ସେଫ୍ଟି କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର କେବଳ ୩ଟି ଶିକ୍ଷାନୁଷ୍ଠାନ କମିଟି ଗଠନ ନେଇ ପରିବହନ ବିଭାଗକୁ ଅବଗତ କରିଛନ୍ତି। ଅନ୍ୟ ଶିକ୍ଷାନୁଷ୍ଠାନଗୁଡିକ ଏ ଦିଗରେ ଯତ୍ନବାନ ହେବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ।

ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୋପାଳ ମଲ୍ଲିକ, ଡିଏସ୍‌ପି ଚନ୍ଦ୍ରଶେଖର ଶବର, ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ମଞ୍ଜୁଲତା ଭୋଇ, ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀ ଶୈଳେଶ ଢେଲକି, ଏମଭିଆଇ ବିଶ୍ୱରଞ୍ଜନ ସାହୁ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ପୌର ପରିଷଦ ଏମ୍‌ଇ ଯଯାତି ପ୍ରଧାନ, ଅଜୟ କୁମାର ସ୍ୱାଇଁ, ଜିଲା ସଡ଼କ ସୁରକ୍ଷା କମିଟିର ମୃତ୍ୟୁଞ୍ଜୟ ଶତପଥୀ, ଅଞ୍ଜଳି ନେଗୀ, ଟ୍ରକ୍ ମାଲିକ ସଂଘର ଫଣିନ୍ଦ୍ର କୁମାର ଦାଶ, ରାଜୀବ କୁମାର ପଟ୍ଟନାୟକ ଉପସ୍ଥିତ ରହି ନିଜର ମତ ରଖିଥିଲେ।

## ସଂକ୍ଷେପରେ

### ଭିନ୍ନକ୍ଷମଙ୍କୁ ସଶକ୍ତ କରୁଛି ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ମହାନଗର ନିଗମ ଏବଂ ଜିଲା ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ କୋଏଲନଗରସ୍ଥିତ କଲ୍ୟାଣ ମଣ୍ଡପରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଏହାର ପ୍ରମାଣପତ୍ର ଦେବା ପାଇଁ ଡାକ୍ତରୀ କ୍ୟାମ୍ପ କରାଯାଇଥିଲା। ଡାକ୍ତରମାନେ ଶ୍ରବଣ ଓ ବାକ୍ ବାଧିତ, ଦୃଷ୍ଟି ବାଧିତ, ଶାରୀରିକ ଭିନ୍ନକ୍ଷମ ଏବଂ ମାନସିକ ଭିନ୍ନକ୍ଷମତା ଚିହ୍ନଟ କରିଥିଲେ। ଏହି ଅଭିଯାନ ମାଧ୍ୟମରେ ଚିହ୍ନଟ ୩୧୨ ଦିବ୍ୟାଙ୍ଗଙ୍କୁ ଆଗାମୀ ଦିନରେ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିରେ ଚିହ୍ନଟ ହୋଇଥିବା ୧୨ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ, ୯ଜଣଙ୍କୁ ହ୍ୱିଲ ଚେୟାର ଭଳି ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯିବ। ଏଥିସହ ୧୫ଜଣଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଅଭିଯାନରେ ବିବାହ ପ୍ରୋତ୍ସାହନ ଅର୍ଥରାଶି, ଭିନ୍ନକ୍ଷମ ସହାୟକ ଉପକରଣ ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୀନୁ ତାଣ୍ଡିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମାକ୍ସୱେଲ ଟପ୍ପୋଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଏବଂ ଅଙ୍ଗନୱାଡ଼ି ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ।


ଶିବିରରେ ଭିନ୍ନକ୍ଷମ ଚିହ୍ନଟ କରାଯାଉଛି।


ଚୈତ୍ର ଛଟ୍ ପୂଜା ଅବସରରେ ଗୁରୁବାର ବ୍ରତୀମାନେ ରାଉରକେଲାର ଝିରପାଣି ଘାଟରେ ପୂଜା କରୁଛନ୍ତି।

# ଚୈତ୍ର ଛଟ୍ ପୂଜା: ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ବ୍ରତୀ

ରାଉରକେଲା,୩।୪(ସଙ୍ଗୀତା ଜେନା)

ଉତ୍ତର ଭାରତୀୟ ତଥା ବିହାରୀ ସମ୍ପ୍ରଦାୟଙ୍କ ପ୍ରକୃତିପୂଜନ ପର୍ବ ଚୈତ୍ର ଛଟ୍ ପୂଜା ଆରମ୍ଭ ହୋଇଛି। ଗତ ମଙ୍ଗଳବାର ଏକବାର, ବୁଧବାର ଖରନା ପାଳନ ପରେ ଗୁରୁବାର ସନ୍ଧ୍ୟାରେ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇଛି। ଝିରପାଣି ସ୍ଥିତ ଆଦିତ୍ୟ ଘାଟରେ ଝିରପାଣି, ଜଗଦା, ସେକ୍ଟର, ଗୋପବନ୍ଧୁପାଲୀ, ସ' ମିଲ୍, ନୟାବଜାର ସମେତ ଆଖପାଖ ଅଞ୍ଚଳରୁ ହଜାର ହଜାର ବ୍ରତୀ ତାଙ୍କ ପରିବାରବର୍ଗ ଝିରପାଣି, ରୁପୁଟୋଲା, ବାଲୁଘାଟ ଓ ଅନ୍ୟ ଘାଟମାନଙ୍କରେ ପହଞ୍ଚି ପୂଜା କରିଥିଲେ। ଆଦିତ୍ୟ ଘାଟ ଛଟ୍ ପୂଜା ସେବା ଟ୍ରଷ୍ଟ ପକ୍ଷରୁ ଆଲୋକ ସାଜସଜ୍ଜା, ଚେଞ୍ଜିଂ ରୁମ୍ ତଥା ବ୍ରତୀମାନଙ୍କ ପାଇଁ ପୂଜା ସାମଗ୍ରୀ ଉପଲବ୍ଧ କରାଯାଇଥିଲା। ସଙ୍ଗଠନର ସଞ୍ଜୟ ସିଂହ, ଡି. ଏନ୍. କୁମାର, ମିଥିଲେଶ ସିଂହ, ହରିଶଙ୍କର ଶାହା, ମହେନ୍ଦ୍ର ମହତୋ, ବିଶାଖା ମହତୋ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପରେ ବ୍ରତ ସମାପନ କରାଯିବ। ସୂଚନାଯୋଗ୍ୟ, ବର୍ଷକୁ ଏହି ପର୍ବ ପ୍ରାୟ ୨ ଥର ପାଳନ କରାଯାଇଥାଏ। କାର୍ତ୍ତିକ ଓ ଚୈତ୍ର ମାସରେ ଏହାକୁ ବ୍ରତୀମାନେ ପରିବାରର ସୁଖ, ଶାନ୍ତି ଏବଂ ଶୁଭ ମନାସି କରିଥାନ୍ତି। ୪ ଦିନ ବ୍ୟାପୀ ଏହି ପର୍ବରେ ବ୍ରତୀ ପ୍ରାୟ ୪୮ ଘଣ୍ଟା ନିର୍ଜଳା ଉପବାସ ରହିଥାନ୍ତି। ଚୈତ୍ର ଛଟ୍ କଷ୍ଟକର ହୋଇଥିଲେ ମଧ୍ୟ ଏହି ପର୍ବ ଲୋକଙ୍କ ଦ୍ୱାରା ଆଦୃତ ହୋଇଛି।

# ତରକେରାକୁ ସ୍ଥାନାନ୍ତର ହେବ ଡମ୍ପିଂ ୟାର୍ଡ

## ୨ କୋଟିରେ ନିର୍ମାଣ ହେବ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର

ରାଉରକେଲା,୩।୪(ସଙ୍ଗୀତା ଜେନା)


ଖବରଦାତା ସମ୍ମିଳନୀରେ ଆର୍‌ଏମ୍‌ସି କମିଶନର ସୂଚନା ଦେଉଛନ୍ତି।

ରାଉରକେଲା ସହରରୁ ପ୍ରତ୍ୟେକ ଦିନ ୧୨୦ରୁ ୧୩୦ ମେଟ୍ରିକ ଟନ୍ ବର୍ଜ୍ୟବସ୍ତୁ ବାହାରୁଛି। ଏହାକୁ ପ୍ରକ୍ରିୟାକରଣ କରି ସାରରେ ପରିଣତ କରିବା ପାଇଁ ଦକ୍ଷିଣ ରାଉରକେଲା ତରକେରାଠାରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ନିର୍ମାଣ କରାଯିବ। ୩ଏକର ପରିମିତ ଜାଗାରେ ଏହାକୁ ୨କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଏ ନେଇ ଗୁରୁବାର ମଧ୍ୟାହ୍ନ ୧୨ଟାରେ ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) କମିଶନର ଆଶୁତୋଷ କୁଲକର୍ଣ୍ଣୀ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।

କୁଲକର୍ଣ୍ଣୀ କହିଛନ୍ତି, ଆର୍‌ଏମ୍‌ସିର ବିଭିନ୍ନ ୱାର୍ଡରୁ ପ୍ରତ୍ୟେକ ଦିନ ୧୨୦ରୁ ଊର୍ଦ୍ଧ୍ୱ ବର୍ଜ୍ୟବସ୍ତୁ ବାହାରୁଛି। ପୂର୍ବରୁ ଏହାକୁ ଛେଣ୍ଡ ବିପିୟୁଟି ତଥା ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ୍‌ର ନିକଟବର୍ତ୍ତୀ ଅଞ୍ଚଳରେ ଗଚ୍ଛିତ କରାଯାଉଥିଲା। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ପରିବେଶ ଦୂଷିତ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଆର୍‌ଏମ୍‌ସି ପକ୍ଷରୁ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) କର୍ତ୍ତୃପକ୍ଷଙ୍କୁ ଗତ ଜାନୁଆରୀ ମାସରେ ଡମ୍ପିଂ ୟାର୍ଡ ପାଇଁ ଜମି ଯୋଗାଇବାକୁ ଅନୁରୋଧ କରାଯାଇଥିଲା। ଏହାସହ ସଂଗୃହୀତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରାଯାଉଛି। ଯଥାଶୀଘ୍ର ଏହା ଶେଷ ହୋଇଯିବ। ପୁନର୍ବାର ଏଗୁଡ଼ିକ ଛେଣ୍ଡ ଅଞ୍ଚଳରେ ଡମ୍ପିଂ ଓ ପ୍ରକ୍ରିୟାକରଣ କରା ନ ଯାଇ ତରକେରାରେ କରାଯିବ। ଫଳରେ ଛେଣ୍ଡ ଅଞ୍ଚଳର ପରିବେଶ ସୁରକ୍ଷିତ ରହିବ। ସମ୍ପ୍ରତି ଛେଣ୍ଡ ତଥା ବିପିୟୁଟି ନିକଟରେ ଜମା ହୋଇଥିବା ବର୍ଜ୍ୟବସ୍ତୁକୁ ବାୟୋ ମାଇନିଂ କରାଯାଉଛି। ନୂତନ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ପାଇଁ ଗତ ମାର୍ଚ୍ଚ ୪ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଛି। ଉକ୍ତ ସେଣ୍ଟରରେ ୩୦ଟି ଏସ୍‌ଏଚ୍‌ଜିକୁ ନିୟୋଜିତ କରାଯିବ ବୋଲି କମିଶନର କୁଲକର୍ଣ୍ଣୀ ସୂଚନା ପ୍ରଦାନ କରିଥିଲେ ।

# ଦେହ ବ୍ୟବସାୟ ବିରୋଧରେ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ



ଏସ୍‌ପିଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଜଗଦା ଅଞ୍ଚଳବାସୀ।

ରାଉରକେଲା,୩।୪(ସଙ୍ଗୀତା ଜେନା)

ଗତ ମଙ୍ଗଳବାର ରାଉରକେଲା ଜଗଦା ଅଞ୍ଚଳରେ ଚାଲିଥିବା ଦେହ ବ୍ୟବସାୟ ବିରୋଧରେ ସ୍ଥାନୀୟ ଅଞ୍ଚଳବାସୀ ଏକଜୁଟ୍ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରେ ପ୍ରଥମେ ଝିରପାଣି ଥାନାଧିକାରୀ ପ୍ରଦୀପ ନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସ୍‌ପିଙ୍କୁ ଏହାର ନକଲ ପ୍ରଦାନ କରାଯାଇଥିଲା। ଏହି ସମୟରେ ହରପ୍ରିୟା ପଟ୍ଟନାୟକ, କୋମଳ ସାହୁ, ମୀନତି ବାରିକ, ମମତା ତ୍ରିପାଠୀ, ଅଲିଅଳ ମିଶ୍ର, ଅନୀତା ରାଉତ, ପ୍ରେମଲତା ମହାନ୍ତି, ଚନ୍ଦ୍ରକାନ୍ତି ପାଇକରାୟ, ରବି କିଶୋର ପଟ୍ଟନାୟକ, ମହେନ୍ଦ୍ର ସାହୁ, ଶାନ୍ତିଲତା ନାୟକ, ଆଦିତ୍ୟ ତ୍ରିପାଠୀ, ଶୁଭଶ୍ରୀ ଦାସ, ଜୟରାମ ପାତ୍ରଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଜଗଦା ରାଉରକେଲା ସହରର ଏକ ପ୍ରମୁଖ ଅଞ୍ଚଳ। ଜଗଦାର ଏକ ଘରେ ପ୍ରାୟ ୨ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏଭଳି ଘୃଣ୍ୟ ବ୍ୟବସାୟ ଚାଲୁଥିଲେ ମଧ୍ୟ କେହି ଟେର ପାଉ ନ ଥିଲେ। ତେଣୁ ତୁରନ୍ତ ଏହି ଘରକୁ ସିଲ୍ କରିବା ସହ ଏପରି କାର୍ଯ୍ୟର ପୁନରାବୃତ୍ତି ଯେପରି ନ ହୁଏ ସେ ଦିଗରେ ପଦକ୍ଷେପ ନେବାକୁ ସାମାଜିକ କର୍ମୀ ହରପ୍ରିୟା ପଟ୍ଟନାୟକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ଏ ନେଇ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅଞ୍ଚଳବାସୀ ଫେରିଥିଲେ।

# ଆଭା ଅନ୍ୱେଷର ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା,୩।୪(ଦିନେଶ ମିଶ୍ର)

ରାଉରକେଲାର ଶିକ୍ଷାର୍ଥୀ ଓ ଶିକ୍ଷକ ସାମାଜିକ କଲ୍ୟାଣ ସଙ୍ଗଠନ 'ଆଭା ଅନ୍ୱେଷ'ର ୧୧ତମ ବାର୍ଷିକ ପ୍ରତିଷ୍ଠା ଦିବସ ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ଡେଲିମାର୍କେଟ ସ୍ଥିତ ଟାଉନ ହାଇସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୂର୍ବତନ ବିଇଓ ଶରତ କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଓଡ଼ିଆ ନୂଆବର୍ଷ ତଥା ପଣା ସଂକ୍ରାନ୍ତିରେ ସାରନା ଛକରେ ପଣା ବିତରଣ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ପ୍ରମୋଦ ଭଞ୍ଜ, ଅନ୍ତନ ଚରଣ ନାୟକ, ଅଭୟ କୁମାର ସାହୁ, ଆନନ୍ଦ ଚନ୍ଦ୍ର ମଲ୍ଲିକ, ଚନ୍ଦ୍ର ଶେଖର ରାଉତ, ନମିତା ମହାନ୍ତି, ସଂଯୁକ୍ତା ରାଉତ, ନଳିନୀପ୍ରଭା ସାହୁ, ମନିତା ମହାନ୍ତି, ପ୍ରିୟଙ୍କା ସାହୁ, ସିପ୍ରା ସାହୁ, ଦୀପ୍ତିମୟୀ ପରିଡା, ଗଙ୍ଗାଧର ମହାତୋ, ରେଖା ଯାଦବ ପ୍ରମୁଖ ସହଯୋଗ କରିଥିଲେ। ଯଶୋବନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଓଜସ୍ୱିନୀ ବ୍ୟଞ୍ଜନ ପ୍ରଦର୍ଶନୀ ଥିଲା ମୁଖ୍ୟ ଆକର୍ଷଣ

## ମୁଁ ଓଡ଼ିଆ ମୁଁ ଗର୍ବିତ ସଙ୍ଗଠନର ଓଡ଼ିଶା ଦିବସ ପାଳନ

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ମୁଁ ଓଡ଼ିଆ ମୁଁ ଗର୍ବିତ ସଙ୍ଗଠନ ପକ୍ଷରୁ ବୁଧବାର ଓଡ଼ିଶା ଦିବସ ସେକ୍ଟର-୩ ବାସନ୍ତୀ ପୂଜା ପଡିଆରେ ପାଳିତ ହୋଇଯାଇଛି। ସଙ୍ଗଠନର ଅଧ୍ୟକ୍ଷ ବିଭୁଦାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଟକର ଶିକ୍ଷାବିତ୍ ଶଶଧର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମୁଁ ଓଡ଼ିଆ ମୁଁ ଗର୍ବିତ ଭଳି ସଙ୍ଗଠନ ହିଁ ଆଜି ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବଜାୟ ଦିଗରେ ମୁଖ୍ୟ କର୍ଣ୍ଣଧାର ସାଜିଛନ୍ତି ବୋଲି କହିଥିଲେ। ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ଉପଦେଷ୍ଟା ସୁଧିର ସୁନ୍ଦର ରାୟ, ଅନିରୁଦ୍ଧ ବିଶ୍ୱାଳ, ସାଙ୍ଗଠନିକ ସମ୍ପାଦକ ଗୋପାଳ ଜେନା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଓଜସ୍ୱିନୀ ବ୍ୟଞ୍ଜନ ପ୍ରଦର୍ଶନୀ। ଏଥିରେ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ସହ ଓଡିଆଙ୍କ ପ୍ରିୟ ଖାଦ୍ୟ ପ୍ରଦର୍ଶନୀ ହୋଇଥିଲା। ଉପସ୍ଥିତ ମହିଳାମାନଙ୍କ ମଧ୍ୟରେ ହୁଳହୁଳି ଓ ଶଙ୍ଖ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଓଡ଼ିଶା ଦିବସ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପ୍ରୟାସ ସଙ୍ଗଠନ, ସ୍ମାର୍ଟ ଲେଡିଜ କ୍ଲବ, ଡ୍ରିମ୍ ଟିମ୍, ଶିବଶକ୍ତି କ୍ଲଷ୍ଟର, ଶୁଭେନ୍ଦୁ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ନମିତା ତ୍ରିପାଠୀ, ସମ୍ପାଦକ ପ୍ରିୟତମ ଦାସ, ସରୋଜ ନାୟକ, ଯୁଗ୍ମ ସମ୍ପାଦକ ବିରଜା ନନ୍ଦ ତ୍ରିପାଠୀ, କୋଷାଧ୍ୟକ୍ଷ ଲୀନା ନାୟକ, ସାଂସ୍କୃତିକ ସମ୍ପାଦକ ପ୍ରୀତିରାଣୀ ରାଉତ, ସଂଯୋଜକ ଜିତେନ ମାଛଖଣ୍ଡ, ହେମଲତା ପ୍ରସାଦ, ରଞ୍ଜିତା ଭଞ୍ଜଦେଓ, ରତ୍ନରେଖା ସାହୁ, ସଂଯୁକ୍ତା ତ୍ରିପାଠୀ, ଧନଞ୍ଜୟ ସେଠୀ, ରଜତ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

# ୧ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ)

ବନମାଳି ଧୂପାଳ ଚାରିଟେବୁଲ ଟ୍ରଷ୍ଟ ଏବଂ ଆପୋଲୋ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ବୁଧବାର ହସ୍ପିଟାଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିମ୍ବ, କୋଚିଆ, ଜିନିଆ, କଲିୟୁସ, ସୂର୍ଯ୍ୟମୁଖୀ, କାକ୍‌ଟସ, ପିସଲିଲି, ଗ୍ଲାଡ଼ିଓଲସ, ଅଗ୍ଲୋନେମିଆ ଆଦି ୧ ହଜାରରୁ ଊର୍ଦ୍ଧ୍ୱ ବୃକ୍ଷଚାରା ରୋପଣ କରାଯାଇଥିଲା। ବୃକ୍ଷର ଯତ୍ନ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଟ୍ରଷ୍ଟର ଅଧ୍ୟକ୍ଷା ଡ. ମଧୁସ୍ମିତା ଧୂପାଳ ଓ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ଧୂପାଳ ଆପୋଲୋ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧୀକ୍ଷକ ଡା. ଅଖିଳ ଜୈନ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଅରବିନ୍ଦ ସାମଲ ଏବଂ ମୁଖ୍ୟ ବିତ୍ତ ଅଧୀକ୍ଷକ ଗୋଲାପ ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଦୀପ୍ତିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆପୋଲୋର ଉଜ୍ଜ୍ୱଳ କୁଳିଆ, ବିଶ୍ୱଜିତ ବଳ, ଆଦିତ୍ୟ ତିୱାରୀ, ମହାପ୍ରବନ୍ଧକ କଳ୍ପତରୁ ସାହୁ, ବାୟୋମେଡିକାଲ ମୁଖ୍ୟ ସିଦ୍ଧାର୍ଥ ନନ୍ଦୀ, ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖ ବୃକ୍ଷରୋପଣ କରିଥିଲେ।

# ଭାଷା ସାହିତ୍ୟର ସୁରକ୍ଷା ପାଇଁ ଆହ୍ୱାନ

## ପ୍ରଗତିର ୧୧ତମ ବାର୍ଷିକୋତ୍ସବ

ରାଉରକେଲା/ଲହୁଣୀପଡା,୩।୪
(ବିପ୍ଳବ ରଞ୍ଜନ ଦାଶ/ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ବିଶ୍ରା ବରସୁଆଁର ପ୍ରଗତି ସାଂସ୍କୃତିକ ଅନୁଷ୍ଠାନର ୧୧ତମ ବାର୍ଷିକୋତ୍ସବ ଓ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ସତ୍ୟନାରାୟଣ ବେହେରା ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ବସନ୍ତ କୁମାର ନାୟକଙ୍କ ଆବାହକତ୍ୱ ଓ ଉପଦେଷ୍ଟା କବି କୁଞ୍ଜବିହାରୀ ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା କଲେଜ ଅଧ୍ୟକ୍ଷ ଡ. ରବିନ୍ଦ୍ର କୁମାର ଜେନା ମୁଖ୍ୟଅତିଥି, ବରସୁଆଁ ବିଦ୍ୟୁତ୍ ବିଭାଗ ପ୍ରବନ୍ଧକ ନୃସିଂହ ନାୟକ, ଡେପୁଟି ମ୍ୟାନେଜର ଶ୍ରୀଜନ ହାଁସଦା, ଉପ ପ୍ରବନ୍ଧକ ସରୋଜ ବେହେରା ଓ ସଂଗ୍ରାମ କିଶୋର ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଡ. ଜେନା ତାଙ୍କ ବକ୍ତବ୍ୟରେ ଅନୁଷ୍ଠାନର ସାମାଜିକ ପ୍ରତିବଦ୍ଧତା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗଙ୍ଗାଧର ମେହେରଙ୍କ ସମେତ ବହୁ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିମାନେ ସାମ୍ପ୍ରତିକ ସ୍ଥିତିରେ ଆହ୍ୱାନ ଓ ଭାଷା ସାହିତ୍ୟର ସୁରକ୍ଷା ତଥା ରାଜ୍ୟର ଉନ୍ନତିରେ ସମସ୍ତଙ୍କ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡ଼ ଜେନାଙ୍କୁ ପ୍ରଗତି ବିଦ୍ୱତ୍ତା ସାରସ୍ୱତ ସମ୍ମାନ, ସମସ୍ତ ସମ୍ମାନିତଙ୍କୁ ପ୍ରଗତି ସାରସ୍ୱତ ସମ୍ମାନ, ସଂଯୋଜକଙ୍କୁ ପ୍ରଗତି ସରସ୍ୱତୀ ପୁରସ୍କାର ଏବଂ ଶାନ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଗରୁମା ଫୁଲେଶ୍ୱରୀ ପାତ୍ରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶଶିଭୂଷଣ ମାହାନ୍ତ, କୈଳାଶ ଚନ୍ଦ୍ର ପଣ୍ଡା, ସୁଧୀର ଜେନା ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ପରିବାର ପୃଥିବୀର ସର୍ବୋତ୍ତମ ବିଦ୍ୟାଳୟ

## ରାଉରକେଲା କଲେଜରେ ଆଲୋଚନାଚକ୍ର

ରାଉରକେଲା,୩।୪(ବିପ୍ଳବ ରଞ୍ଜନ ଦାଶ)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ରାଉରକେଲା କଲେଜ ଓ ମା' ଘର ଫାଉଣ୍ଡେଶନ ଟ୍ରଷ୍ଟ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଶାନ୍ତି ନିମିତ୍ତ ଅଭିଭାବକତ୍ୱ ଶୀର୍ଷକ ଆଲୋଚନାଚକ୍ର ଗୁରୁବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଆଲୋଚନାଚକ୍ରରେ ମା' ଘରର ମୁଖ୍ୟ ରତ୍ନପର୍ଣ୍ଣା ମହାନ୍ତି ମୁଖ୍ୟ ଅତିଥି, ଡାକ୍ତର ସୁସ୍ମିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମହାନ୍ତି ତାଙ୍କ ବକ୍ତବ୍ୟରେ କହିଲେ, ପରିବାର ହେଉଛି ପୃଥିବୀର ସର୍ବୋତ୍ତମ ବିଦ୍ୟାଳୟ। ଭାରତର ସଂସ୍କୃତି ମହାନ। ଯୁଦ୍ଧ ନ ଥିଲେ ଶାନ୍ତି ଥାଏ। ଶାନ୍ତି ହେଉଛି ସବୁଠାରୁ ଦୁର୍ମୂଲ୍ୟ ତଥା ସବୁଠାରୁ ସହଜଲଭ୍ୟ। ଏହାସହ ସେ ଶିକ୍ଷା ଉପରେ ଗୁରୁତ୍ୱାରୋପ କରି କହିଲେ, ସମ୍ପ୍ରତି ଶିକ୍ଷାନୀତିରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ବେରୋଜଗାର, ବିସ୍ଥାପନ, ଦାରିଦ୍ର୍ୟ, ଅସୁରକ୍ଷିତ ସମାଜ, ଶୋଷଣ ଆଦି ଶାନ୍ତି ବ୍ୟାହତର କାରଣ। ସନାତନ ସଂସ୍କୃତି ଓ ଆଧୁନିକ ବିଜ୍ଞାନ ପରସ୍ପର ପରିପୂରକ। ଏହାସହ ଆମ ଯୌଥ ପରିବାର, ଏହାର ସଂସ୍କାର କିପରି ପାଶ୍ଚାତ୍ୟ ଅନୁକରଣରେ ବିପନ୍ନ ସେ ସମ୍ପର୍କରେ ମହାନ୍ତି ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଡା. ସାହୁ କହିଥିଲେ, ସନ୍ତାନର ଲାଳନପାଳନରେ ପିତାମାତାଙ୍କ ଭୂମିକା, ଗର୍ଭାବସ୍ଥାରୁ ଶିଶୁର ମାନସିକ, ଆଘ୍ରାଣ, ସ୍ୱର ଶୁଣିବା ଆଦି ତଥା ଶିଶୁର ଶାରୀରିକ, ମାନସିକ, ସାମାଜିକ ଓ ଆଧ୍ୟାତ୍ମିକ ବିକାଶ ପ୍ରସଙ୍ଗରେ ସେ ପ୍ରୋଜେକ୍ଟର ମାଧ୍ୟମରେ ତଥ୍ୟଭିତ୍ତିକ ବ୍ୟାଖ୍ୟାନ କରିଥିଲେ। ଅଧ୍ୟାପକ କରୁଣାକର ପାଢ଼ଶାଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କବି କୁଞ୍ଜବିହାରୀ ରାଉତ କବିତା ପାଠ କରିଥିଲେ। ଓଡ଼ିଆ ବିଭାଗ ପ୍ରାଧ୍ୟାପିକା ରଶ୍ମିପ୍ରଭା ମଥାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପିକା ବନ୍ଦନା ସୋରେଙ୍ଗ ମଞ୍ଚାସୀନ ଥିଲେ। ମନୋଜ କୁମାର ଦଳାଇ, ରଞ୍ଜିତ ପ୍ରଧାନ, ଭାରତୀ ବରୱା, ଦୀପାଳି ପ୍ରଧାନ, ଅଜିତ ବେକ, ରାଜକୁମାର ସାହୁ, ଜିତେନ୍ଦ୍ର ଡାକୁଆ, ମୌସୁମୀ ଦାସ, ଗୋକୁଳ ଚନ୍ଦ୍ର ପଧାନ, ଅନିଲ କୁମାର ରାମ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

**ପାରମ୍ପରିକ ପୋଷାକ ପରିଧାନ ଅଭିଯାନ**

ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନୀ): ସମ୍ବଲପୁର ଜିଲା ଜମନକିରା ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ପାରମ୍ପରିକ ପୋଷାକ ପରିଧାନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଓଡ଼ିଆ ପକ୍ଷ ପାଳନ କରିଥିଲେ। ସମସ୍ତେ ସମ୍ବଲପୁରୀ ଏବଂ ଓଡ଼ିଶାର ହସ୍ତତନ୍ତ ବସ୍ତ୍ର ପରିଧାନ କରି ଉତ୍କଳୀୟ ପରମ୍ପରାକୁ ବଜାୟ ରଖିବାକୁ ଉଦ୍ୟମ କରିଥିଲେ।

**ସଂକ୍ଷେପରେ**

## ୪ ପିତୃହୀନ କନ୍ୟାଙ୍କୁ ଆପଣାଇଲେ ଡାକ୍ତର ରାମଚନ୍ଦାନୀ

**ସମ୍ବଲପୁର,୩।୪(ଭବାନୀ ଶଙ୍କର ଭୋଇ)**

ପ୍ରଭାବତୀ ଶିଶୁକନ୍ୟା ସହାୟତା ଅଭିଯାନରେ ଗୁରୁବାର ସୁନାମଧନ୍ୟ ଡାକ୍ତର ଶଙ୍କର ରାମଚନ୍ଦାନୀ ୪ଜଣ ପିତୃହୀନ କନ୍ୟାଙ୍କୁ ଆପଣେଇଛନ୍ତି। ଡାକ୍ତର ରାମଚନ୍ଦାନୀ ଏହି ୪ ଝିଅଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଦାୟିତ୍ୱ ନେଇଛନ୍ତି। ମହାନଗର ନିଗମର ପରଦେଶୀ ପଡାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡାକ୍ତର ରାମଚନ୍ଦାନୀ ଯୋଗଦେଇ ସଂପୃକ୍ତ ଝିଅଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ଏହି ଅବସରରେ ଜିଲା ଶିକ୍ଷା ନିରୀକ୍ଷଣ ମଞ୍ଚ ସଦସ୍ୟ ପ୍ରଫୁଲ୍ଲ ଦାଶ, ଜ୍ୟୋତି ଶତପଥୀ, ନିକିତା ମଲ୍ଲିକ ଉପସ୍ଥିତ ଥିଲେ।

## ରାମନବମୀ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

**କୁଚିଣ୍ଡା,୩।୪(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା କୁଚିଣ୍ଡାରେ ରାମ ନବମୀ ପୂଜା ପାଇଁ ସମଗ୍ର ସହର ଚଳଚଞ୍ଚଳ ହୋଇପଡିଛି। କୁଚିଣ୍ଡା ସହରର ପଞ୍ଚମୁଖୀ ଛକ, ବସ୍‌ଷ୍ଟାଣ୍ଡ ହନୁମାନ ମନ୍ଦିର, ପଞ୍ଚମୁଖୀ ମନ୍ଦିର, ୱାର୍ଡ଼ ନମ୍ବର ୯ ସ୍ଥିତ ରାମ ମନ୍ଦିରରେ ପ୍ରସ୍ତୁତି ଜୋରଦାର ଚାଲିଛି। କୁଚିଣ୍ଡା ରାମଜୀପଡ଼ା ଶ୍ରୀରାମ ମନ୍ଦିରରେ ବୁଧବାର ମନ୍ଦିର କମିଟି ପକ୍ଷରୁ ସଭାପତି ଯୁଧିଷ୍ଠିର ଦାନୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୬ତାରିଖରେ ରାମ ନବମୀ ପଡୁଥିବାରୁ କିଭଳି ଭାବେ ପୂଜା କରାଯିବ ସେ ନେଇ ଆଲୋଚନା ହୋଇଛି। ସକାଳେ ଶ୍ରୀରାମଚନ୍ଦ୍ର ମହାପ୍ରଭୁଙ୍କ ଷୋଡ଼ଶ ଉପଚାର ପୂଜା ଓ ହୋମଯଜ୍ଞ ହେବ। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ନେଇ ଆଲୋଚନା ହୋଇଥିଲା। ବୈଠକରେ କମିଟି ସାଧାରଣ ସମ୍ପାଦକ ବ୍ରହ୍ମପ୍ରକାଶ ମହାପାତ୍ର, ଉପସଭାପତି ତନୟ ମହାପାତ୍ର, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସଦସ୍ୟ ଅଜିତ ଚାଲାନ, ରାମଚନ୍ଦ୍ର ବେହେରା, ହରିଶଙ୍କର ନାୟକ, ବୁଧୁ ସା, ଚିତ୍ତରଞ୍ଜନ ପଣ୍ଡା, ବିକି ସା, ପିଙ୍କୁ ଜେନା, ଶ୍ରୀକାନ୍ତ ଦ୍ୱିବେଦୀ, ଝୁଲଣ ସା, ହେମନ୍ତ ପାଣିଗ୍ରାହୀ, ଲୁଲା ସାହୁ, ଲକ୍ଷ୍ମଣ ପଣ୍ଡା, ଯତୀନ୍ଦ୍ର ସାହୁ, ଭୀମ ନାୟକ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୭ଜଣଙ୍କୁ ଡିଜି ପଦକ ବଣ୍ଟନ

**ସମ୍ବଲପୁର,୩।୪(ପ୍ରମୋଦ ବହିଦାର)**




ପୋଲିସ ଅଧିକାରୀଙ୍କୁ ଡିଜି ପଦକ ପ୍ରଦାନ କରୁଛନ୍ତି ଡିଜିପି ଯୋଗେଶ ବାହାଦୁର ଖୁରାନିଆ।

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଦିନିକିଆ ସମ୍ବଲପୁର ଗସ୍ତରେ ଆସି ଗୁରୁବାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉତ୍ତରାଞ୍ଚଳ ପୋଲିସ ଆଇଜିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବିଗତ ବର୍ଷରେ ଅସାଧାରଣ କାର୍ଯ୍ୟଦକ୍ଷତା ପାଇଁ ଉତ୍ତରାଞ୍ଚଳ ରେଞ୍ଜ ଅଧୀନ ୫ ଜିଲାର ୭ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୋଲିସ ମହାନିର୍ଦ୍ଦେଶକ ପଦକ(ଡିଜି ଡିସ୍କ) ପ୍ରଦାନ କରିଥିଲେ। ଏହି ଅବସରରେ ସେ ସମସ୍ତ ପଦକ ବିଜେତା ଅଧିକାରୀ ଓ କର୍ମଚାରୀଙ୍କ ସହିତ ତାଙ୍କ ପରିବାରକୁ ଅଭିନନ୍ଦନ ଜଣାଇଥିଲେ। ଏହାସହ ଦକ୍ଷତା ସହକାରେ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଉତ୍ତରାଞ୍ଚଳ ଅଇଜି ହିମାଂଶୁ ଲାଲ, ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁଙ୍କ ସମେତ ଉତ୍ତରାଞ୍ଚଳ ରେଞ୍ଜ ଅଧୀନ ସମସ୍ତ ଜିଲାର ଏସ୍‌ପିଙ୍କ ସହିତ ସମ୍ବଲପୁର ଜିଲାର ସମସ୍ତ ଏସ୍‌ଡିପିଓ, ଥାନା ଆଇଆଇସି ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

- ରାମନବମୀ ଓ ହନୁମାନ ଜୟନ୍ତୀରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି
- ଉତ୍ତରାଞ୍ଚଳ ରେଞ୍ଜ ଅଧୀନ ସମସ୍ତ ଜିଲାର ଏସ୍‌ପିଙ୍କ ସହ ବୈଠକ

ଏହି ଅବସରରେ ସେ ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସମ୍ବଲପୁରର ଆଇନଶୃଙ୍ଖଳା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ବିଶେଷ କରି ଆସନ୍ତା ୬ ଓ ୧୪ ତାରିଖରେ ସମ୍ବଲପୁରରେ ଆୟୋଜିତ ହେବାକୁ ଥିବା ରାମନବମୀ ଓ ହନୁମାନ ଜୟନ୍ତୀ ଉତ୍ସବକୁ ନେଇ ଉତ୍ତରାଞ୍ଚଳ ଆଇଜି ଲାଲ, ଆରକ୍ଷୀ ଅଧୀକ୍ଷକ ଭାମୁ, ଜିଲାର ସମସ୍ତ ଏସ୍‌ଡିପିଓ ଓ ଥାନାର ଆଇଆଇସିଙ୍କ ସହିତ ଆଇନଶୃଙ୍ଖଳା ପ୍ରସଙ୍ଗରେ ଅଲୋଚନା କରିଥିଲେ। ସେହିପରି ଜିଲାର ବିଭିନ୍ନ ଥାନାରେ ଆପରାଧିକ ଗତିବିଧି ନିୟନ୍ତ୍ରଣର ମଧ୍ୟ ସମୀକ୍ଷା କରିଥିଲେ। ଏହି ବୈଠକର ପରେ ଡିଜିପି ଖୁରାନିଆ ଜିଲାସ୍ତରୀୟ ପୋଲିସ ଅଧିକାରୀଙ୍କ ସହ ଜିଲା ପୋଲିସ କାର୍ଯ୍ୟାଳୟ, ରିଜର୍ଭ ପୋଲିସ ଲାଇନ ସହିତ ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ପରିଦର୍ଶନ କରିଥିଲେ।

## ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ

**ସମ୍ବଲପୁର,୩।୪(ଭବାନୀ ଶଙ୍କର ଭୋଇ)**

**୬ ବର୍ଷ ହେବ ଛାତ୍ରାବାସ କାର୍ଯ୍ୟକାରୀ ହେଉନି, ବିଡିଓଙ୍କୁ ଫେରାଦ**

କଳାମାଟି ପଞ୍ଚାୟତ ବଡ଼ସିଂହାରିସ୍ଥିତ ଧନକଉଡ଼ା ବ୍ଲକ ଆଦର୍ଶ ବିଦ୍ୟାଳୟକୁ ବସ୍ ସେବା ବନ୍ଦ ହୋଇଛି। ଏଥିଯୋଗୁ ପିଲାଙ୍କ ପାଠପଢା ବ୍ୟାହତ ହେବାନେଇ ଗୁରୁବାର ଅଭିଭାବକମାନେ ଧନକଉଡା ବିଡିଓ ଅନିଲ କୁଲୁଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଗତ ୧ତାରିଖରୁ ଚଳିତ ଶିକ୍ଷାବର୍ଷର ପାଠପଢା ଆରମ୍ଭ ହୋଇଛି। ହେଲେ ଶିକ୍ଷାବର୍ଷ ଆରମ୍ଭରୁ ବସ୍ ସେବାକୁ ବନ୍ଦ କରି ଦିଆଯାଇଛି। ଯଦ୍ଵାରା ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଯାଇପାରୁନାହାନ୍ତି। ୨୦୧୯ ମସିହାରେ ସ୍ଥାପନ ହୋଇଥିବା ଆଦର୍ଶ ବିଦ୍ୟାଳୟରେ ଏପର୍ଯ୍ୟନ୍ତ ଛାତ୍ରାବାସ କାର୍ଯ୍ୟକାରୀ ହୋଇପାରିନାହିଁ। ସେଥିପାଇଁ ଏହି ବିଦ୍ୟାଳୟରେ ନାମ ଲେଖାଇଥିବା ପ୍ରାୟ ୩ଶହ ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ ଅସୁବିଧା ସୃଷ୍ଟି ହୋଇଛି।

ବିଦ୍ୟାଳୟ ଆରମ୍ଭ ସମୟରେ ତତ୍କାଳୀନ ଜିଲାପାଳ ଅନନ୍ୟା ଦାସ ଅଭିଭାବକମାନଙ୍କ ଦାବିକୁ ଗ୍ରହଣ କରି ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ୨ଟି ବସ୍‌ର ବ୍ୟବସ୍ଥା ପ୍ରତିଶ୍ରୁତି ଦେଇଥିଲେ। ସେଥିରୁ ପ୍ରଥମ ବସ୍ ବିଶାଳଖଣ୍ଡାରୁ ବାହାରି ଧନକଉଡ଼ା ଜୋନ ୧ ଅଧୀନରେ ଥିବା ୫ପଞ୍ଚାୟତର ଛାତ୍ରୀଛାତ୍ର ବିଦ୍ୟାଳୟକୁ ନେଉଥିଲା। ଦ୍ୱିତୀୟ ପ୍ରସ୍ତାବିତ ବସ୍ ଗୁଣ୍ଡେରପୁର ପଞ୍ଚାୟତ ସମେତ ଚିପିଲିମା-ଗୋଶଳା ଅଞ୍ଚଳରେ ଚଳାଚଳ ଯୋଜନା ଥିଲା। ତେବେ ଦ୍ୱିତୀୟ ବସ ସେବା ଆଜି ଯାଏ ଆରମ୍ଭ ହୋଇ ନଥିବା ବେଳେ ପ୍ରଥମ ବସ ମାର୍ଚ୍ଚ ୩୧ରୁ ସେବା ବନ୍ଦ କରିଦେଇଥିବା ଅଭିଭାବକମାନେ ବିଡିଓ କୁଲୁଙ୍କୁ ଅବଗତ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ସେବା ଆରମ୍ଭ କରାଯିବା ନେଇ ବିଡିଓ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟପକ୍ଷରେ ଧନକଉଡ଼ା ବ୍ଲକ ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସ ନିର୍ମାଣ ସରିଥିବା ସତ୍ତ୍ୱେ ସେଠାରେ ଅବଶ୍ୟକ କର୍ମଚାରୀ ଏବଂ ଆସବାବପତ୍ର ବ୍ୟବସ୍ଥା ନଥିବାରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ବିଡିଓ କୁଲୁ ଛାତ୍ରୀଛାତ୍ରଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଛାତ୍ରାବାସକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଆଯିବା ନେଇ ଅଭିଭାବକ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ରଙ୍କ ସହ ପୂର୍ବତନ ଜିଲା ପରିଷଦ ସଭ୍ୟ ଉଦ୍ଧବ ବାରିକ, ଜୟନାରାୟଣ ସାହୁ, ସୋଦାମିନୀ ଭୋଇ, ଜ୍ୟୋତିର୍ମୟୀ ପ୍ରଧାନ, ବିଜୟ ଭୋଇ, ଜୟଦେବ ରଣବିଡା, ତୂଳା ପ୍ରଧାନ, ସନ୍ତୋଷ ଗହୀର, ଲିଲିମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପାରମ୍ପରିକ ପୋଷାକ ପିନ୍ଧିଲେ କର୍ମଚାରୀ



ପାରମ୍ପରିକ ପୋଷାକରେ ଜିଲାପାଳ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ।

**ସମ୍ବଲପୁର,୩।୪(ଭବାନୀ ଶଙ୍କର ଭୋଇ)**

**ସମ୍ବଲପୁରରେ ପାରମ୍ପରିକ ପୋଷାକ ପରିଧାନ ଦିବସ**

ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ସମ୍ବଲପୁର ଜିଲାରେ ଗୁରୁବାର ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲାର ସମସ୍ତ ସରକାରୀ କର୍ମଚାରୀ ଅଞ୍ଚଳର ସ୍ୱାଭିମାନ ଓ ପରିଚୟ ବହନ କରୁଥିବା ପାରମ୍ପରିକ ସମ୍ବଲପୁରୀ ପୋଷାକ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଥିଲେ। ହସ୍ତତନ୍ତ ପୋଷକ ପରିଧାନକୁ ଅଧିକ ଆଦୃତ କରିବା ସହ ପ୍ରଚାର ପ୍ରସାର କରିବା ପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ତତ୍ତ୍ୱାବଧାନରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ହସ୍ତତନ୍ତ ପୋଷକ ପରିଧାନକୁ ଅଭ୍ୟାସରେ ପରିଣତ କରି ବୁଣାକାର ଏବଂ ଗ୍ରାମ୍ୟ ଅର୍ଥନୀତିକୁ ଆହୁରି ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବାପାଇଁ କର୍ମଚାରୀମାନଙ୍କୁ ନିବେଦନ କରାଯାଇଥିଲା। ସମ୍ବଲପୁରୀ ବାନ୍ଧ ସାରା ବିଶ୍ୱରେ ନିଜର ପରିଚୟ ହାସଲ କରିଛି। ତେଣୁ ସମସ୍ତେ ନିୟମିତ ସମ୍ବଲପୁରୀ ବାନ୍ଧକଳା ପିନ୍ଧିବା ଦ୍ୱାରା ଅମର ବୁଣାକାରମାନେ ଉପକୃତ ହେବେ ବୋଲି ଜିଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲାପାଳ(ସାଧାରଣ) ଆଶୋକ କୁମାର ଭୋଇଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ସମ୍ବଲପୁର ମହାନଗର ନିଗମରେ ମଧ୍ୟ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଥିଲା। ମହାନଗର କମିଶନର ବେଦଭୂଷଣଙ୍କ ନେତୃତ୍ୱରେ ନିଗମର ସମସ୍ତ କର୍ମଚାରୀ ସମ୍ବଲପୁରୀ କପଡାରେ ତିଆରି ପୋଷାକ ପିନ୍ଧି କାମ କରିଥିଲେ।

## କଳାର ପୁନରୁଦ୍ଧାର, କଳାକାରଙ୍କ ମନୋବଳ ବୃଦ୍ଧି ଲକ୍ଷ୍ୟ

**ଆୟୋଜିତ ହେବ ସମ୍ପ୍ରଦା, ଦୁଲଦୁଲି ପ୍ରତିଯୋଗିତା**

**ସମ୍ବଲପୁର,୩।୪(ପ୍ରମୋଦ ବହିଦାର)**

ସମ୍ବଲପୁର ସମଲେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଦୁଇଦିନ ଧରି ଅୟୋଜିତ ହେବ ସମ୍ପ୍ରଦା ଓ ଦୁଲୁଦୁଲି ବାଜା ପ୍ରତିଯୋଗିତା। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଆନୁକୂଳରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି ସମଲେଇ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ। ତାଙ୍କ ସୂଚନା ଅନୁସାରେ ଏପ୍ରିଲ ୪ତାରିଖ ଅପରାହ୍ନ ସାଢ଼େ ୪ଟାରେ ସମ୍ପ୍ରଦା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦ୍ୱିତୀୟ ଦିବସ ୫ତାରିଖ ଅପରାହ୍ନ ସାଢ଼େ ୪ଟାରେ ଦୁଲଦୁଲି ବାଜା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲୁପ୍ତାଭିମୁଖୀ କଳାର ପୁନରୁଦ୍ଧାର ସହ କଳାକାରଙ୍କ ମନୋବଳ ବୃଦ୍ଧି ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉକ୍ତ ପ୍ରତିଯୋଗିତା ଦ୍ୱୟର ବିଜେତା ଦଳମାନଙ୍କୁ ଅର୍ଥରାଶିରେ ପୁରସ୍କୃତ କରାଯିବ। ଉଭୟ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାରୀ କାରିଥିବା ଦଳଙ୍କୁ ପ୍ରଥମ ପୁରସ୍କାର ସ୍ୱରୂପ ୧୦ହଜାର, ଦ୍ୱିତୀୟ ସ୍ଥାନ ଅଧିକାରୀ କରିଥିବା ଦଳକୁ ୭ ହଜାର ଓ ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ୫ହଜାର ଟଙ୍କା ପ୍ରଦାନ କରାଯିବ। ଏଥିରେ ଭାଗନେଇଥିବା ସମସ୍ତ ଦଳମାନଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୨ ହଜାର ଟଙ୍କା ପ୍ରଦାନ କରାଯିବ। ଉଭୟ ପ୍ରତିଯୋଗିତାରେ ଭାଗ ନେବାକୁ ସମଗ୍ର ପଶ୍ଚିମ ଓଡ଼ିଶାର ୨୦ଟି ଦଳ ସମ୍ମତି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ବାବୁ ନିବେଦନ କରିଛନ୍ତି।

## କୁଲେଇଗଡ଼ ପଞ୍ଚାୟତରେ ନିଶାମୁକ୍ତ ଅଭିଯାନ




ସଚେତନତା ପଦଯାତ୍ରାରେ ସାମିଲ କର୍ମକର୍ତ୍ତାଙ୍କ ସହ ମହିଳାମାନେ।

**କୁଚିଣ୍ଡା,୩।୪(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଲେଇଗଡ଼ ପଞ୍ଚାୟତ ଅନ୍ତର୍ଗତ କୁଡାପଡା ଗ୍ରାମରେ ଉପଖଣ୍ଡ ନିଶା ନିବାରଣ ଅଭିଯାନ ପକ୍ଷରୁ ଗୁରୁବାର ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାଏବ ସରପଞ୍ଚ ଲମ୍ବୋଦର କୁମୁରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ସଭାପତି ସୁବାସ ଚନ୍ଦ୍ର ନାୟକ, ଜିଲା ସମ୍ପାଦିକା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟା ଉତ୍ପଳା ଧୂରୁଆ, କୁଚିଣ୍ଡା ଉପଖଣ୍ଡ ସଭାପତି କରୁଣାକର କିଷାନ, କୁଚିଣ୍ଡା ବ୍ଲକ ଆବାହକ ମିତ୍ରଭାନୁ ପଧାନ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, କୁଲେଇଗଡ ସରପଞ୍ଚ ନଳିନୀ କିଷାନ, ପଞ୍ଚାୟତ ସଭାନେତ୍ରୀ ମିନା ମହାନନ୍ଦିଆ,ୱାର୍ଡସଭ୍ୟ ସରୋଜ ମେହେର, ଜୟନ୍ତୀ ସୁନାନୀ ଯୋଗଦେଇଥିଲେ। ଏହି ଅବସରରେ ଏକ ସଚେତନତା ପଦଯାତ୍ରା ପଞ୍ଚାୟତର ରାଜୀବ ଗାନ୍ଧୀ ଭବନରୁ ଆରମ୍ଭ ହୋଇ କୁଡାପଡା ଗ୍ରାମ ପରିକ୍ରମା କରିଥିଲା। ବିଭିନ୍ନ ସ୍ଲୋଗାନ ଦେଇ କୁଲେଇଗଡ ପଞ୍ଚାୟତକୁ ନିଶାମୁକ୍ତ ପଞ୍ଚାୟତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ପରେ ସମସ୍ତେ ନିଶା ଦ୍ରବ୍ୟରୁ ଦୂରେଇ ରହିବାକୁ ଶପଥ ପାଠ କରିଥିଲେ। ସଚେତନତା ଶୋଭାଯାତ୍ରାକୁ ମନୋରମା ପଟେଲ, କଳ୍ପନା ପଟେଲ, ସସ୍ମିତା ସୁନାନୀ, ଗୀତାଞ୍ଜଳି ସୁନାନୀ, ମଞ୍ଜରୀ ପୋଢ଼, ସରୋଜିନୀ ମେହେର, ସଞ୍ଜୁଲତା ପେଣ୍ଡେଇ, ଅନିତା ପଟେଲ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ମହିଳା ସାମିଲ ହୋଇଥିଲେ।



ସାମୂହିକ ବ୍ରତୋପନୟନରେ ବଟୁମାନେ।

## ମାନ୍ଧାତା ବାବାଙ୍କ ମନ୍ଦିରରେ ସାମୂହିକ ବ୍ରତୋପନୟନ

**ସମ୍ବଲପୁର,୩।୪(ପ୍ରମୋଦ ବହିଦାର)**

ମାନେଶ୍ୱରସ୍ଥିତ ମାନଧାତା ବାବାଙ୍କ ମନ୍ଦିରରେ ୨୬ତମ ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୪୦ ମାନେଶ୍ୱର ମାନଧାତା ବାବା ଶିବ ମନ୍ଦିରରେ ମନ୍ଦିର କମିଟି ଓ ଏକାଦଶୀ ଆଶ୍ରମର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୭ଜଣ ବଟୁଙ୍କ ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ବ୍ରତୋପନୟନ ଅନୁଷ୍ଠିତ ହୋଇଛି। ହରିଶଙ୍କର ପୁରୋହିତ, ବଳରାମ ଦୀକ୍ଷିତ, ରବି ପଣ୍ଡା, ଆଶୁ ଦୀକ୍ଷିତ, କ୍ଷୀରୋଦ ମିଶ୍ର, ମନୋଜ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ତ୍ରିପାଠୀ, ସୁନୀଲ ପଣ୍ଡା, ଚିନ୍ମୟ ପଣ୍ଡା, ରାମଜୀ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମ୍ବଲପୁରର ୫ ସ୍ଥାନରେ ଅର୍କାଭର୍ଟିକାଲ୍ ଗାର୍ଡେନ

**ସମ୍ବଲପୁର,୩।୪(ଭବାନୀ ଶଙ୍କର ଭୋଇ)**

ରୁଫଟପ୍ ଗାର୍ଡେନିଂ ପ୍ରକଳ୍ପ ଏବଂ ଓଡ଼ିଶାରେ ଅର୍ବନ୍ ହର୍ଟିକଲଚର୍ ପକ୍ଷରୁ ଗୁରୁବାର ସମ୍ବଲପୁର ସହରର ପ୍ରମୁଖ ପାଞ୍ଚଟି ସ୍ଥାନରେ ଅର୍କାଭର୍ଟିକାଲ୍ ଗାର୍ଡେନ୍ ସ୍ଥାପନ କରାଯାଇଛି। କୃଷି ବୈଜ୍ଞାନିକ ଡ଼. ପେଟିକାମ୍ ଶ୍ରୀନିବାସଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ ସବୁ କାର୍ଯ୍ୟକାରୀ ହୋଇଥିଲା। ପ୍ରକଳ୍ପରେ ଡ୍ରିପ୍ ସିଞ୍ଚନ ପଦ୍ଧତିର ବ୍ୟବହାର କରାଯାଇ ସୌଖିନ ଗଛ ଏବଂ ସ୍ଥାନୀୟ ଫୁଲ ଗଛ ବ୍ୟବହାର କରାଯାଇଛି। ବିଶେଷଜ୍ଞ ଏବଂ ଲୋକଙ୍କ ମତ ଅନୁସାରେ ସମଲେଇ ମନ୍ଦିର, ଆଇଆଇଏମ ସମ୍ବଲପୁର, ଜିଲ ଉଦ୍ୟାନ କୃଷି କାର୍ଯ୍ୟାଳୟ, ଜିଲା କୃଷି ଭବନ ଓ ବୁଢ଼ରାଜା ହାଇସ୍କୁଲଠାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଆଇଆଇଏମ ସମ୍ବଲପୁରରେ ମୁଖ୍ୟ ପ୍ରଶାସନିକ ଅଧିକାରୀ ଅମୃତ ମହାନ୍ତି, ସମଲେଶ୍ୱରୀ ମନ୍ଦିରରେ ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା ଗାର୍ଡେନ୍ ସ୍ଥାପନରେ ସହଯୋଗ କରିଥିଲେ। ଏହି ସମସ୍ତ ପ୍ରକ୍ରିୟାକୁ ଡ଼. ପେଟିକାମ୍ ଶ୍ରୀନିବାସଙ୍କ ନେତୃତ୍ୱରେ ଭୁବନେଶ୍ୱର ଏଇଗିନିଆସ୍ଥିତ ସେଣ୍ଟ୍ରାଲ୍ ହର୍ଟିକଲଚର୍ ଏକ୍ସପେରିମେଣ୍ଟ ଷ୍ଟେସନ ଶନରୋଓମ୍ ରାଉତ ସହଯୋଗ କରିଥିଲେ। ସମ୍ବଲପୁର ଉଦ୍ୟାନ ଅଧିକାରୀ ଉପ ନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ୫ଟି ସ୍ଥାନରେ ଏହି ଅର୍କା ଭର୍ଟିକାଲ୍ ଗାର୍ଡେନ ସ୍ଥାପନ କରାଯାଇଥିଲା। ଏଥିରେ ଅଭିନବକୃଷି ଗବେଷଣା ସଂସ୍ଥାନ ସମ୍ବଲପୁର ଶାଖାର ଡ଼. ଅଭିଲାଷ ପଧାନ ସହଯୋଗ କରିଥିଲେ। ସମ୍ବଲପୁରରେ ଏଭଳି ଭର୍ଟିକାଲ୍ ସହରାଞ୍ଚଳ ଉଦ୍ୟାନ ପ୍ରକଳ୍ପ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ ।



ସମଲେଇ ମନ୍ଦିର ପରିସରରେ ପ୍ରସ୍ତୁତ ଅର୍କାଭର୍ଟିକାଲ୍ ଗାର୍ଡେନ୍।

## ଜମନକିରାରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ

**ଜମନକିରା,୩।୪(ରବୀନ୍ଦ୍ର ପ୍ରସାଦ ଦାନୀ)**



ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ କବୟିତ୍ରୀ, କବିମାନେ।

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମାସ୍ଥିତ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଗୁରୁବାର ୭ମ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁକ୍ତେଶର ସାହିତ୍ୟ ସଂସଦ ସଭାପତି ମୁରଲୀଧର ନାୟକଙ୍କ ସଭାପତିତ୍ୱରେ ସୁବର୍ଣ୍ଣ ସ୍ମୃତିର ସହାୟତାକ୍ରମେ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ତଥା ବାମଣ୍ଡା ସାହିତ୍ୟ ସଂସଦ ଦେବଗଡରର ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ବଲପୁର ବିଜଡି କଲେଜର ଓଡ଼ିଆ ସହକାରୀ ପ୍ରଫେସର ଡ଼ ମମତା ପ୍ରିୟଦର୍ଶିନୀ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଅଧ୍ୟକ୍ଷ ସୁସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ, ବରିଷ୍ଠ ଓକିଲ ହୃଦାନନ୍ଦ ଶର୍ମା ଓ ଅନ୍ୟତମ ଅବସରପ୍ରାପ୍ତ ଅଧ୍ୟକ୍ଷ ରମେଶ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସେମାନେ ତାଙ୍କ ବକ୍ତବ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କଠାରୁ ଆରମ୍ଭ କରି ରମାକାନ୍ତ ରଥଙ୍କ ପର୍ଯ୍ୟନ୍ତ କାବ୍ୟ ଶୈଳୀର ଉଦାହରଣ ସହ ଆଲୋଚନା କରିଥିଲେ। ଅତିଥିଗଣ ମୁକ୍ତେଶର ସାହିତ୍ୟ ସଂସଦ ସଭାପତି ମୂରଲୀଧର ନାୟକଙ୍କ ପୁସ୍ତକ କବିତା 'ଗୋଦାବରୀ', ଶେଖର ବନମାଳୀ ଚନ୍ଦ୍ର ନାମଦେଓଙ୍କ ପୁସ୍ତକ 'ନିର୍ଝରଣୀ' ଓ ପ୍ରଦ୍ୟୁମ୍ନ ବିଶିଙ୍କ ସମ୍ପାଦିତ ସମ୍ବଲପୁରୀ ପତ୍ରିକା 'ଛୁଆ'କୁ ଉନ୍ମୋଚନ କରିଥିଲେ। ଏହି ତିନୋଟି ପୁସ୍ତକ ଓ ପତ୍ରିକାକୁ ସାହିତ୍ୟିକ ନାୟକ ସମୀକ୍ଷା କରି ଏହା ଓଡ଼ିଆ ଓ ସମ୍ବଲପୁରୀ ସାହିତ୍ୟ ଭଣ୍ଡାରକୁ ପରିପୁଷ୍ଟ କରି ପାରିବ ବୋଲି ଆଶା ପୋଷଣ କରିଥିଲେ।

**ତିନୋଟି ପୁସ୍ତକ ଉନ୍ମୋଚିତ, ବହୁ ପ୍ରତିଭା ସମ୍ମାନିତ**

ପ୍ରାରମ୍ଭରେ ସଂସଦର ସମ୍ପାଦକ ପ୍ରମୋଦ ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବକାଶ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅର୍ଦ୍ଧ ଶତାଧିକ କବିୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହାକୁ କବି ତ୍ରୈଲୋକ୍ୟନାଥ ମହାପାତ୍ର ସଂଯୋଜନା କରିଥିଲେ। ଏହି ଅବସରରେ ନର୍ସ ସିନା ପଟେଲ, ଡ଼ ମମତା ପ୍ରିୟଦର୍ଶିନୀ, ଦିପାଙ୍ଗତା ମହାରଣା, ରାଧା ମୋହନ ପାଣ୍ଡେଙ୍କୁ ଅତିଥିମାନେ ମାନପତ୍ର, ଟ୍ରଫି ଏବଂ ଉପଢୌକାନ ଦେଇ ସମ୍ମାନିତ କରିଥିଲେ। ସେହିପରି ସୁବର୍ଣ୍ଣ ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ଦିପାନିତ ମାହାଣା, ଡ.ସଂଯୁକ୍ତା ହୋତା, ନନ୍ଦିନୀ ରାଜହଂସ, ମାଧୁରୀ ମିଶ୍ର, ଡ. ମମତା ପ୍ରିୟଦର୍ଶିନୀ ସାହୁ ଏବଂ ନିନା ପଟେଲ ପ୍ରମୁଖ ୬ ଜଣ କବିୟତ୍ରୀଙ୍କୁ ସୁବର୍ଣ୍ଣ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୪/୨୦୨୫ | Bhubaneswar, Friday, April 4/2025 | ପୃଷ୍ଠା-୧

# ବିଜେଡିର ବଦଳ ବେପାର

**ୱାକ୍ଫ ସଂଶୋଧନ ବିଲ୍‌କୁ ସକାଳେ କହିଲେ ନା, ସନ୍ଧ୍ୟାରେ କହିଲେ ହଁ। ବୁଧବାର ଲୋକ ସଭାରେ ପାରିତ ଏହି ବିବାଦୀୟ ବିଲ୍ ସଂଖ୍ୟାଲଘୁ ମୁସଲମାନମାନଙ୍କ ଅଧିକାର ଛଡ଼ାଇନେବ ବୋଲି ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ରାଜ୍ୟ ସଭାରେ ଏହା ବିରୋଧରେ ଭୋଟ ଦେବାକୁ ନିଷ୍ପତ୍ତି ନେଇଥିବାବେଳେ ବିଜେଡି ମଧ୍ୟ ସେମାନଙ୍କ ସହ ଏକମତ ହୋଇଥିଲା। ଉଚ୍ଚ ସଦନରେ ବିତର୍କ ଆରମ୍ଭରେ ବିଜେଡି ବିଲ୍ ବିରୋଧରେ ଭୋଟ ଦେବ ବୋଲି କହିଥିଲା। କିନ୍ତୁ ସନ୍ଧ୍ୟା ହେବାବେଳକୁ ବିଜେଡି ମତରେ ହଠାତ୍ ପରିବର୍ତ୍ତନ ଆସିଥିବା ଦେଖିବାକୁ ମିଳିଥିଲା। ଦଳ ପକ୍ଷରୁ ହ୍ୱିପ୍ ଜାରି କରାଯାଇନାହିଁ। ରାଜ୍ୟ ସଭାରେ ଦଳର ସଦସ୍ୟମାନେ ନିଜ ବିବେକାନୁମୋଦିତ ଭୋଟ ଦେବେ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। ଘଡ଼ିକେ ଘୋଡ଼ା ଛୁଟିଲା ଭଳି ଦଳୀୟ ଆଭିମୁଖ୍ୟରେ ଏଭଳି ପରିବର୍ତ୍ତନକୁ ଦେଖି ଅନେକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ବିରୋଧ ପରିବର୍ତ୍ତେ ସମର୍ଥନ କରିବା ଭଳି ନୀତି ଦଳ କାହିଁକି ଆପଣାଇଲା, ତା'ର ଭିତିରି ରହସ୍ୟ ଖୋଜିବାରେ ଲାଗିଛନ୍ତି ରାଜନୈତିକ ବିଶ୍ଳେଷକ।**

ଭୁବନେଶ୍ୱର,୩।୪(ସୁନିତ୍ ମିଶ୍ର)

ୱାକଫ୍ ବିଲ୍ ରାଜ୍ୟ ସଭାରେ ପାରିତହେବା ପୂର୍ବରୁ ବିଜେଡିର ରାଜନୈତିକ ଚରିତ୍ର ଆଉ ଥରେ ପଦାରେ ପଡ଼ିଯାଇଛି। ରାଜ୍ୟ ସଭାରେ ୱାକଫ୍ ବିଲ୍ ଉପରେ ସକାଳବେଳା ଚାଲିଥିବା ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ମୁଜିବୁଲ୍ଲା (ମୁନ୍ନା) ଖାଁ ଏହାକୁ ବିରୋଧ କରିଥିଲେ। ମୁନ୍ନା ଏହି ବିଲ୍ ବିରୋଧରେ ପ୍ରବଳ ଯୁକ୍ତି ମଧ୍ୟ ରଖିଥିଲେ। ହେଲେ ସନ୍ଧ୍ୟା ବେଳକୁ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ୱାକଫ୍ ବିଲ୍‌କୁ ନେଇ ତାଙ୍କ 'ଏକ୍ସ'ରେ କରିଥିବା ପୋଷ୍ଟ ଦେଖିବା ପରେ ପୁଣି ଥରେ ବିଜେଡି ଆଭିମୁଖ୍ୟକୁ ନେଇ ସବୁଆଡୁ ସମାଲୋଚନା ଆରମ୍ଭ ହୋଇଯାଇଛି। ଜଣଙ୍କ ସ୍ୱାର୍ଥକୁ ରକ୍ଷା କରିବା ଲାଗି ବିଜେଡିକୁ ରାଜ୍ୟ ସଭାରେ ଆଉ ☞ପୃଷ୍ଠା-୨

## ବିଲ୍‌କୁ ବିରୋଧ, ୨ ଜେଡିୟୁ ନେତାଙ୍କ ଇସ୍ତଫା

**ପାଟନା,୩।୪:** ୱାକ୍ଫ ସଂଶୋଧନ ବିଲ୍‌କୁ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସମର୍ଥନ ଜଣାଇବା ପରେ ଏହାର ୨ ଜଣ ବରିଷ୍ଠ ନେତା ଗୁରୁବାର ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ମହମ୍ମଦ କାସିମ୍ ଅନ୍‌ସାରୀ ଏବଂ ମହମ୍ମଦ ନୱାଜ ମଲିକ। ବିଭିନ୍ନ ମହଲରୁ ୱାକ୍ଫ ବିଲ୍‌କୁ ବିରୋଧ କରାଯାଉଥିବାବେଳେ ବୁଧବାର ଲୋକ ସଭାରେ ଏହା ଉପରେ ଭୋଟ ବେଳେ ଏନ୍‌ଡିଏ ସହଯୋଗୀ ଜେଡିୟୁ ବିଲ୍ ସପକ୍ଷରେ ମତ ଦେଇଥିଲା। ଦଳର ସମର୍ଥନରେ ଆମେ ସହମତ ନୋହୁଁ ବୋଲି ଅନ୍‌ସାରୀ ଏବଂ ମଲିକ୍ କହିଛନ୍ତି। ସେମାନେ ଦଳର ନେତା ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିକଟକୁ ଇସ୍ତଫାପତ୍ର ପଠାଇ ଦେଇଛନ୍ତି।

## ମୁସ୍‌ଲିମ୍‌ଙ୍କ ଅଧିକାର ଛଡ଼ାଇନେବ ନାହିଁ ୱାକ୍ଫ ବିଲ୍: କେନ୍ଦ୍ର

**ନୂଆଦିଲ୍ଲୀ,୩।୪**

ୱାକ୍ଫ (ସଂଶୋଧନ) ବିଧେୟକ, ୨୦୨୫ ମୁସଲମାନମାନଙ୍କ ଅଧିକାରଗୁଡ଼ିକୁ ଛଡ଼ାଇନେବ ବୋଲି ବିରୋଧୀ ଆଣୁଥିବା ଅଭିଯୋଗକୁ ଗୁରୁବାର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଖଣ୍ଡନ କରିଛନ୍ତି। ଲୋକ ସଭାରେ ୱାକ୍ଫ (ସଂଶୋଧନ) ବିଲ୍ ପାରିତ ହେବାର ଦିନକ ପରେ ରାଜ୍ୟ ସଭାରେ ଉକ୍ତ ବିଧେୟକକୁ ଆଗତ କରି ରିଜିଜୁ କହିଛନ୍ତି, ଏହା ଏକ ସମାବେଶୀ ବିଲ୍। ଏଥିରେ ମୁସଲିମ ☞ପୃଷ୍ଠା-୨

# ୨୨ ବର୍ଷ ପରେ ରାତି ପାହିଗଲା

- **ସରିଲା ସପ୍ତଦଶ ବିଧାନସଭାର ୩ୟ ଅଧିବେଶନ**
- **୨୦୦୩ ନଭେମ୍ବର ୧୦ରୁ ୧୧ ସକାଳ ୮ଟା ପର୍ଯ୍ୟନ୍ତ ଚାଲିଥିଲା**
- **ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଏବଂ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ, ୨୦୨୫ ବିଲ୍ ପାରିତ**

ଭୁବନେଶ୍ୱର,୩।୪(ସୁନିତ୍ ମିଶ୍ର)

ସପ୍ତଦଶ ବିଧାନସଭାର ୩ୟ ଅଧିବେଶନକୁ ଗୁରୁବାର ଭୋର୍ ସମୟରେ ବାଚସ୍ପତି ସୁରମା ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ବୁଧବାର ଅପରାହ୍ନରେ ଗୃହ ଆରମ୍ଭହେବା ମାତ୍ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଏବଂ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ, ୨୦୨୫ ବିଲ୍ ଆଗତ କରାଯାଇଥିଲା। ଏହି ୨ ବିଲ୍ ଉପରେ ଆଲୋଚନା ପ୍ରାୟ ସାଢେ ୧୫ ଘଣ୍ଟା ଧରି ଚାଲିଥିଲା। ଗୃହ ବନ୍ଦ ହେଲା ବେଳକୁ ସକାଳ ୭ଟା ବାଜି ୬ ମିନିଟ୍ ହୋଇଥିଲା। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ କେବଳ ସାଢେ ୧୨ ଘଣ୍ଟା ଆଲୋଚନା ହୋଇଥିଲା। ଏହି ବିଲ୍ ଆଲୋଚନା ସମୟରେ ବିରୋଧୀ-ଶାସକ କେହି କାହାକୁ ଛାଡ଼ିବା ସ୍ଥିତିରେ ନ ଥିଲେ। ବିଧାନସଭା ସଦସ୍ୟ ଏବଂ କର୍ମଚାରୀମାନଙ୍କ ଲାଗି ଖାଇବାର ବ୍ୟବସ୍ଥା ମଧ୍ୟ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଇସ୍ରାଏଲ ଯୁଦ୍ଧ ଅନ୍ତରାଳେ

DSPL-13

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଓଡ଼ିଆ ପକ୍ଷ ୨୦୨୫
ଆସନ୍ତୁ ନିଜ ଦୋକାନ ଏବଂ
ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ଲେଖିବା
ଓଡ଼ିଆ ଭାଷାର ସମ୍ମାନ ପାଇଁ ପଦଯାତ୍ରା କରିବା
ଓଡ଼ିଆ ପକ୍ଷ ୨୦୨୫
ସାରା ରାଜ୍ୟରେ ଓଡ଼ିଆରେ ନାମଫଳକ ଅଭିଯାନ ଓ
ସଚେତନତା ପଦଯାତ୍ରା
୦୪ ଅପ୍ରେଲ ୨୦୨୫

OIPR-17002/13/0004/2425
ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର
LESIOdisha labouresiodisha


No.1 Residential CBSE School
"No bigger decision for parents & students than choosing a school."
A legacy of creating IITians, Technocrats, Medicos and world-changing Professionals.
krishnavikash.com
More than 2 DECADES of EXCELLENCE

AISSE X 2024: 98.0% 490 MARKS SOHAN | 98.0% 490 MARKS AKSHITA
AISSCE XII 2024: 97.2% 486 MARKS ARIN
NTA NEET(UG) 2024: AIIMS, Kalyani 700 MARKS DIGAMBAR
JEE Mains 2025: 99.39 Percentile TOTAL PRATYUSH
JEE Mains & Adv. 2024: JEE Mains 2024 99.646 Percentile Total RITESH AIR 1446 OBC JEE Adv. 2024 IIT, Mandi, AI & Data Science Engg. | JEE Mains 2024 99.640 Percentile Total PRIYANK AIR 4565 Gen. JEE Adv. 2024 IIT, Kharagpur, Civil Engg.

All Time Glory of Krishna Vikash Group

| | | | |
|---|---|---|---|
| Engineers IIT/NIT/Others 1000 | Medicos NEET/AIPMT/Others 800 | AIIMS 21 | CUET 67 |
| CA 76 | University of Delhi 37 | JNU 05 | NIFT/NIFD 28 |
| KVPY & NEST 60 | NDA 12 | IISER 27 | OPSC 16 |

KVAST 2025 Krishna Vikash Aptitude & Scholarship Test
ADMISSION TESTS FOR CLASS XI / CLASS IX (CBSE)
For Admissions in Vikash Residential School, Bargarh & Krishna Vikash Techno School, Angul
General Science | Commerce | Humanities
Integrated IIT-JEE | Integrated CA | Civil Services
Integrated NEET | Integrated CUET | Integrated CUET
Integrated CUET | Integrated IPMAT | Integrated IPMAT
NIFT/NIFD/NDA | Integrated CLAT | Integrated CLAT
Scan QR Code to Register
Registration Link: https://vrsbgh.krishnavikash.com/kvast
Test Centre : Vikash Residential School, Barahaguda, Bargarh (Odisha)
PHASE - VII 6th April 2025 (Sunday) 9 AM-1 PM | PHASE - VIII 13th April 2025 (Sunday) 9 AM-1 PM | PHASE - IX 20th April 2025 (Sunday) 9 AM-1 PM
APPLY NOW →
Test Centre : Krishna Vikash Techno School, C/o - Sarala Devi International School, Rantalei, Angul (Odisha)
PHASE - VI 4th April 2025 (Friday) 9 AM-1 PM | PHASE - VII 9th April 2025 (Wednesday) 9 AM-1 PM | PHASE - VIII 16th April 2025 (Wednesday) 9 AM-1 PM

ADMISSIONS OPEN (Co-Ed. Day/Residential)
Class Nursery to IX & XI CBSE
Class XI Summer Foundation Course / Regular Course (Science / Commerce / Arts) started from 2nd April 2025
• BARGARH: 99376 18855, 63707 04779, 91245 99099, 93373 10441 • ANGUL: 91246 09681 / 82
• ROURKELA: 70778 53111 • FIRST STEP, BARGARH: 70644 13477
• CEMENT NAGAR: 94396 65394 • BRAHMAPUR: 91246 09687 / 88
Our Campuses @ Chhattisgarh & Andhra Pradesh - RAIPUR: 77519 93222 | BHILAI: 91245 71067 / 68 / 69 | JAGDALPUR: 91240 87305 / 06 / 07 | VISAKHAPATNAM: 99662 12217 / 63014 64656.
Admissions open also for CHSE +2 1st Year (Sc./Com.) Free* Foundation Classes @ Vikash Higher Secondary School, Bargarh - 94393 53433 / 94380 69105 / 70641 40000.
Enrollments Open for Admissions in New Batch of Super-40 (1 Year Extended NEET/JEE Classroom Programme) @ Bargarh Campus - Contact: 99376 18855, 63707 04779, 91245 99099.
Krishna Vikash Group of CBSE Schools
Krishna Vikash Edu. Network
Odisha | Chhattisgarh | Andhra Pradesh




## ଆଶ୍ରମ ବିଦ୍ୟାଳୟ ଛାତ୍ରାବାସରେ ରାଗିଂ
# ବ୍ଲେଡ୍‌ରେ କାଟି ଲୁଣ ମାରିଦେଲେ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଉଦଳା(ସନ୍ତୋଷ କୁମାର ବାଛିନୀ),୩।୪**

ନାବାଳକ ହୋଇ ମନରେ ଆପରାଧିକ ଚିନ୍ତା। ମଦ ପିଉଥିବା ଦେଖିଦେବାରୁ ରଚିଲେ ଲୋମଟାଙ୍କୁରା ଘଟଣା। ରାଗିଂ କରିବାକୁ ଯାଇ ୪ଜଣ ନବମ ଶ୍ରେଣୀ ଛାତ୍ର ଜଣେ ୬ଷ୍ଠ ଶ୍ରେଣୀର ଛାତ୍ରଙ୍କ ଶରୀରର ବିଭିନ୍ନ ସ୍ଥାନକୁ ବ୍ଲେଡ୍‌ରେ କାଟି କ୍ଷତ ସ୍ଥାନରେ ଲୁଣ ମାରିବା ସହ ବନ୍ଦ କୋଠରିରେ ନିର୍ଯାତନା ଦେବା ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାସିପିଠାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ଉଚ୍ଚ ବିଦ୍ୟାଳୟ (ଏସ୍ଏସ୍‌ଡି)ରେ ଏଭଳି ସ୍ୱର୍ଶକାତର ଘଟଣା ସାମ୍ନାକୁ ଆସିଛି। ରାଗିଂର ଶିକାର ୬ଷ୍ଠ ଶ୍ରେଣୀ ଛାତ୍ରଙ୍କ ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୭/୨୫) ରୁଜୁକରି ତନାଘନା ଚଳାଇଛି।

ସୂଚନାଯୋଗ୍ୟ, ବାରିପଦା ଭଞ୍ଜପୁର ଅଞ୍ଚଳର ଜଣେ ଛାତ୍ର ବାସିପିଠା ଏସ୍ଏସ୍‌ଡିରେ ରହି ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ଗତ ଫେବୃଆରୀ ୧୪ ତାରିଖ ରାତି ୧୦ଟା ୩୦ରେ ନବମ ଶ୍ରେଣୀର ୪ଜଣ ଛାତ୍ର କୋଠାଘର ଛାତ ଉପରେ ଲାଗିଥିବା ସୋଲାର ସିଷ୍ଟମ ତଳେ ବସି ମଦ୍ୟପାନ କରୁଥିଲେ। ଏହା ଦେଖି ୬ଷ୍ଠ ଶ୍ରେଣୀର ଛାତ୍ର ଜଣକ ନିଜ ମୋବାଇଲରେ ଫଟୋ ଉତ୍ତୋଳନ କରିଥିଲେ। ପରଦିନ ଏ ବାବଦରେ ସେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ଦୀପ୍ତିକାନ୍ତ ଜେନା ଯାଞ୍ଚକରି ଖାଲି ମଦ ବୋତଲ ଓ ପିଲାଙ୍କଠାରୁ ଶହେରୁ ଊର୍ଦ୍ଧ୍ୱ ମୋବାଇଲ ଜବତ କରିଥିଲେ। ତେବେ ଏଥିରେ ରାଗିଯାଇ ମଦ୍ୟପାନ କରୁଥିବା ନବମ ଶ୍ରେଣୀର ଛାତ୍ରମାନେ ୬ଷ୍ଠ ଶ୍ରେଣୀର ଛାତ୍ରଙ୍କୁ ଲୁହାରଡ୍‌ରେ ନିସ୍ତୁକ ମାଡ଼ ମାରିଥିଲେ। ଏପରିକି ଗୋଇଠା,


ରାଗିଂର ଶିକାର ଛାତ୍ର କ୍ଷତ ଚିହ୍ନ ଦେଖାଉଛନ୍ତି।

ବିଧା ମାରିବା ସହ ବ୍ଲେଡ୍‌ରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ କାଟି କ୍ଷତ ସ୍ଥାନରେ ଲୁଣ ମାରିଥିଲେ। ଏକ ବନ୍ଦ କୋଠରି ମଧ୍ୟରେ ଅଟକ ରଖି ଘଟଣା ବାବଦରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ବାର୍ଷିକ ପରୀକ୍ଷା ସରିବା ପରେ ୬ଷ୍ଠ ଶ୍ରେଣୀର ଛାତ୍ର ଜଣକ ମାର୍ଚ୍ଚ ୨୫ ତାରିଖରେ ଘରକୁ ଯାଇଥିଲେ। ତେବେ ସ୍କୁଲ ଖୋଲିବା ପରେ ସେ ଆଉ ଆସିବା ପାଇଁ ରାଜି ହୋଇ ନ ଥିଲେ। ପରିବାର ଲୋକେ କାରଣ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ଜେନାଙ୍କୁ ପଚାରିବାରୁ କେତେଜଣ ଛାତ୍ର ନିଶା ସେବନ ପୂର୍ବକ କୁଅଭ୍ୟାସରେ ପଡୁଥିବା ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପାଚେରି ଡେଇଁ ସେମାନେ ମଦ ଆଣିବାକୁ ଯାଉଛନ୍ତି। କର୍ମଚାରୀଙ୍କ ଅଭାବ ଯୋଗୁ ଏହା ରୋକାଯାଇପାରୁନାହିଁ। ନିଶାସେବନ କରୁଥିବା ଛାତ୍ରମାନଙ୍କୁ ପୂର୍ବରୁ ତାଗିଦ କରାଯାଇଥିବା ବେଳେ ସେମାନେ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ଯାଇ ଗତ ଫେବୃୟାରୀ ୨୫ ତାରିଖରେ ପାଚେରିଡେଇଁ ଚାଲି ଚାଲି ଜିଲାପାଳଙ୍କୁ ଭେଟିବାକୁ ଯିବା ଭଳି ଘଟଣା ଘଟିଥିଲା ବୋଲି କହିଛନ୍ତି। ଥାନା ଅଧିକାରୀ ପଞ୍ଚାନନ ମହାନ୍ତି କୁହନ୍ତି, ଏହା ଏକ ପୁରୁଣା ଘଟଣା ହୋଇଥିବା ବେଳେ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି।

# ଯୁବବର୍ଗ ଶିଳ୍ପ ଅଭିବୃଦ୍ଧିର ଇଞ୍ଜିନ: ମୁଖ୍ୟମନ୍ତ୍ରୀ

**ଖୋର୍ଦ୍ଧା/ ନିରାକାରପୁର, ୩।୪ (ପ୍ରଭାତ ପାଣିଗ୍ରାହୀ/ ମାନସ ଚନ୍ଦ୍ର ପଟ୍ଟନାୟକ)**


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧାର ହଳଦୀପଦାଠାରେ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ରାଜ୍ୟର ବିକାଶରେ ଖୋର୍ଦ୍ଧା ସର୍ବାଧିକ ଗୁରୁତ୍ୱବହନ କରିବ। ଜିଲାରେ ୬ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯାଇଛି। ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଜିଲାରେ ୩୭ହଜାର ବେକାର ଶିକ୍ଷିତ ଯୁବତୀଯୁବକ ନିଯୁକ୍ତି ସୁଯୋଗ ପାଇପାରିବେ। ବିକାଶ କ୍ଷେତ୍ରରେ ଖୋର୍ଦ୍ଧା ଆଗରେ ରହିବ। ଶିଳ୍ପସଂସ୍ଥାରେ ଯୁବଶକ୍ତିଙ୍କ ଆବଶ୍ୟକତା ରହିଛି। ଯୁବବର୍ଗ ହେଉଛନ୍ତି ଶିଳ୍ପ ଅଭିବୃଦ୍ଧିର ଇଞ୍ଜିନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୁରୁବାର ଖୋର୍ଦ୍ଧା ହଳଦୀପଦା ଏବଂ ମୁଣ୍ଡାଆମ୍ବଠାରେ ୧୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସମୃଦ୍ଧ ଶିଳ୍ପ ସ୍ୱପ୍ନ ସାକାର ପାଇଁ ଶିଳ୍ପ ଭିତ୍ତିଭୂମି ଆବଶ୍ୟକତା ରହିଛି। ଶିଳ୍ପ ଉଦ୍ୟୋଗପତିଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର ପରଠାରୁ ଆମ ସରକାର ନିରନ୍ତର ପ୍ରୟାସ ଜାରି ରଖିଥିଲେ, ତାହାର ପ୍ରଥମ ପାହାଚ ସଫଳ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ, ଦୂରଦୃଷ୍ଟି ଏବଂ ଓଡ଼ିଶା ପ୍ରତି ଭଲପାଇବା ଯୋଗୁ ଓଡ଼ିଶା ଆଜି ଶିଳ୍ପର କ୍ୟାପିଟାଲ ହବ୍ ହେବାକୁ ଯାଉଛି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ୬୦ପ୍ରତିଶତ କୃଷି ଉପରେ ନିର୍ଭର ସତ୍ତ୍ୱେ ରାଜ୍ୟରେ ଏହାର ଅବଦାନମାତ୍ର ୨୧ପ୍ରତିଶତ ରହିଛି। ବିକଶିତ ଓଡ଼ିଶା ସଂକଳ୍ପକୁ ସାକାର କରିବାକୁ ହେଲେ କୃଷିର ପାରମ୍ପରିକ ଅର୍ଥନୀତିଠାରୁ ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ। ଆଜିର ଯୁବପିଢ଼ି ଶିକ୍ଷିତ ହେବା ପରେ କୃଷି କାର୍ଯ୍ୟରୁ ମୁହଁ ଫେରାଇ ଚାକିରି ପଛରେ ଦୌଡୁଛନ୍ତି। କୃଷିର ଆଧୁନିକୀକରଣ, ଯାନ୍ତ୍ରିକକୌଶଳ ଯୋଗୁ ମାନବସମ୍ବଳ କମିଛି।

## ଖୋର୍ଦ୍ଧାରେ ୧୪ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ,ଉଦ୍‌ଘାଟନ

- **୬ହଜାର କୋଟି ପୁଞ୍ଜି ବିନିଯୋଗ, ୩୭ ହଜାର ନିଯୁକ୍ତି ସୁଯୋଗ**
- **ଓଡ଼ିଶା ହେବ ଶିଳ୍ପର କ୍ୟାପିଟାଲ ହବ୍**

ଆଜିର ଯୁବକ ଶିକ୍ଷିତ ହେବା ସତ୍ତ୍ୱେ ଆବଶ୍ୟକ ବୈଷୟିକ ଜ୍ଞାନ କୌଶଳ, ଦକ୍ଷତା ଅଭାବରୁ ଶିଳ୍ପସଂସ୍ଥାରେ କାର୍ଯ୍ୟ କରିବାରେ ବଞ୍ଚିତ ହେଉଛନ୍ତି। ଯୁବପିଢ଼ିଙ୍କୁ ବୈଷୟିକ ଜ୍ଞାନକୌଶଳ ସହ ଶିଳ୍ପସଂସ୍ଥାରେ ନିଯୁକ୍ତିର ସମ୍ଭାବନା ସୃଷ୍ଟି ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଶିଳ୍ପ ଅନୁଷ୍ଠାନ ପ୍ରସ୍ତୁତ ହେବା ସମୟରେ ଯୁବବର୍ଗଙ୍କୁ ଉନ୍ନତ ଜ୍ଞାନକୌଶଳ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇ ପ୍ରସ୍ତୁତ କରାଯିବ। ପ୍ରଧାନମନ୍ତ୍ରୀ ୨୦୨୪-୨୫ ଆର୍ଥିକ ବଜେଟରେ ଆଗମୀ ୫ବର୍ଷ ମଧ୍ୟରେ ୧କୋଟି ଯୁବକଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପିଏମ୍ ଇଣ୍ଟରସିପ୍ ପ୍ରୋଗ୍ରାମ ଯୋଜନା କରିଛନ୍ତି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୭ଲକ୍ଷ କୋଟି ଟଙ୍କା ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିଥିବା ବେଳେ ୧୩ଲକ୍ଷ କୋଟି ଚୁକ୍ତିନାମା ସହିତ ନିଯୁକ୍ତି ସୃଷ୍ଟିର ଲକ୍ଷ୍ୟ ରହିଛି। ଏହାର ପ୍ରଥମ ସୋପାନ ଖୋର୍ଦ୍ଧାରେ ଶୁଭାରମ୍ଭ ହୋଇଛି। ୫ବର୍ଷ ଭିତରେ କୁଶଳୀ ଯୁବକ ପ୍ରସ୍ତୁତ କରାଯାଇ ଶିଳ୍ପସଂସ୍ଥାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ମାନବସମ୍ବଳ ପ୍ରସ୍ତୁତ ହୋଇଗଲେ, ଶିଳ୍ପସଂସ୍ଥାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧିର ଯୁବବର୍ଗ ଇଞ୍ଜିନ ଭଳି କାମ କରିବେ। ଯୁବକମାନଙ୍କୁ କୌଳିକ ବୃତ୍ତି ଛାଡ଼ି ଦାଦନ ପାଇଁ ବାହାରକୁ ଯିବାକୁ ପଡିବ ନାହିଁ। ଏହିଠାରେ ନିଯୁକ୍ତି ସୁଯୋଗ ପାଇବେ। ମହିଳା ସଶକ୍ତୀକରଣ ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯାଉଛି। ଭାଜପା ସରକାର ଆସିବା ଦିନଠାରୁ ଓଡ଼ିଶାର ପ୍ରଗତି, ସମୃଦ୍ଧି ପାଇଁ ନିରନ୍ତର ପ୍ରୟାସ ଚାଲିଛି। ଶିଳ୍ପର ଅଭିବୃଦ୍ଧି ପାଇଁ ଦିଲ୍ଲୀ, ମୁମ୍ବାଇ, ସିଙ୍ଗାପୁରରେ ରୋଡ୍ ଶୋ ବେଳେ ବହୁ ବୃହତ ଶିଳ୍ପସଂସ୍ଥା ଯୋଗଦେଇଥିଲେ। ପୂର୍ବ ସରକାରରେ ଏମ୍ଓୟୁ ସତ୍ତ୍ୱେ କାମ ଆରମ୍ଭ ହୋଇପାରୁ ନ ଥିଲା, ଆମ ସରକାରରେ କୌଣସି ବାଧା ଓ ପ୍ରତିବନ୍ଧକ ନାହିଁ, ସମସ୍ତଙ୍କୁ ସ୍ୱାଗତ କରାଯାଉଛି। ପୂର୍ବ ସରକାର ପ୍ରଚାର ପ୍ରସାର କରୁଥିଲେ, କାମ ଶୂନ। ଶିଳ୍ପ ସଂସ୍ଥା ପାଇଁ ଯାହା ଭିତ୍ତିଭୂମି ଆବଶ୍ୟକ ଆମ ସରକାର ପକ୍ଷରୁ ଅବିଳମ୍ବେ ଯୋଗାଇ ଦିଆଯିବ।

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଗାମୀ ଦିନରେ ଓଡ଼ିଶା ଶିଳ୍ପରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ଦୁଇମାସ ତଳେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯେଉଁ ପ୍ରତିଶ୍ରୁତି ସରକାର ଦେଇଥିଲେ, ତାହା ଏଠାରୁ ଶୁଭାରମ୍ଭ ହୋଇଛି। ଶିଳ୍ପର ଅଭିବୃଦ୍ଧି ସହ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରହିଛି। ବିକାଶର ପ୍ରଗତିପଥରେ ଯୁବବର୍ଗ ଏବଂ ମହିଳାଙ୍କୁ ସହଭାଗୀ ହେବାକୁ ମନ୍ତ୍ରୀ ସ୍ୱାଇଁ ଆହ୍ୱାନ କରିଥିଲେ। ଆଗକୁ ଓଡ଼ିଶାରେ ଏଫ୍‌ଡିଆଇ ପାର୍କ ପାଇଁ ସିଙ୍ଗାପୁର ସରକାରଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ଓଡ଼ିଶା ସାକାର ରୂପ ଦେବା ସହ ୨୦୩୬ ସୁଦ୍ଧା ସମୃଦ୍ଧ, ପ୍ରଗତିଶୀଳ ଓଡ଼ିଶା ଗଠନ ଲକ୍ଷ୍ୟ ରହିଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଓ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଗୁରୁବାର ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ହଳଦୀପଦା ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇ ସଭାସ୍ଥଳକୁ ଆସିଥିଲେ। ଏହି ଅବସରରେ ଭାଜପା ନେତା, କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସଭାସ୍ଥଳକୁ ପାଛୋଟି ନେଇଥିଲେ।

## ରାଜା ଚକ୍ରଙ୍କ ଜାମିନ ଶୁଣାଣି ସ୍ଥଗିତ

**ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା**

**ଭୁବନେଶ୍ୱର/ ବାଲେଶ୍ୱର, ୩।୪ (ସତ୍ୟଜିତ୍ ରାଉତ/ ବାଞ୍ଛାନିଧି ଦେ)**

ଓଡ଼ିଶା ଖଣି ନିଗମ ସହିତ ସହବନ୍ଧିତ ଥିବା କେନ୍ଦୁଝରର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ୍ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଚକ୍ରଙ୍କ ଜାମିନ ଶୁଣାଣିକୁ ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟ ସ୍ଥଗିତ ରଖିଛନ୍ତି। ଜେଲରେ ଥିବା ରାଜା ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର ହୋଇଥିଲେ। ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ପରେ ଜାମିନ ପିଟିଶନ ଉପରେ ଶୁଣାଣି ହୋଇଥିଲା। ତେବେ କୋର୍ଟଙ୍କ ପକ୍ଷରୁ ମଗାଯାଇଥିବା ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌କୁ ଇଓଡବ୍ଲ୍ୟୁ ତଦନ୍ତକାରୀ ଅଧିକାରୀ ଉପସ୍ଥାପନ କରିପାରି ନ ଥିଲେ। ଫଳରେ କୋର୍ଟ ରାଜାଙ୍କ ଜାମିନ ଶୁଣାଣିକୁ ସ୍ଥଗିତ ରଖିବା ସହ ଏହାକୁ ଆସନ୍ତା ୫ତାରିଖକୁ ଘୁଞ୍ଚାଇ ଦେଇଥିବା ସୂଚନା ମିଳିଛି। ଉକ୍ତ ଦସ୍ତାବିଜ୍ ଆସନ୍ତା ତାରିଖରେ ଦାଖଲ କରିବା ପାଇଁ ତଦନ୍ତ ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରାଜାଙ୍କ ଲିଙ୍କ୍ ନେଇ ଇଓଡବ୍ଲ୍ୟୁ ପକ୍ଷରୁ କୋଇଡା ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏକ ପେଟ୍ରୋଲ ପମ୍ପ ନିକଟରେ ଥିବା ୩ଟି ହାଇୱା ଗାଡ଼ିକୁ ଇଓଡବ୍ଲ୍ୟୁ ଟିମ୍ ଜବତ କରିଛି। ଏହି ଗାଡ଼ିଗୁଡ଼ିକରୁ ବ୍ୟାଟେରୀ କାଢ଼ି ନିଆଯିବା ସହ ଅଚଳ ଅବସ୍ଥାରେ ପେଟ୍ରୋଲ ପମ୍ପ ନିକଟରେ ଛାଡ଼ି ଦିଆଯାଇଥିଲା। ଇଓଡବ୍ଲ୍ୟୁ ଏହି ସୂଚନା ପାଇ ସ୍ଥାନୀୟ ପୋଲିସ ସହାୟତାରେ ସେଠାରେ ଚଢ଼ାଉ କରିଥିଲା। ଚଢାଉ ବେଳେ ଏକାଧିକ ପରିବହନ ସଂସ୍ଥାର କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ରାଜାଙ୍କ ଲିଙ୍କ୍‌ରେ ପଚରାଉଚରା କରାଯାଇଛି। ରାଜା ତାଙ୍କ ଗାଡ଼ିଗୁଡ଼ିକୁ କୋଇଡା ଅଞ୍ଚଳର କେତେକ ପରିବହନ ସଂସ୍ଥାରେ ଲଗାଇଥିଲେ ବୋଲି ଇଓଡବ୍ଲ୍ୟୁ ସନ୍ଦେହ କରି ପଚରାଉଚରା କରି ତଥ୍ୟ ହାସଲ କରିଛି। ମାର୍ଚ୍ଚ ୧୩ରେ ରାଜା ଏବଂ ୨୦ରେ ତାଙ୍କ ଘନିଷ୍ଠ ସହଯୋଗୀ ସୁଶାନ୍ତ ସାମଲଙ୍କୁ ଗିରଫ କରାଯାଇଥିଲା।










"ନୀରବ ରହିବା ଓ ନିଜର ଉଦ୍ଦେଶ୍ୟକୁ ପ୍ରକଟ ନ କରିବା ଗୋଟାଏ କଥା କିନ୍ତୁ ଉଦ୍ଦେଶ୍ୟ ନେଇ କିଛି କରିଥିବା ସ୍ଥଳେ- ମୁଁ ତାହା କରି ନାହିଁ ବୋଲି କହିବାଟା ନୀରବତା ନୁହେଁ- ଏହା ହିଁ ମିଥ୍ୟାଚାର। -ଶ୍ରୀମା

-ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ସପ୍ତମୀ ଓ ମହାଷ୍ଟମୀ ପୂଜା, ଶ୍ରୀ ଲିଙ୍ଗରାଜ ଦେବଙ୍କର ରଥ ପ୍ରତିଷ୍ଠା



# ଇସ୍ରାଏଲ ଯୁଦ୍ଧ ଅନ୍ତରାଳେ



ଇଆନ୍ ବୁରୁମା

ଇସ୍ରାଏଲର ରାଜଧାନୀ ତେଲ୍ ଆଭିଭର ରାସ୍ତାରେ କଫି ଓ ବ୍ରେଡ୍ ରୋଲ୍‌ର ଆନନ୍ଦ ନେଉଥିବା ନାଗରିକମାନେ ସେମାନଙ୍କଠାରୁ ୬୯ କି.ମି. ଦୂରରେ ଥିବା ଗାଜାର ଲୋକଙ୍କ ଉପରେ ହେଉଥିବା ବୋମାମାଡ଼ ଓ ଗୁଳିଗୋଳା ବର୍ଷଣ ସମ୍ପର୍କରେ ଚିନ୍ତା କରିବା କଷ୍ଟକର। ପୃଥିବୀରେ ସମାଜ ଅଧିକ ସୁସଂଗଠିତ ଓ ଉନ୍ନତ ହେଉଥିବା ମନେ ହେଉଥିଲେ ମଧ୍ୟ ଅନ୍ୟମାନଙ୍କ ଯନ୍ତ୍ରଣାକୁ ପାସୋରିଯିବା ଏବେ ସହଜ ହୋଇଯାଇଛି। କହିବାର ଅର୍ଥ ଏହା ନୁହେଁ ଯେ, ଇସ୍ରାଏଲ ନାଗରିକମାନେ ଯୁଦ୍ଧ ସମ୍ପର୍କରେ ଜାଣୁନାହାନ୍ତି କି ଅନୁଭବ କରୁନାହାନ୍ତି। ସେମାନେ ସବୁବେଳେ ଟିଭିରେ ଗାଜାର ଧ୍ୱଂସଲୀଳା ଏବଂ ଏ ସମ୍ପର୍କିତ ତାଜା ଖବର ଦେଖିପାରୁଛନ୍ତି। ଯୁଦ୍ଧକୁ ନେଇ କ୍ରୋଧ, ଏହାକୁ ଜାରି ରଖିବାରେ ବେଞ୍ଜାମିନ ନେତାନ୍ୟାହୁଙ୍କ ପଦକ୍ଷେପ ଏବଂ ଇସ୍ରାଏଲ ଗଣତନ୍ତ୍ରର ନ୍ୟାୟପାଳିକା ଓ ଅନ୍ୟ ସଂସ୍ଥାଗୁଡ଼ିକୁ ଦୁର୍ବଳକରି ରଖିବାରେ ତାଙ୍କ ଚେଷ୍ଟାକୁ ସବୁଠି ବିଶେଷକରି ତେଲ୍ ଆଭିଭରେ ଲୋକେ ସ୍ପଷ୍ଟଭାବେ ଅନୁଭବ କରିପାରୁଛନ୍ତି।

ପ୍ରତିଦିନ ଯୁଦ୍ଧ ବିରୋଧୀ ପ୍ରତିବାଦ ବା ପ୍ରଦର୍ଶନ ଦେଖିବାକୁ ମିଳୁଛି। ଏହା ବ୍ୟତୀତ ନେତାନ୍ୟାହୁଙ୍କ ଏକଛତ୍ରବାଦ ପଥରେ ବାଧା ଦେଉଥିବା ସରକାରୀ ଅଧିକାରୀମାନଙ୍କୁ ଚାକିରିରୁ ବାହାର କରିଦିଆଯିବା ବିରୋଧରେ ମଧ୍ୟ ପ୍ରତିବାଦ ହେଉଛି। ଲୋକେ ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟ୍‌ରେ ଥିବା ଚରମପନ୍ଥୀଙ୍କର ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହ ସେମାନଙ୍କୁ ଫାସିବାଦୀ ଓ ଯୁଦ୍ଧ ଅପରାଧୀ ଭାବେ ଦେଖୁଛନ୍ତି। ଟ୍ରମ୍ପ ଓ ନେତାନ୍ୟାହୁଙ୍କ ମଧ୍ୟରେ କାହାର କାହା ଉପରେ ଅଧିକ ପ୍ରଭାବ ରହିଛି ତାହାକୁ ନେଇ ମଧ୍ୟ ଆଲୋଚନା ହେଉଛି। ଇସ୍ରାଏଲ ଡିଫେନ୍ସ ଫୋର୍ସର ଜଣେ ପୂର୍ବତନ ଫାଇଟର ପାଇଲଟ ମୋତେ କହିଥିଲେ, ସେ ଯୁଦ୍ଧରେ ଆଉ ଭାଗ ନେବେ ନାହିଁ ଏବଂ ସେ ଏ ବିଷୟକୁ ଗ୍ରହଣ କରନ୍ତି ନାହିଁ। ଅନ୍ୟ ଜଣେ କହିଥିଲେ, ତାଙ୍କ ପୁଅଙ୍କୁ ସେନାରେ ଯୋଗଦେବା ଲାଗି ଯଦି ଡାକନ୍ତି ତେବେ ସେ ଇସ୍ରାଏଲ ଛାଡ଼ିଚାଲିଯିବେ। ନୈରାଶ୍ୟ ମଧ୍ୟରେ ଥିବା ଜଣେ ଲେଖକଙ୍କ ସହ ମୁଁ ମଧ୍ୟ କଥା ହୋଇଥିଲି ଏବଂ ସେ କହିଥିଲେ, ଇସ୍ରାଏଲୀ, ଆରବୀୟ ଓ ଇହୁଦୀମାନଙ୍କ ମଧ୍ୟରେ ଥିବା ଘୃଣା ଯୋଗୁ ତାଙ୍କ ଦେଶ ଖଣ୍ଡ ବିଖଣ୍ଡିତ ହୋଇଯିବ। ଅନେକ ଯୁଦ୍ଧ ବିରୋଧୀ ପ୍ରତିବାଦକାରୀ ଏବଂ ଗଣତନ୍ତ୍ର ସପକ୍ଷବାଦୀ ଆକ୍ଟିଭିଷ୍ଟ ବାହାର ଦୁନିଆରୁ ଅଲଗା ହୋଇଯାଉଥିବା ଅନୁଭବ କରୁଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବାକୁ ମନାକରିବା ହିଁ ଇସ୍ରାଏଲର କଳା ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ଥିବା ଅନ୍ତର୍ଜାତୀୟ ସମ୍ପର୍କକୁ ଛିନ୍ନ କରୁଛି। ଉଦାରବାଦୀ ଇସ୍ରାଏଲୀ ଅନୁଭବ କରନ୍ତି ଯେ, ଦେଶରେ ଶତ୍ରୁତାପୂର୍ଣ୍ଣ ଶକ୍ତି ଯଥା ନିଜ ସରକାର ଓ ଚରମ ଜାତୀୟତାବାଦୀ ସମର୍ଥକଙ୍କ ମଧ୍ୟରେ ସେମାନଙ୍କ ପ୍ରଭାବ ହ୍ରାସ ପାଉଛି। ପାଲେଷ୍ଟିନୀୟଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା କାର୍ଯ୍ୟକୁ ବିଶ୍ୱବାସୀ ନିନ୍ଦା କରୁଛନ୍ତି। ଏହା ନିଶ୍ଚିତ ଯେ, ଏଭଳି



ଭାବନାକୁ ଭୁଲ୍ ବୁଝାଯାଉଛି କିମ୍ବା ଅଣଦେଖା କରାଯାଉଛି।

ତେବେ ଇସ୍ରାଏଲରେ ହେଉଥିବା ଯୁଦ୍ଧ ବିରୋଧୀ ଏବଂ ଗଣତନ୍ତ୍ର ସପକ୍ଷବାଦୀ ସବୁ ପ୍ରଦର୍ଶନରେ ପ୍ରଭାବ ନ ଥିବା ସ୍ପଷ୍ଟ ହେଉଛି। 'ସରକାର ପଣବନ୍ଦୀଙ୍କୁ ଫେରାଇ ଆଣୁ'ଲେଖା ଥିବା ବ୍ୟାନରଗୁଡ଼ିକ ସବୁଠି ଦେଖାଯାଉଛି। ଇସ୍ରାଏଲ ରାଜନୀତିର ବାମ ଓ ଦକ୍ଷିଣପନ୍ଥୀ ଲୋକେ ହଳଦିଆ ରିବନ୍ ପିନ୍ଧୁଛନ୍ତି। ତେଲ୍ ଆଭିଭ ମୁଜିୟମ ଅଫ୍ ଆର୍ଟ ବାହାରେ ଲଗାଯାଇଥିବା ଚିତ୍ରକଳା ବ୍ୟଥିତ ଇସ୍ରାଏଲୀଙ୍କର ପଣବନ୍ଦୀ ସମ୍ପର୍କିତ ଭାବନାକୁ ପ୍ରକାଶ କରୁଛି, ଯେଉଁମାନଙ୍କ ମଧ୍ୟରୁ ଅନେକଙ୍କର ଗାଜା ଟନେଲ ମଧ୍ୟରେ ମୃତ୍ୟୁ ହୋଇସାରିଲାଣି।

ଟେଲିଭିଜନ ଆଲୋଚନା କାର୍ଯ୍ୟକ୍ରମରେ ଲୋକମାନେ ଯୁଦ୍ଧ ଜାରି ରହିବାକୁ ନିନ୍ଦା କରୁଛନ୍ତି। କାରଣ ଏହା ଯୋଗୁ ଅବଶିଷ୍ଟ ଇସ୍ରାଏଲୀ ପଣବନ୍ଦୀଙ୍କ ମୃତ୍ୟୁର କାରଣ ହୋଇପାରେ ବୋଲି ସେମାନେ ଭାବୁଛନ୍ତି। ପ୍ରଦର୍ଶନ ବେଳେ ଯଦିଓ ଗାଜାର ଧ୍ୱସ୍ତ ବିଧ୍ୱସ୍ତ ଘର ଓ ରାସ୍ତାର ଛବି ଦେଖାଯାଉଛି, ତଥାପି ସେଥିରେ ପାଲେଷ୍ଟାଇନ୍ ନାଗରିକଙ୍କ ମୃତ୍ୟୁ, ଗୁରୁତର ଆହତ କିମ୍ବା ଘରୁ ବାହାର କରିଦିଆଯାଉଥିବା ତଥା ଭୋକିଲାଙ୍କ ଚିତ୍ର ନାହିଁ। ଇସ୍ରାଏଲର ଖବରକାଗଜ ହାରେଜ ଏବେ ସୁଦ୍ଧା ଏସବୁ ସମ୍ପର୍କିତ ରିପୋର୍ଟ ପ୍ରକାଶ କରୁଛି। କିନ୍ତୁ ଏହାକୁ ଇସ୍ରାଏଲ ଜନସଂଖ୍ୟାର ପ୍ରାୟ ୪ ପ୍ରତିଶତ ନାଗରିକ ପଢ଼ନ୍ତି। ଅବଶିଷ୍ଟ ଲୋକ ପାଲେଷ୍ଟିନୀୟଙ୍କ ଯନ୍ତ୍ରଣା ସମ୍ପର୍କରେ ଚିନ୍ତା କରୁନାହାନ୍ତି ଏବଂ ଏଭଳି ଘଟୁଛି ବୋଲି ସେମାନେ ବିଶ୍ୱାସ ନ କରିବା ବି ସ୍ୱାଭାବିକ। ସବୁଠୁ ଖରାପ ବିଷୟ ହେଉଛି, ଏହି ବିଷୟକୁ ଉତ୍ଥାପନ କରିବାକୁ ଅନେକ ଇସ୍ରାଏଲୀ ଚାହୁଁନାହାନ୍ତି ଏବଂ ସେମାନେ ଏହାକୁ ଇହୁଦୀ ବିରୋଧୀ ବୋଲି ସୂଚିତ କରୁଛନ୍ତି। ଜେରୁଜେଲମରେ ଏକ ଯୁଦ୍ଧ ବିରୋଧୀ ପ୍ରଦର୍ଶନ ସମ୍ପର୍କରେ ଶୁଣିଥିଲି, ଯେଉଁଠାରେ ପୀଡ଼ିତ ପାଲେଷ୍ଟିନୀୟଙ୍କ ବିଷୟରେ ଆଲୋଚନା ଆରମ୍ଭ କରିବାକୁ ଯାଉଥିବା ଜଣେ ପ୍ରଦର୍ଶନକାରୀଙ୍କଠାରୁ ମାଇକ୍ରୋଫୋନ ଛଡ଼ାଇନିଆଯାଇଥିଲା।

ଜେରୁଜେଲମ୍‌ରେ ମୁଁ ଜଣେ ମଧ୍ୟମ ବୟସ୍କ ବ୍ୟକ୍ତିଙ୍କୁ ଭେଟିଥିଲି। ସେ ନେତାନ୍ୟାହୁଙ୍କର ତଥା ଯୁଦ୍ଧର ତୀବ୍ର ବିରୋଧୀ। ସେ ଆରବୀୟ ଭାଷା କହନ୍ତି ଓ ଗରିବଙ୍କ ପାଇଁ ଏକ ଦାତବ୍ୟ ସଙ୍ଗଠନ ଆରମ୍ଭ କରିଛନ୍ତି। ତାଙ୍କର ଏହି ସେବା କାର୍ଯ୍ୟ ଆରବୀୟଙ୍କୁ ଲାଭ ଦେଇଛି କି ନାହିଁ ବୋଲି ତାଙ୍କୁ ମୁଁ ଯେତେବେଳେ ପଚାରିଲି ସେତେବେଳେ ସେ ଦୀର୍ଘ ଶ୍ୱାସନେଇ କହିଲେ, ସେ ଚାହିଁଥିଲେ ଏହା ସମ୍ଭବ ହୋଇଥାନ୍ତା। ତା'ପରେ ସେ ବୁଝାଇଲେ ଯେ, ପାଲେଷ୍ଟିନୀୟମାନେ ଶାନ୍ତି ଚାହାନ୍ତି ବୋଲି କହିଥିଲେ। କିନ୍ତୁ ସେମାନେ ସମସ୍ତେ ୭ ଅକ୍ଟୋବର ୨୦୨୩ ରେ ହତ୍ୟା ଓ ଅପହରଣ ହୋଇଥିବା ୧୨,୦୦୦ ଇସ୍ରାଏଲୀଙ୍କ ଘଟଣାକୁ ସମର୍ଥନ କରିଥିଲେ। ସେହିଦିନ ଯାହା ଘଟିଥିଲା ତାହା ଇହୁଦୀମାନଙ୍କ ଗଣହତ୍ୟାକୁ ସ୍ମରଣ କରାଇଦେଇଥିଲା। ଏଭଳି ଲୋକଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବା କେବେ ସମ୍ଭବ ହୋଇପାରେ?

ଏହି ଦୃଷ୍ଟିକୋଣକୁ ଧର୍ମାନ୍ଧତା କିମ୍ବା ବର୍ଣ୍ଣବୈଷମ୍ୟ ଭାବି ସହଜରେ ଅସ୍ୱୀକାର କରାଯାଇପାରିବ ନାହିଁ। ତାଙ୍କ ଦୃଷ୍ଟିକୋଣ ଇସ୍ରାଏଲରେ ବ୍ୟାପକ ଭାବେ ଶେୟାର କରାଯାଇଛି। ପାଲେଷ୍ଟିନୀୟଙ୍କ ଉପରେ ଇସ୍ରାଏଲୀଙ୍କ ଦମନ ଓ ସେମାନଙ୍କ ଉତ୍ପୀଡ଼ନ ପ୍ରତି ଉଦାସୀନତା ପଛରେ ଅନେକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି। କିନ୍ତୁ ୭ ଅକ୍ଟୋବର ଦୁଃଖଦ ଘଟଣାକୁ ଏଡ଼ାଇଯିବା ବୋକାମି। ଏଭଳି କ୍ରୂରତାକୁ ନେଇ ଇସ୍ରାଏଲର ଇହୁଦୀମାନେ ବହୁ ଶତାବ୍ଦୀର ଉତ୍ପୀଡ଼ନ, ହତ୍ୟା ଓ ଅପମାନକୁ ସ୍ମରଣକଲେ ହିଁ ସେମାନେ ଶେଷରେ ସୁରକ୍ଷିତ ରହିବେ ବୋଲି ନିଶ୍ଚିତ କରିଛନ୍ତି। ଏପରିକି ଯଦି ନେତାନ୍ୟାହୁ ଜଣେ କମ୍ ନିରାଶବାଦୀ ନେତା ଭାବେ ତାଙ୍କ ସରକାର ବଜାୟ ରଖିବା ପାଇଁ ଯୁଦ୍ଧ ଜାରି ରଖିଥିବା କୁହାଯାଉଛି। ହେଲେ ସରକାର ବାହାରେ ଦୁର୍ନୀତି ଓ ହେରଫେର ମାମଲାରେ ବିଚାରର ସମ୍ମୁଖୀନ ହେବେ ଏବଂ ସମ୍ଭବତଃ ଦୋଷୀ ହୋଇପାରନ୍ତି। ରାଜନୈତିକ ପତନକୁ ଦୃଷ୍ଟିରେ ରଖି ସେ ଇହୁଦୀଙ୍କ ଉତ୍ପୀଡ଼ନର ଦୀର୍ଘ କାହାଣୀକୁ ବ୍ୟବହାର କରିବାରେ ସେ ଇସ୍ରାଏଲର ଏକମାତ୍ର ପ୍ରଧାନମନ୍ତ୍ରୀ ନୁହନ୍ତି। ୧୯୬୧ରେ ଡାଭିଡ୍ ବେନ ଗୁରିଅନ୍ ଏଭଳି କରିଥିଲେ। କିନ୍ତୁ ନେତାନ୍ୟାହୁ ତାଙ୍କ ପୂର୍ବାଧିକାରୀଙ୍କ ତୁଳନାରେ ଅଧିକ କରିଛନ୍ତି। ପାଲେଷ୍ଟିନୀୟ ବିଶେଷକରି ହମାସ୍ ଇହୁଦୀଙ୍କ ଅସ୍ତିତ୍ୱ ପ୍ରତି ବିପଦ ଏବଂ ସେ ହିଁ ଦ୍ୱିତୀୟ ଗଣହତ୍ୟାରୁ ସେମାନଙ୍କୁ ରକ୍ଷା କରିପାରିବେ ବୋଲି ଏକ ଧାରଣାକୁ ଅଧିକ ବ୍ୟାପକ କରିଛନ୍ତି। କିନ୍ତୁ ଅକ୍ଟୋବର ୭ ଆକ୍ରମଣ ଘଟଣା ନେତାନ୍ୟାହୁଙ୍କ ଲୋକପ୍ରିତା ହ୍ରାସର କାରଣ ହୋଇଛି। କିନ୍ତୁ ଇହୁଦୀ ଅସ୍ତିତ୍ୱ ପ୍ରତି ବିପଦ ରହିଛି ବୋଲି ତାଙ୍କର ଯେଉଁ ଦୃଷ୍ଟିକୋଣ ରହିଛି ତାହାକୁ ଅଧିକାଂଶ ଇସ୍ରାଏଲୀ ପ୍ରଚାର କରୁଛନ୍ତି। ତେବେ ବଞ୍ଚିବାର ସଂଗ୍ରାମରେ ଶତ୍ରୁ ପ୍ରତି ଦୟାର କୌଣସି ସ୍ଥାନ ନାହିଁ।

**ପ୍ରତିଷ୍ଠିତ ଲେଖକ**

## ବିଶ୍ୱ ବାଣିଜ୍ୟ ଯୁଦ୍ଧର ପ୍ରଭାବ



ଡ. ଶ୍ରୀନିବାସ ଦାଶ

ବର୍ତ୍ତମାନ ବିଶ୍ୱ ଅର୍ଥନୀତି ଗଭୀର ଅସ୍ଥିରତା ଓ ଅନିଶ୍ଚିତତାର ଏକ ଜଟିଳ ପରିବେଶ ମଧ୍ୟରେ ଗତି କରୁଛି। ବିଶ୍ୱବ୍ୟାପୀ ଚାଲିଥିବା ବାଣିଜ୍ୟଯୁଦ୍ଧ, ବିଶେଷତଃ ଆମେରିକା ଓ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟ ଦ୍ୱନ୍ଦ୍ୱ, ବ୍ରେକ୍ସିଟ୍‌ରେ ୟୁରୋପରେ ସୃଷ୍ଟି ହୋଇଥିବା ଅର୍ଥନୈତିକ ଅସ୍ଥିରତା ଏବଂ ନୂଆ ବିଶ୍ୱ ଅର୍ଥନୀତିର ଆକୃତି ଗଠନ ଭାରତ ସହିତ ସମସ୍ତ ବିକାଶଶୀଳ ଦେଶମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି। ଏହି ପ୍ରଭାବର ସର୍ବାଧିକ ପ୍ରଭାବ ପଡ଼ିଛି ମାନବ ସମ୍ପଦ ବିଶେଷକରି କର୍ମଜୀବୀ ଶ୍ରେଣୀ ଉପରେ। ବିଶ୍ୱବ୍ୟାପୀ ବାଣିଜ୍ୟଯୁଦ୍ଧର ପ୍ରଧାନ କାରଣ ହେଉଛି ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ଅଧିକ ନିୟନ୍ତ୍ରଣ ଓ ରକ୍ଷାନୀତି। ଯେପରି କି ଆମେରିକା ଚାଇନା ଉପରେ ଅନେକ ରକ୍ଷାଶୁଳ୍କ ଲାଗୁ କରିଛି ଓ ତାହା ପ୍ରତିବଦଳରେ ଚାଇନା ମଧ୍ୟ ଆମେରିକୀୟ ପଦାର୍ଥ ଉପରେ ଅତିରିକ୍ତ ଶୁଳ୍କ ଘୋଷଣା କରିଛି। ଏହି ବ୍ୟବହାର ବିଶ୍ୱ ଅର୍ଥନୀତି ଉପରେ ଚାପ ପକାଇଛି। ଏହି ବିଶ୍ୱ ବାଣିଜ୍ୟଯୁଦ୍ଧର ପ୍ରଭାବ ଭାରତର କର୍ମଜୀବୀଙ୍କ ଉପରେ ପଡ଼ିଛି। ଟେକ୍ସଟାଇଲ ଏବଂ ଗାର୍ମେଣ୍ଟ ଶିଳ୍ପ ଭାରତର ଦ୍ୱିତୀୟ ସବୁଠାରୁ ବଡ଼ କର୍ମ ସୃଷ୍ଟିକାରୀ ଶିଳ୍ପ। ଏଠାରେ ପ୍ରାୟ ୪୫ଲକ୍ଷ କର୍ମଚାରୀ ନିଯୁକ୍ତ ଅଛନ୍ତି, ଯେଉଁଥିରୁ ୭୦% ମହିଳା। ବିଶ୍ୱ ବଜାରରେ ଅସ୍ଥିରତା ଓ ଦେଶଗତ ଅଧିକ ଟ୍ୟାରିଫ ହାର ବୃଦ୍ଧିରୁ ୨୦୨୩ରେ ଏହି ସେକ୍ଟରରେ ପ୍ରାୟ ୮.୫% ନିଯୁକ୍ତି ହ୍ରାସଘଟିଛି। ଭାରତର ଆଇଟି ତଥା ବିପିଓ ସେକ୍ଟର ଆନ୍ତର୍ଜାତିକ ଗ୍ରାହକ ଉପରେ ନିର୍ଭର କରୁଥିବାରୁ, ବିଶ୍ୱ ବ୍ୟବସ୍ଥାରେ ଆସୁଥିବା ପ୍ରଭାବ ଏଠି ମଧ୍ୟ ଦେଖାଯାଉଛି। ଆମେରିକା H1B ଭିଜା ନୀତି ଓ 'ଆମେରିକା ପ୍ରଥମ' ନୀତି ଯୋଗୁ ଭାରତର ସଫ୍ଟୱେର ରପ୍ତାନିଭିତ୍ତିକ କମ୍ପାନୀଗୁଡ଼ିକ ଅନେକ କଠିନ ସ୍ଥିତିରେ ଅଛନ୍ତି। ଏହି ସେକ୍ଟରରେ ୨୦୨୨-୨୩ ମଧ୍ୟରେ ନୂଆ ନିଯୁକ୍ତି ୫.୨% ହ୍ରାସ ହୋଇଛି। ୨୦୨୩ରେ ଭାରତର ସମ୍ପୂର୍ଣ୍ଣ ରପ୍ତାନୀ ମୂଲ୍ୟ ୬୦୦ ବିଲିଅନ ଡଲାରରୁ ୫୫୫ ବିଲିଅନ ଡଲାରକୁ ଖସିଯାଇଛି (ବାଣିଜ୍ୟ ମନ୍ତ୍ରଣାଳୟ ରିପୋର୍ଟ)। ୟୁରୋପ ଓ ଆମେରିକାକୁ ହେଉଥିବା ରପ୍ତାନୀ ୭.୪% କମିଛି, ଯାହାଠାରୁ ଏହି ଅଞ୍ଚଳରେ ନିର୍ଭର କରୁଥିବା କର୍ମଜୀବୀଙ୍କ ଓଭରଟାଇମ, ବୋନସ ଓ ନିଯୁକ୍ତି ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଛି। ଚାଇନା ଉପରେ ଆଧାରିତ ଉପାଦାନ ଅଂଶ ଉପରେ ଭାରତର ଅଧିକ ନିର୍ଭରତା ଓ ବିଶ୍ୱ ଭିତରେ ଅଧିକ ଟାରିଫ୍ ଓ ନୀତିଗତ ବାଧା ଥିବାରୁ ଏହି ସେକ୍ଟର ମଧ୍ୟ ଅସ୍ଥିରତା ଅନୁଭବ କରୁଛି। ଏହି ସେକ୍ଟରରେ ୨୦୨୩ ମଧ୍ୟରେ କାମ ହରାଇଥିବା କର୍ମଚାରୀ ସଂଖ୍ୟା ପ୍ରାୟ ୨.୧ ଲକ୍ଷ ଥିବା ଅନୁମାନ କରାଯାଉଛି। ଆମେରିକା ଓ ୟୁରୋପର ନୂତନ ନୀତି ଅନୁସାରେ ଭାରତୀୟ ଔଷଧ ଉପରେ ଦାମ୍ ନିୟନ୍ତ୍ରଣ ଲାଗୁ ହେବାରୁ ଏହି ଶିଳ୍ପର ଲାଭାଂଶ ଓ ନିଯୁକ୍ତି ଉପରେ ପ୍ରଭାବ ପଡ଼ିଛି। ଏହି ସେକ୍ଟରରେ ୨୦୨୩ ମଧ୍ୟରେ ନିଯୁକ୍ତିରେ ୩.୩% ହ୍ରାସ ହୋଇଛି (ଫିକି ରିପୋର୍ଟ)। ୨୦୨୩ ମଧ୍ୟରେ ଟ୍ରାଡିଶନାଲ ମିଡିଆ ଉପରେ ଆଧାରିତ କାମକୁ ନେଇ ୬% ନିଯୁକ୍ତି କମିଯାଇଛି।

ଭାରତ ସରକାର ଏହି ଅସ୍ଥିର ବିଶ୍ୱ ବଜାର ପରିସ୍ଥିତିରେ ଏକ ସବଳ ସ୍ଥାନ ନେବା ପାଇଁ ବହୁତ କିଛି ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତରେ ତିଆରି ହେଉଥିବା ଉତ୍ପାଦକୁ ଅଧିକ ପ୍ରୋତ୍ସାହନ ଦେବାକୁ ନୀତି ଅଣାଯାଇଛି। ଏହାଦ୍ୱାରା ଦେଶୀ ଉତ୍ପାଦକର୍ତ୍ତା ଓ କର୍ମଜୀବୀମାନେ ଲାଭାନ୍ୱିତ ହେଉଛନ୍ତି। ଉତ୍ପାଦନ ସହିତ ସଂଯୁକ୍ତ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ମୋବାଇଲ, ହାର୍ଡୱେର, ଔଷଧ ଓ ଇଲେକ୍ଟ୍ରୋନିକ୍ସ ଭଳି ଶିଳ୍ପକୁ ଉତ୍ପାଦନ ବୃଦ୍ଧି ପାଇଁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ୨୦୨୩ ମଧ୍ୟରେ ଏହି ଯୋଜନାରେ ପ୍ରାୟ ୨୦ହଜାର ନୂଆ ନିଯୁକ୍ତି ହୋଇଛି। ମୁକ୍ତ ବ୍ୟାପାର ଚୁକ୍ତିରେ ଭାରତ ଅନେକ ଦେଶ ସହ ବାଣିଜ୍ୟ ବୁଝାମଣା କରୁଛି ଯଥା ୟୁଏଇ, ଅଷ୍ଟ୍ରେଲିଆ, ବ୍ରିଟେନ, ଯାହାଦ୍ୱାରା ରପ୍ତାନୀ ବୃଦ୍ଧିପାଇ ନିଜ ଶ୍ରମଶକ୍ତିକୁ ବ୍ୟବହାର କରିବାର ଅବସର ବୃଦ୍ଧିପାଉଛି। ବିଶ୍ୱ ବାଣିଜ୍ୟଯୁଦ୍ଧ ଏକ ନୂଆ ବିଶ୍ୱ ଅର୍ଥନୀତି ଗଠନ କରୁଛି, ଯାହା ମଧ୍ୟରେ ଭାରତର କର୍ମଜୀବୀ ଶ୍ରେଣୀ ଏହି କ୍ଷେତ୍ରରେ ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ, ଯଦି ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାଯାଏ।

**ବିଭାଗୀୟ ମୁଖ୍ୟ (ପ୍ରବନ୍ଧନ ବିଭାଗ), ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ମୋ:୯୮୫୩୧୩୨୯୦୪**

## ଏଇ ଭାରତରେ

ଆମ୍ବ ଉତ୍ପାଦନର ସମୟ ଆସିଲେ କେରଳର କାନ୍ନାପୁରମ ଗାଁ ଚର୍ଚ୍ଚାକୁ ଆସେ। ଏହି ଗାଁରେ ୨୦୮ କିସମର ଆମ୍ବ ଫଳୁଛି। ଗ୍ରାମବାସୀଙ୍କ ଉଦ୍ୟମରେ ଏହି ସଫଳତା ମିଳିଛି। ଏହି ଗାଁରେ ୨୦୦ ବର୍ଷର ଏକ ଭେଲାଥାନ କିସମ ଆମ୍ବ ଗଛ ଥିଲା, ଯାହା ଅତ୍ୟନ୍ତ ସ୍ୱାଦିଷ୍ଟ। କିନ୍ତୁ ତାହାକୁ ଜମିମାଲିକ କାଟିଦେବା ପରେ ଗ୍ରାମବାସୀ ଏକାଠି ହୋଇ ତାହାର ଶାଖାକୁ ସଂଗ୍ରହ କରି କଲମି କରି ୨୦୦ ଗଛ ଉତାରି ଥିଲେ ଓ ସେଗୁଡ଼ିକୁ ବି ଲଗାଇଛନ୍ତି। ଗାଁରେ କେବଳ ୨୦ଟି ପରିବାରର ମାଲିକାନାରେ ଥିବା ୩୭୨ଟି ଗଛରୁ ୧୦୦ କିସମର ଆମ୍ବ ଫଳୁଛି ଏବଂ ଅବଶିଷ୍ଟ ପରିବାରରେ ଆଉ ୧୦୦ କିସମ ଆମ୍ବ ମିଳୁଛି। ଏହି ସଫଳତା ପାଇବା ଲାଗି ସେମାନେ ଦୀର୍ଘଦିନ ପ୍ରୟାସ କରିଥିଲେ। ସେମାନେ ଏକ ଫେସବୁକ ପେଜ୍ ଖୋଲି ଭାରତର ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ କିସମର ଆମ୍ବ ଗଛ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ପରେ ସେଗୁଡ଼ିକୁ ସଂଗ୍ରହ କରି ଲଗାଇଥିଲେ। ଆମ୍ବ ଉତ୍ପାଦନ ସମୟରେ ସେମାନେ ଆମ୍ବ ବିକ୍ରି କରି ଲାଭବାନ୍ ହେବା ସହ ସେଥିରୁ ଆଚାର, ଜାମ୍, କେକ୍ ଆଦି ପ୍ରସ୍ତୁତ କରୁଛନ୍ତି। ଆମ୍ବର ରଙ୍ଗ, ରସ ତଥା ସ୍ୱାଦକୁ ନେଇ ସେଗୁଡ଼ିକର ନାମକରଣ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୪ ଏପ୍ରିଲ ୧୯୭୬

- ଭାରତ-ବର୍ମା ସୀମାନ୍ତରେ ସଂଘଟିତ ସଂଘର୍ଷରେ ୨୦ ଜଣ ବିଦ୍ରୋହୀ ନାଗା ନିହତ।
- ଡକ୍ଟର ସି.ଭି. ସୁବ୍ରମନ୍ୟମ ଓ ଡକ୍ଟର ଟି.ଏନ୍. ରାମଚନ୍ଦ୍ର ରାଓଙ୍କୁ ମିଳିତ ଭାବେ ରଫି ଅହମ୍ମଦ କିଦ୍ୱାଇ ପୁରସ୍କାର ପ୍ରଦାନ।
- ଭାରତ ଓ ତୁର୍କୀ ମଧ୍ୟରେ ବିଜ୍ଞାନ ବୈଷୟିକ ସମ୍ପର୍କରେ ସହଯୋଗ ଲାଗି ଏକ ଚୁକ୍ତିନାମା ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 3 | | | | | |
| | | 1 | 7 | | | 9 | | |
| | | | | | 2 | | 6 | |
| | | | | 9 | 1 | 4 | | |
| 6 | | | | | | | 5 | |
| | | 8 | | | | | 3 | |
| 8 | | | | | | | | |
| | 4 | | | | | 2 | 1 | 5 |
| | 7 | | 9 | 6 | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 7 | 3 | 2 | 1 | 4 | 5 | 6 |
| 2 | 6 | 4 | 7 | 5 | 8 | 9 | 3 | 1 |
| 3 | 1 | 5 | 6 | 4 | 9 | 2 | 7 | 8 |
| 8 | 3 | 2 | 5 | 7 | 4 | 1 | 6 | 9 |
| 5 | 4 | 6 | 9 | 1 | 3 | 7 | 8 | 2 |
| 7 | 9 | 1 | 2 | 8 | 6 | 3 | 4 | 5 |
| 4 | 2 | 3 | 8 | 9 | 5 | 6 | 1 | 7 |
| 1 | 7 | 8 | 4 | 6 | 2 | 5 | 9 | 3 |
| 6 | 5 | 9 | 1 | 3 | 7 | 8 | 2 | 4 |

ଗତକାଲିର ଉତ୍ତର

# ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଶିକ୍ଷକ ଅଭାବ



ବରେଣ୍ୟ ଦାସ

ଭାରତୀୟ ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସଂଖ୍ୟା ଓ ବିବିଧତା ଦୃଷ୍ଟିରୁ ଅଗ୍ରଣୀ। କିନ୍ତୁ ଏହାର ଅନ୍ତରାଳରେ ରହିଛି ବିଶେଷ ଶିକ୍ଷକଙ୍କ ଅଭାବ, ଯାହା ସରକାରୀ ଓ ଘରୋଇ ବିଦ୍ୟାଳୟ ଉଭୟରେ ଦେଖାଯାଉଛି। ଏହା ବିଶେଷ ଆବଶ୍ୟକତା ଥିବା ପିଲାଙ୍କ (ସିଡବ୍ଲ୍ୟୁଏସ୍ଏନ୍) ଶିକ୍ଷା ଓ ଭବିଷ୍ୟତକୁ ପ୍ରଭାବିତ କରୁଛି। ବିଶେଷ ଶିକ୍ଷକମାନେ ଦୃଷ୍ଟିହୀନତା, ଶ୍ରବଣ ଅକ୍ଷମତା, ଅଟିଜମ ଥିବା ପିଲାଙ୍କୁ ଶିକ୍ଷାଦେବା ଆବଶ୍ୟକ। ଅକ୍ଷମ ବ୍ୟକ୍ତି ଅଧିକାର ଆଇନ (ଆର୍‌ପିଡବ୍ଲ୍ୟୁଡି ଆକ୍ଟ, ୨୦୧୬) ସମାନ ଶିକ୍ଷା ସୁଯୋଗକୁ ସମର୍ଥନ କରେ, କିନ୍ତୁ ସେଥିରେ ଏହାର କାର୍ଯ୍ୟକାରିତା ପାଇଁ ସ୍ପଷ୍ଟ ମାର୍ଗଦର୍ଶିକା ନାହିଁ। ୟୁନେସ୍କୋର ୨୦୨୧ ରିପୋର୍ଟ ଅନୁସାରେ, ୭୫% ଦିବ୍ୟାଙ୍ଗ ପିଲା ବିଦ୍ୟାଳୟରେ ପଢିପାରନ୍ତି ନାହିଁ। ସମଗ୍ର ଶିକ୍ଷା ଅଭିଯାନ ଓ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦, ସମାନ ଶିକ୍ଷାର ପ୍ରତିଶ୍ରୁତି ଦେଇଛି, କିନ୍ତୁ ବିଶେଷ ଶିକ୍ଷକଙ୍କ ଅଭାବ ଏହାକୁ ଅସମ୍ଭବ କରିଛି। ସମଗ୍ର ଶିକ୍ଷା ୨୦୨୩-୨୪ ତଥ୍ୟ ଅନୁସାରେ, ୨୫.୪୮ଲକ୍ଷ ସିଡବ୍ଲ୍ୟୁଏସ୍ଏନ୍ ଚିହ୍ନଟ ହୋଇଛନ୍ତି, କିନ୍ତୁ ବିଶେଷ ଶିକ୍ଷକ ମାତ୍ର୧୨,୦୦୦-୧୫,୦୦୦।



ଏହାର ପ୍ରଥମ କାରଣ ହେଲା ବିଶେଷ ଶିକ୍ଷା ପାଇଁ କମ୍ ପ୍ରଶିକ୍ଷଣ ବ୍ୟବସ୍ଥା। ରିହାବିଲିଟେଶନ କାଉନ୍ସିଲ ଅଫ୍ ଇଣ୍ଡିଆ (ଆର୍‌ସିଆଇ) ଅଧୀନରେ ୮୦୦ରୁ କମ୍ ଅନୁଷ୍ଠାନ ରହିଛି, ଯାହା ବାର୍ଷିକ ୫,୦୦୦ରୁ କମ୍ ଶିକ୍ଷକ ତିଆରି କରେ। ଏହା ଆବଶ୍ୟକ ତୁଳନାରେ ନଗଣ୍ୟ। ଅନେକ ସାଧାରଣ ଶିକ୍ଷକ ବିଶେଷ ଆବଶ୍ୟକତା ଥିବା ପିଲାଙ୍କୁ ଶିକ୍ଷାଦେବାରେ ଅସମର୍ଥ, କାରଣ ସେମାନଙ୍କୁ ଏହି କ୍ଷେତ୍ରରେ ପ୍ରଶିକ୍ଷଣ ମିଳିନାହିଁ। ଦ୍ୱିତୀୟତଃ, ସରକାରୀ ବିଦ୍ୟାଳୟଗୁଡିକରେ ଏସ୍ଏସ୍ଏ ଅଧୀନରେ କମ୍ ବେତନ ଦିଆଯାଏ। କମ୍ ବେତନ ଯୋଗୁ ଅନେକ ଶିକ୍ଷକ ଏହି ପେସା ଛାଡ଼ନ୍ତି। ତୃତୀୟତଃ, ସହରାଞ୍ଚଳରେ ବିଶେଷ ଶିକ୍ଷକଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ, କିନ୍ତୁ ଗ୍ରାମାଞ୍ଚଳରେ ଏମାନଙ୍କ ଉପସ୍ଥିତିନାମମାତ୍ର। ଗ୍ରାମାଞ୍ଚଳରେ ଅଧିକାଂଶ ବିଶେଷ ଆବଶ୍ୟକତା ଥିବା ପିଲା ରହିଥାନ୍ତି, କିନ୍ତୁ ସେଠାକାର ସ୍କୁଲଗୁଡ଼ିକ ଯାହା ଶିକ୍ଷକଙ୍କ ଆବଶ୍ୟକତାକୁ ଆହୁରି ଜଟିଳ କରେ। ଅନେକ ବିଦ୍ୟାଳୟରେ ହୁଇଲ ଚେୟାର ରାମ୍ପ, ସ୍ୱତନ୍ତ୍ର ଶୌଚାଳୟ, ବ୍ରେଲ, ଶ୍ରବଣ ଉପକରଣ ଭଳି ମୌଳିକ ସୁବିଧା ନାହିଁ। ଏହା ବିଶେଷ ଆବଶ୍ୟକତା ଥିବା ପିଲାଙ୍କୁ ଶିକ୍ଷାରୁ ଦୂରେଇ ରଖେ ଏବଂ ଶିକ୍ଷକମାନେ ମଧ୍ୟ ଏପରି ପରିବେଶରେ କାମ କରିବାକୁ ଅସମର୍ଥ ହୁଅନ୍ତି। ଏହି ଅଭାବ ଯୋଗୁ ୪୫% ବିଶେଷ ଆବଶ୍ୟକତା ଥିବା ବ୍ୟକ୍ତି ନିରକ୍ଷର ରହିଯାଆନ୍ତି ଓ ମାତ୍ର ୯% ମାଧ୍ୟମିକ ଶିକ୍ଷା ସାରନ୍ତି (ଏନ୍ଏସ୍ଏସ୍, ୨୦୧୮), ଯାହା ସେମାନଙ୍କ ସାମାଜିକ-ଆର୍ଥିକ ଅଗ୍ରଗତିକୁ ବାଧା ଦିଏ।

ଏହି ଗମ୍ଭୀର ସମସ୍ୟାଗୁଡ଼ିକର ଏକ ସ୍ଥାୟୀ ଓ କାର୍ଯ୍ୟକାରୀ ସମାଧାନ ଆବଶ୍ୟକ, ଯାହା ଶିକ୍ଷା ବ୍ୟବସ୍ଥାରେ ବିଶେଷ ଆବଶ୍ୟକତା ଥିବା ପିଲାଙ୍କୁ ଅନ୍ତର୍ଭୁକ୍ତ କରିପାରିବ। ଉଦାହରଣ ସ୍ୱରୂପ ପ୍ରତି ଜିଲାରେ ୬ ମାସ ବ୍ୟାପୀ ସ୍ୱଳ୍ପ ମିଆଦୀ ପ୍ରଶିକ୍ଷଣ ଚଳାଯାଇପାରେ, ଯେଉଁଠାରେ ସାଧାରଣ ଶିକ୍ଷକଙ୍କୁ ବିଶେଷ ଶିକ୍ଷା ପ୍ରଦାନରେ ଦକ୍ଷ କରାଯିବ। ଏହାର ଉଦ୍ଦେଶ୍ୟ ହେବ ଦ୍ରୁତ ବିଶେଷ ଶିକ୍ଷକ ସଂଖ୍ୟାବଢ଼ାଇବା। ପ୍ରଶିକ୍ଷଣରେ ଅକ୍ଷମତାର ପ୍ରକାର, ଶିକ୍ଷଣ ପଦ୍ଧତି (ଯେପରି ବ୍ରେଲ, ସାଙ୍କେତିକ ଭାଷା) ଏବଂ ବ୍ୟକ୍ତିଗତ ଶିକ୍ଷାଯୋଜନା ତିଆରି ଶିଖାଯିବ। ଏହା ସରକାରୀ ଓ ଘରୋଇ ସ୍କୁଲରେ କାର୍ଯ୍ୟକାରୀ ହେବ ଏବଂ ପ୍ରତିବର୍ଷ ୫୦,୦୦୦ ଶିକ୍ଷକ ତିଆରି ଲକ୍ଷ୍ୟ ରଖାଯିବ। ସ୍ଥାନୀୟ ଶିକ୍ଷା ଅଧିକାରୀମାନେ ଏହାର ତଦାରଖ କରିବେ। ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ଶିକ୍ଷକଙ୍କୁ ପ୍ରଶିକ୍ଷଣ, ଶିକ୍ଷଣ ସାମଗ୍ରୀ (ଭିଡିଓ, ମଡ୍ୟୁଲ) ଓ ସହାୟତା ଦିଆଯାଇପାରେ। ଏକ କେନ୍ଦ୍ରୀୟ ପୋର୍ଟାଲ ମାଧ୍ୟମରେ ଶିକ୍ଷକମାନେ ନିଜ ସମସ୍ୟା ଉପସ୍ଥାପନ କରି ବିଶେଷଜ୍ଞଙ୍କ ପରାମର୍ଶ ପାଇପାରିବେ। ଏହା ଖର୍ଚ୍ଚ ହ୍ରାସ କରିବ, ସମୟ ବଞ୍ଚାଇବ ଓ ଦୂରବର୍ତ୍ତୀ ଅଞ୍ଚଳରେ ସମାନ ସୁଯୋଗ ସୃଷ୍ଟି କରିବ। ବିଶେଷ ଶିକ୍ଷକଙ୍କ ବେତନ ବଢ଼ାଇଲେ ତାହା ସେମାନଙ୍କୁ ଏହି ପେସାରେ ରହିବାକୁ ପ୍ରେରିତ କରିବ। ଗ୍ରାମୀଣ ଅଞ୍ଚଳରେ କାମ କରୁଥିବା ଶିକ୍ଷକଙ୍କ ପାଇଁ ଅତିରିକ୍ତ ଭତ୍ତା ସେମାନଙ୍କୁ ଦୂରବର୍ତ୍ତୀ ସ୍ଥାନରେ ସେବା ଦେବାକୁ ଉତ୍ସାହିତ କରିବ। ଘରୋଇ ସ୍କୁଲ ସ୍ଥାନୀୟ ସଂଗଠନ ଓ ଗଣମାଧ୍ୟମକୁ ସାମିଲ କରି ସଚେତନତା କାର୍ଯ୍ୟକ୍ରମ ଚଳା ଯାଇପାରେ। ଗ୍ରାମସ୍ତରୀୟ ସଭା, ପ୍ରଚାର ଅଭିଯାନ ଓ ଶିକ୍ଷାର ଗୁରୁତ୍ୱ ବିଷୟରେ ଆଲୋଚନା ମାଧ୍ୟମରେ ଅଭିଭାବକଙ୍କ ମନୋଭାବ ବଦଳା ଯାଇପାରେ। ଏହା ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସାମାଜିକ ଗ୍ରହଣୀୟତା ବା ସ୍କୁଲରେ ନାମଲେଖା ବୃଦ୍ଧି କରିପାରିବ। ସରକାରୀ ଅନୁଦାନ ଓ ପିପିପି ମଡେଲ ଜରିଆରେ ଅର୍ଥଯୋଗାଡ଼, ସ୍ୱତନ୍ତ୍ର ଶୌଚାଳୟ, ବ୍ରେଲସାମଗ୍ରୀ, ଶ୍ରବଣ ଉପକରଣ ଭଳି ମୌଳିକ ସୁବିଧା ଯୋଗାଇଲେ ପିଲାଙ୍କୁ ସ୍କୁଲ ଆସିବା ପାଇଁ ପ୍ରୋତ୍ସାହନ ମିଳିବ ଓ ଶିକ୍ଷକଙ୍କୁ ସେମାନଙ୍କ କାର୍ଯ୍ୟ ସହଜରେ କରିବାକୁ ସହାୟତା ମିଳିବ।

ଏହି ପ୍ରସ୍ତାବିତ ସମାଧାନର ଫଳାଫଳ ଯାଞ୍ଚ କରିବା ଓ ଏହାର ପ୍ରଗତି ଅନୁଧ୍ୟାନ କରିବା ଅତ୍ୟନ୍ତ ଜରୁରୀ। ସେଇଥି ପାଇଁ ପ୍ରତି ଜିଲାରେ କେତେ ଶିକ୍ଷକ ପ୍ରଶିକ୍ଷଣ ପାଇଲେ ଓ ନିଯୁକ୍ତ ହେଲେ, ତାହା ସରକାରୀ ରେକର୍ଡ ଜରିଆରେ ସଂଗ୍ରହ କରାଯିବା ଆବଶ୍ୟକ। ଏହାର ବିଶ୍ଳେଷଣ ପ୍ରଶିକ୍ଷଣର ପ୍ରଭାବ ଓ ଆବଶ୍ୟକତା ଅନୁସାରେ ଅଗ୍ରଗତି ଦର୍ଶାଇବ। ଏହା ସହିତ ବିଶେଷ ଆବଶ୍ୟକତା ଥିବା ପିଲାଙ୍କ ବିଦ୍ୟାଳୟ ଉପସ୍ଥିତି ଓ ଶିକ୍ଷା ସ୍ତରରେ ଉନ୍ନତି ପରିମାପ କରିବା ମଧ୍ୟ ଆବଶ୍ୟକ। ଏହା ପାଇଁ ସ୍କୁଲରୁ ନାମଲେଖା ରେକର୍ଡ, ଉପସ୍ଥିତି ହାର ଓ ପରୀକ୍ଷା ଫଳାଫଳ ସଂଗ୍ରହ କରାଯାଇପାରେ। ସର୍ଭେ ମାଧ୍ୟମରେ ଅଭିଭାବକଙ୍କ ମତାମତ ସଂଗ୍ରହ କରାଯାଇପାରେ, ଯେଉଁଠି ସେମାନଙ୍କ ସନ୍ତୁଷ୍ଟି, ସ୍କୁଲରେ ସୁବିଧା ଓ ପିଲାଙ୍କ ଅଗ୍ରଗତି ବିଷୟରେ ପ୍ରଶ୍ନରହିବ। ଏହା ସାମାଜିକ ସଚେତନତାର ସ୍ତର ଓ କାର୍ଯ୍ୟକ୍ରମର ଗ୍ରହଣୀୟତା ମଧ୍ୟ ମାପିବ। ବିଶେଷ ଶିକ୍ଷକଙ୍କ ଶିକ୍ଷାର ଗୁଣବତ୍ତା ମୂଲ୍ୟାଙ୍କନ ପାଇଁ ପିଲାଙ୍କ ଶିକ୍ଷଣ ଫଳାଫଳ, ଶିକ୍ଷକଙ୍କ ଶିକ୍ଷଣ ପଦ୍ଧତିର ପର୍ଯ୍ୟବେକ୍ଷଣ ଓ ଅଭିଭାବକଙ୍କ ମତାମତ ସଂଗ୍ରହ କରାଯାଇପାରେ। ଏପରି କି ପ୍ରତି ୬ମାସରେ ସମୀକ୍ଷା କରାଯାଇପାରେ। ପ୍ରାରମ୍ଭରେ୨୫% ନାମ ଲେଖା ହାର ଓ ୧୫% ଶିକ୍ଷକ ସଂଖ୍ୟା ବୃଦ୍ଧି ହେଲେ ଏହା ସଫଳ ଗଣାଯିବ।

ବିଶେଷ ଶିକ୍ଷକଙ୍କ ଅଭାବ ଏକ ଗୁରୁତର ସମସ୍ୟା ହେଲେ ମଧ୍ୟ ଠିକ୍ ପଦକ୍ଷେପ ଓ ସମ୍ମିଳିତ ପ୍ରୟାସ ଦ୍ୱାରା ଏହାର ସମାଧାନ ସମ୍ଭବ। ସରକାର, ଘରୋଇ ଅନୁଷ୍ଠାନ ଓ ସମାଜର ଐକ୍ୟବଦ୍ଧ ଉଦ୍ୟମ ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷାର ମୁଖ୍ୟ ଧାରାରେ ସାମିଲ କରିପାରିବ।

**କୋଲକାତା**
**ମୋ:୮୩୩୫୯୪୯୪୭୭**

## ପାଠକ ଶ୍ରେଷ୍ଠ ବିଚାରକ

### ଗଛ ପ୍ରତି ଯତ୍ନବାନ ହୁଅନ୍ତୁ

ମହାଶୟ,

ବୁଥ ସ୍ତରରେ ଭାଜପା କର୍ମୀ, ଗ୍ରାମାଞ୍ଚଳରେ ମିଶନ ଶକ୍ତି ମହିଳା, ସାଧାରଣ ଲୋକ, ବନ ବିଭାଗ, ସ୍କୁଲ-କଲେଜ ତଥା ବିଭିନ୍ନ ଅନୁଷ୍ଠାନ ମିଳିମିଶି ''ମା' ପାଇଁ ଗଛ ଟିଏ'' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବହୁ ସଂଖ୍ୟାରେ ଗଛ ଲଗାଇଛନ୍ତି। ଗଣମାଧ୍ୟମରେ ଏହି କାର୍ଯ୍ୟକ୍ରମର ଫଟୋ ଓ ଭିଡିଓ ଦେଖିବାକୁ ମିଳିଛି। କିନ୍ତୁ ପ୍ରଶ୍ନ ଉଠୁଛି - ସେହି ଗଛଗୁଡ଼ିକ ବଞ୍ଚିଛି କି ନାହିଁ? ମାର୍ଚ୍ଚ ଓ ଏପ୍ରିଲ ମାସର ପ୍ରଚଣ୍ଡ ଖରାରେ ଗଛଗୁଡ଼ିକୁ ଜଳ ଅଭାବରୁ ମରିଯିବାକୁ ଛାଡ଼ିଦେଲେ କ'ଣ ସେଗୁଡ଼ିକ ଆମ ପାଇଁ ମା' ହୋଇ ରହିବ? ସରକାରଙ୍କ ଯୋଜନା କିମ୍ବା ଏକ ବୃହତ୍ ମିଶନ ଭାବେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ କେବଳ ଫଟୋ ପାଇଁ ସୀମିତ ନ ରହି ଏକ ଦାୟିତ୍ୱଶୀଳ ପଦକ୍ଷେପ ହେବା ଉଚିତ। ଯେଉଁମାନେ ଗଛ ଲଗାଇଛନ୍ତି, ସେମାନଙ୍କୁ ଅନୁରୋଧ ଯେ ଏହି ଗଛଗୁଡ଼ିକ ପ୍ରତି ଯତ୍ନବାନ ହୁଅନ୍ତୁ। ଥରୁଟିଏ ଘରୁ ବାହାରି ଦେଖନ୍ତୁ ତ ଆମେ ଲଗାଇଥିବା ଗଛଗୁଡ଼ିକ କେଉଁ ଅବସ୍ଥାରେ ଅଛି। ଯଦି ଏବେ ଆମେ ଏହା ପ୍ରତି ଧ୍ୟାନ ନ ଦେବୁ, ତେବେ ଆଗାମୀ ଦିନରେ ପରିବେଶ ଆହୁରି ଅସମ୍ଭାଳ ହେବାର ସମ୍ଭାବନା ରହିଛି। ତେଣୁ ଫଟୋ ପାଇଁ ନୁହେଁ, ବରଂ ପରିବେଶ ଓ ଆମ ଭବିଷ୍ୟତ ପାଇଁ ଗଛଗୁଡ଼ିକୁ ବଞ୍ଚାଇ ରଖନ୍ତୁ।

**-ସୁରଜ କୁମାର ବେହେରା, ଆଇ ଆଇ ଏମ ସି, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତନୁରେ ଲାଗେ କୋମଳ ବାଆ
କପୋଳେ ଲାଗେ ପାଦପ-ଛାୟା
ପାଦପ ଡାଳେ ଡାହୁକ ଡାକେ
ଡାକେ କପୋତ ପକ୍ଷୀ
ଗ୍ରାମର ବାଳା ଏ ପଥେ ପାଦ ରଖି!
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିଦାହେଲେ ପଶ୍ଚିମବଙ୍ଗର ୨୫,୭୫୩ ଶିକ୍ଷକ

## ନିଯୁକ୍ତି ରଦ୍ଦ କଲେ ସୁପ୍ରିମକୋର୍ଟ



ମମତା ବାନାର୍ଜୀ

**ନୂଆଦିଲ୍ଲୀ/କୋଲକାତା,୩।୪ (ପି.ଟି.)**

ପଶ୍ଚିମବଙ୍ଗର ସରକାରୀ ଏବଂ ରାଜ୍ୟ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ୨୫,୭୫୩ ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ଗୁରୁବାର ରଦ୍ଦ କରିଛନ୍ତି। ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ଲାଗି ପଶ୍ଚିମବଙ୍ଗ ସ୍କୁଲ୍ ସର୍ଭିସ୍ କମିଶନଙ୍କ ଅଧୀନରେ ହୋଇଥିବା ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟା କଳୁଷିତ ଓ ଭ୍ରଷ୍ଟ ବୋଲି ସର୍ବୋଚ୍ଚ ଅଦାଲତ କହିଥିବାବେଳେ ମମତା ବାନାର୍ଜୀଙ୍କ ସରକାରଙ୍କୁ ବଡ଼ ଝଟକା ଲାଗିଛି।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କୋଲକାତା ହାଇକୋର୍ଟଙ୍କ ୨୦୨୪ ଏପ୍ରିଲ ୨୨ ତାରିଖର ରାୟକୁ ବଳବତ୍ତର ରଖିବା ସହ ୩ ମାସ ମଧ୍ୟରେ ସାନି ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ ତୃଣମୂଳ କଂଗ୍ରେସ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ। ଠକାମି କରି ଏଭଳି ନିଯୁକ୍ତି ଦିଆଯାଇଥିବାରୁ ତାହା ରଦ୍ଦ ହେଲା ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଖଣ୍ଡପୀଠଙ୍କ ମତରେ ସମ୍ପୂର୍ଣ୍ଣ ପ୍ରକ୍ରିୟା କଳୁଷିତ। ଏଥିରେ ବ୍ୟାପକ ଜାଲିଆତି ହୋଇଥିବା ବେଳେ ତାହାକୁ ଘୋଡ଼ାଇବାକୁ ଉଦ୍ୟମ ହୋଇଥିଲା। ଫଳରେ ଚୟନ ପ୍ରକ୍ରିୟା ପୂର୍ଣ୍ଣ ମାତ୍ରାରେ ନଷ୍ଟ ହୋଇଯାଇଛି, ଯାହାକୁ ସୁଧାରି ହେବ ନାହିଁ। ଚୟନ ପ୍ରକ୍ରିୟାର ବିଶ୍ୱସନୀୟତା ଏବଂ ବୈଧତା ଅସ୍ୱୀକୃତ ବୋଲି ଅଦାଲତ ତାଙ୍କ ରାୟରେ କହିଛନ୍ତି। ତେବେ ଯେଉଁ ପ୍ରାର୍ଥୀମାନେ ନିର୍ଦ୍ଦିଷ୍ଟ ଭାବେ ଦୋଷୀ ପ୍ରମାଣିତ ହୋଇନାହାନ୍ତି, ସେମାନେ ବହୁବର୍ଷ ଧରି ପାଇଥିବା ବେତନ ଫେରାଇବାକୁ ପଡ଼ିବ ନାହିଁ। ତେବେ ସେମାନଙ୍କୁ ସେବାରୁ ବହିଷ୍କାର କରାଯିବ। ସମ୍ପୂର୍ଣ୍ଣ ପରୀକ୍ଷା ପ୍ରକ୍ରିୟା ଏବଂ ଫଳାଫଳ ବ୍ୟର୍ଥ ଘୋଷିତ ହୋଇଥିବାରୁ କୌଣସି ପ୍ରାର୍ଥୀ ନିଯୁକ୍ତ ହୋଇପାରିବେ ନାହିଁ।

ହାଇକୋର୍ଟଙ୍କ ପୂର୍ବ ରାୟକୁ ମମତା ବାନାର୍ଜୀଙ୍କ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ

### ଅଦାଲତଙ୍କ ରାୟ ଗ୍ରହଣୀୟ ନୁହେଁ: ମମତା

ଉକ୍ତ ରାୟକୁ ଗୁରୁବାର କାଏମ ରଖିଥିବାବେଳେ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ମମତା କହିଛନ୍ତି। ରାଜ୍ୟ ସଚିବାଳୟଠାରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମମତା କହିଛନ୍ତି, ନ୍ୟାୟପାଳିକା ପ୍ରତି ତାଙ୍କର ସର୍ବୋଚ୍ଚ ସମ୍ମାନ ରହିଛି, ତେବେ ୨୫,୭୫୩ ଶିକ୍ଷକଙ୍କ ନିଯୁକ୍ତିକୁ ରଦ୍ଦ କରାଯିବା ରାୟ ଗ୍ରହଣୀୟ ନୁହେଁ। ସେ ଆହୁରି କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟକୁ ତାଙ୍କ ସରକାର ଅନୁପାଳନ କରିବେ ଏବଂ ସମସ୍ତ ଆଇନଗତ ବିକଳ୍ପ ଅନୁଧ୍ୟାନ କରିବେ। ଦେଶର ଜଣେ ନାଗରିକ ଭାବେ ମତାମତ ରଖିବା ଅଧିକାର ମୋର ରହିଛି। ରାୟ ସହ ମୁଁ ସହମତ ହୋଇପାରୁ ନାହିଁ ବୋଲି ମମତା କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସର୍ବୋଚ୍ଚ ଅଦାଲତ ରଦ୍ଦ କରିବା ଫଳରେ ପାଖାପାଖି ୨୬ ହଜାର ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଅଡୁଆ ବଢ଼ିଛି। ଏଭଳି ସ୍ଥିତି ପାଇଁ ଦାୟୀ ମୁଖ୍ୟମନ୍ତ୍ରୀ ମମତା ତୁରନ୍ତ ଇସ୍ତଫା ଦିଅନ୍ତୁ ଓ ତାଙ୍କୁ ଗିରଫ କରାଯାଉ ବୋଲି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଦାବି କରିଛନ୍ତି। ଏତେସଂଖ୍ୟାରେ ଶିକ୍ଷକ, କର୍ମଚାରୀ ନିଯୁକ୍ତି ହରାଇବା ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ନିଜକୁ ଦାୟୀ କରନ୍ତୁ। ଶାସକ ଦଳର କେତେଜଣ ହେଭିୱେଟ୍ ନେତା ଏବଂ ଅଫିସରଙ୍କ ଘନିଷ୍ଠ ଥିବା ୬,୦୦୦ ଅଯୋଗ୍ୟଙ୍କୁ ବେଆଇନ ଭାବେ ନିଯୁକ୍ତି ଦେବା ନିମନ୍ତେ ସରକାର ଜବରଦସ୍ତ ଉଦ୍ୟମ କରିଥିଲେ ବୋଲି ଶୁଭେନ୍ଦୁ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ତୁର୍କୀରେ ଫସିଛନ୍ତି ୨୦୦ ଭାରତୀୟ ଯାତ୍ରୀ

### ବିମାନର ଜରୁରୀ ଅବତରଣ

**ନୂଆଦିଲ୍ଲୀ,୩।୪**

ମେଡିକାଲ ଏମର୍ଜେନ୍ସି କାରଣରୁ ଲଣ୍ଡନରୁ ମୁମ୍ବାଇ ଅଭିମୁଖେ ଆସୁଥିବା ଭର୍ଜିନ୍ ଆଟଲାଣ୍ଟିକ୍‌ର ଏକ ବିମାନକୁ ତୁର୍କୀର ଡିୟାରବାକିର ଏୟାରପୋର୍ଟରେ ଜରୁରୀ ଅବତରଣ କରାଯାଇଛି। ଫଳରେ ୨୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଯାତ୍ରୀ ୧୬ ଘଣ୍ଟାରୁ ଅଧିକ ସମୟ ହେଲା ଉକ୍ତ ବିମାନବନ୍ଦରରେ ଫସିରହିଛନ୍ତି। ଉକ୍ତ ଏୟାରପୋର୍ଟ ବିମାନ ପରିଚାଳନା ପାଇଁ ଉପଯୁକ୍ତ ନୁହେଁ। ଅବତରଣ ସମୟରେ ବିମାନରେ ବୈଷୟିକ ତ୍ରୁଟି ଥିବା ଯାତ୍ରୀମାନଙ୍କୁ କୁହାଯାଇଥିଲା। ତେବେ ଭୟଭୀତ କାରଣରୁ ଜଣେ ଯାତ୍ରୀଙ୍କୁ ପ୍ୟାନିକ୍ ଆଟାକ ହେବାରୁ ବିମାନକୁ ଜରୁରୀ ଅବତରଣ କରାଯାଇଥିବା ଜଣାପଡ଼ିଥିଲା। ଅଟକି ରହିଥିବା ଯାତ୍ରୀମାନଙ୍କ ସୁବିଧା ପାଇଁ ବିମାନ ବନ୍ଦର କର୍ତ୍ତୃପକ୍ଷ ଓ ଅନ୍ୟ ଅଧିକାରୀମାନଙ୍କ ସହ ତୁର୍କୀସ୍ଥିତ ଭାରତୀୟ ଦୂତାବାସ ଯୋଗାଯୋଗ କରିଛି।

## ଟ୍ରମ୍ପଙ୍କ ୨୬% ଟାରିଫ୍‌ର ପ୍ରଭାବ ଅନୁଧ୍ୟାନ କରୁଛି କେନ୍ଦ୍ର

**ନୂଆଦିଲ୍ଲୀ,୩।୪**



ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତରୁ ଆମଦାନି ଦ୍ରବ୍ୟ ଓ ସେବା ଉପରେ ୨୬% ପାଲଟା ଶୁଳ୍କ ଲଗାଇଛନ୍ତି। ଭାରତୀୟ ରପ୍ତାନି ଉପରେ ଆମେରିକା ଟାରିଫ୍‌ର କି ପ୍ରକାର ପ୍ରଭାବ ପଡ଼ିବ, ତାହାର ଅନୁଧ୍ୟାନ କରାଯାଉଥିବା ଗୁରୁବାର କେନ୍ଦ୍ର ସରକାର କହିଛନ୍ତି। ଭାରତୀୟ ଶିଳ୍ପ ଏବଂ ରପ୍ତାନିକାରୀଙ୍କ ସମେତ ସମସ୍ତ ଷ୍ଟେକ୍ ହୋଲ୍ଡରଙ୍କ ସହ ବିଚାରବିମର୍ଶ କରାଯାଇ ଟାରିଫ୍‌ଜନିତ ସ୍ଥିତି ଆକଳନ ସମ୍ପର୍କରେ ସେମାନଙ୍କ ମତାମତ ନିଆଯାଉଥିବା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି। ଟ୍ରମ୍ପ୍ ବୁଧବାର ରେସିପ୍ରୋକାଲ ଟାରିଫ୍ ଉପରେ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ସମସ୍ତ ବାଣିଜ୍ୟ ସହଯୋଗୀଙ୍କ ଉପରେ ମୂଲ୍ୟ ଅନୁଯାୟୀ ୧୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲଗାଇଛନ୍ତି। ୫ ତାରିଖରୁ ବେସ୍‌ଲାଇନ ଶୁଳ୍କ ଲାଗୁ ହେବାକୁ ଥିବାବେଳେ ୯ ତାରିଖରୁ ଅବଶିଷ୍ଟ ଦେଶଗୁଡ଼ିକ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଶୁଳ୍କ ଲାଗୁ କରାଯିବ। ଭାରତୀୟ ସାମଗ୍ରୀ ଉପରେ ୨୬% ଅତିରିକ୍ତ ଶୁଳ୍କ ଲାଗୁ ହୋଇଥିବାବେଳେ ଔଷଧ, ସେମିକଣ୍ଡକ୍ଟର ଏବଂ ଶକ୍ତି ଉତ୍ପାଦ ଆଦି କେତେକ ସେକ୍ଟରକୁ ଶୁଳ୍କରୁ ମୁକ୍ତ କରାଯାଇଛି। ଟ୍ରମ୍ପ୍ ଚାଇନା ଉପରେ ୩୪% ଟିକସ ଲଗାଇଥିବାବେଳେ ପାକିସ୍ତାନ ଉପରେ ୨୯%, ୟୁରୋପୀୟ ୟୁନିୟନ ଉପରେ ୨୦%, ଦକ୍ଷିଣ କୋରିଆ ଉପରେ ୨୫% ଶୁଳ୍କ ଲଗାଇଛନ୍ତି।

## ରଣନୈତିକ ସହଭାଗିତା ସ୍ତରକୁ ବଢ଼ିବ ଭାରତ-ଥାଇଲାଣ୍ଡ ସମ୍ପର୍କ: ମୋଦି

**ବ୍ୟାଙ୍କକ୍,୩।୪**

ଭାରତ ଏବଂ ଥାଇଲାଣ୍ଡ ସେମାନଙ୍କ ସମ୍ପର୍କକୁ ରଣନୈତିକ ସହଭାଗିତା ସ୍ତରକୁ ବଢ଼ାଇବା ପାଇଁ ଗୁରୁବାର ରାଜି ହୋଇଛନ୍ତି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଉଭୟ ଦେଶ ସ୍ୱାଧୀନ, ମୁକ୍ତ, ସମାବେଶୀ ଏବଂ ସ୍ୱାଧୀନ ଅନ୍ତର୍ଜାତୀୟ ନିୟମ କାର୍ଯ୍ୟକାରୀ ଚାହୁଁଥିବା ତଥା ବିସ୍ତାର ନୁହେଁ, ବିକାଶ ନୀତି ଉପରେ ବିଶ୍ୱାସ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପ୍ରତିନିଧି ସ୍ତରୀୟ ଆଲୋଚନାରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବଢ଼ାଇବା ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଏହା ପରେ ଥାଇଲାଣ୍ଡ ପ୍ରତିପକ୍ଷ ପାଏଟୋଙ୍ଗଟାର୍ନ ଶିନାୱାତ୍ରାଙ୍କ ସହ ମୋଦି ମିଳିତ ଖବରଦାତା ସମ୍ମିଳନୀକୁ ଉପରୋକ୍ତ ସୂଚନା ଦେଇଛନ୍ତି। ଭାରତର ଉତ୍ତରପୂର୍ବାଞ୍ଚଳ ଏବଂ ଥାଇଲାଣ୍ଡ ମଧ୍ୟରେ ପର୍ଯ୍ୟଟନ, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ଉଭୟ ଦେଶ ଗୁରୁତ୍ୱ ଦେଇଛନ୍ତି। ସେହିପରି ପାରସ୍ପରିକ ବାଣିଜ୍ୟ, ପୁଞ୍ଜିନିବେଶ ବଢ଼ାଇବା ଏବଂ ବ୍ୟବସାୟିକ ଆଦାନପ୍ରଦାନ ଉପରେ ଆଲୋଚନା ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇ, ହସ୍ତତନ୍ତ ଏବଂ ହସ୍ତଶିଳ୍ପରେ ସହଯୋଗ ବୃଦ୍ଧି ନେଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଭାରତର 'ଆକ୍ଟ ଇଷ୍ଟ' ନୀତି ଏବଂ ଇଣ୍ଡୋ-ପାସିଫିକ୍ ଦୃଷ୍ଟିକୋଣରେ ଥାଇଲାଣ୍ଡର ସ୍ୱତନ୍ତ୍ର ସ୍ଥାନ ରହିଥିବା ମୋଦି କହିଛନ୍ତି। ମୋଜିଙ୍କ ଗସ୍ତ ଅବସରରେ ଥାଇଲାଣ୍ଡ ସରକାର ଅଷ୍ଟାଦଶ ଶତାବ୍ଦୀର ରାମାୟଣ ଭିତ୍ତିଚିତ୍ର ଆଧାରିତ ସ୍ୱତନ୍ତ୍ର ଡାକ ଟିକେଟ ଜାରି କରିଥିବାବେଳେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଶିନାୱାତ୍ରା ମୋଦିଙ୍କୁ ତ୍ରିପିଟକ ଭେଟି ଦେଇଛନ୍ତି।



ବ୍ୟାଙ୍କକ୍‌ରେ ବିଆଇଏମ୍‌ଏସ୍‌ଟିଇସି ସମିଟ୍ ଅବସରରେ ଅନୁଷ୍ଠିତ ନୈଶ୍ୟ ଭୋଜି ପାଇଁ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ଥାଇଲାଣ୍ଡ ପ୍ରତିପକ୍ଷ ପାଏଟୋଙ୍ଗଟାର୍ନ ଶିନାୱାତ୍ରା ସ୍ୱାଗତ କରୁଛନ୍ତି।

ବୁଧବାର ମଧ୍ୟରାତ୍ରରେ ଇସ୍ରାଏଲ ପକ୍ଷରୁ କରାଯାଇଥିବା ଏୟାର ଷ୍ଟ୍ରାଇକ୍‌ରେ ୫୫ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଦକ୍ଷିଣ ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍ ହସ୍ପିଟାଲରେ ଇନାସ୍ ଅଲ୍ ଅଦ୍ଧାଦ ନାମ୍ନୀ ଜଣେ ମହିଳା ତାଙ୍କ ସ୍ୱାମୀ ଅଶ୍ରଫଙ୍କ ମୃତଦେହ ନିକଟରେ ଶୋକବ୍ୟକ୍ତ କରୁଛନ୍ତି।



## କୂଅରେ ବିଷାକ୍ତ ଗ୍ୟାସ୍: ୮ ମୃତ

**ଖଣ୍ଡୱା,୩।୪**

ମଧ୍ୟପ୍ରଦେଶର ଖଣ୍ଡୱା ଜିଲା ଅନ୍ତର୍ଗତ କୋଣ୍ଡାଭାଟ ଗ୍ରାମରେ ଗୁରୁବାର କୂଅ ସଫା କରିବାକୁ ଯାଇଥିବା ୮ ଜଣ ଲୋକ ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ବାର୍ଷିକ ଗଙ୍ଗୌର ମାତା ଉତ୍ସବ ଚାଲିଥିବାରୁ ମୂର୍ତ୍ତି ବିସର୍ଜନ ପାଇଁ କୂଅ ସଫା କରିବାକୁ ଅପରାହ୍ଣ ୪ଟାରେ ପ୍ରଥମେ ୫ ଜଣ ପ୍ରବେଶ କରିଥିଲେ। ସେମାନେ କୂଅରୁ ନ ବାହାରିବାରୁ ଅନ୍ୟ ୩ ଜଣ ଭିତରକୁ ଯାଇଥିଲେ। ତେବେ ସମସ୍ତେ କୂଅରେ ଫସିଯାଇଥିଲେ ବୋଲି ଖଣ୍ଡୱା ଜିଲାପାଳ ଋଷଭ ଗୁପ୍ତା ଏବଂ ଏସ୍‌ପି ମନୋଜ କୁମାର ରାୟ କହିଛନ୍ତି। କୂଅରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହେଉଥିବାରୁ ସେମାନଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ କର୍ମଚାରୀ, ସ୍ଥାନୀୟ ପୋଲିସ ଏବଂ ଗ୍ରାମବାସୀଙ୍କ ଦୀର୍ଘ ୪ ଘଣ୍ଟାର ଉଦ୍ୟମ ସତ୍ତ୍ୱେ କାହାକୁ ଉଦ୍ଧାର କରାଯାଇ ପାରି ନ ଥିଲା। ଶେଷରେ ସେମାନଙ୍କ ମୃତଦେହକୁ ବାହାର କରାଯାଇଥିଲା। କୂଅଟି ପ୍ରାୟ ବର୍ଷେ ହେଲା ବ୍ୟବହୃତ ନ ହୋଇ ପରିତ୍ୟକ୍ତ ଥିବାରୁ ସେଥିରେ ବିଷାକ୍ତ ଗ୍ୟାସ୍ ସୃଷ୍ଟି ହୋଇଥିଲା। ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଦେବାକୁ ଜିଲା ପ୍ରଶାସନ ଘୋଷଣା କରିଛି।

# ୱାକ୍ଫ ବିଲ୍: ନୀତୀଶ, ନାଇଡୁଙ୍କୁ କିପରି ମନାଇଲା ଭାଜପା



ନୀତୀଶ କୁମାର



ଏନ୍. ଚନ୍ଦ୍ରବାବୁ ନାଇଡୁ

**ନୂଆଦିଲ୍ଲୀ,୩।୪**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପାରମ୍ପରିକ ଭାବେ ମୁସଲମାନ ଭୋଟ ବ୍ୟାଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ। କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରରେ ସାମିଲ ଥିବା ଏହି ୨ ସହଯୋଗୀ ଦଳ ଏକକ ଦେୱାନୀ ସଂହିତା (ୟୁସିସି) ସମେତ ମୁସଲମାନଙ୍କ ସ୍ୱାର୍ଥରକ୍ଷା କଥା ଉଠିଲେ ଭାଜପାଠାରୁ ଭିନ୍ନମତ ପୋଷଣ କରିଥାଆନ୍ତି। ତେବେ ୱାକ୍ଫ ସଂଶୋଧନ ବିଲ୍ ପ୍ରସଙ୍ଗରେ ଭାଜପା ଉଭୟ ଟିଡିପି ଏବଂ ଜେଡିୟୁର ସମର୍ଥନ ହାସଲ କରିବାରେ କିପରି ସକ୍ଷମ ହେଲା ସେନେଇ ବର୍ତ୍ତମାନ ଚର୍ଚ୍ଚା ଜାରି ରହିଛି।

ଟିଡିପି ଏବଂ ଜେଡିୟୁ ବିବାଦୀୟ ୱାକ୍ଫ ସଂଶୋଧନ ବିଲ୍‌କୁ ସମର୍ଥନ କରିବା ରାଜନୈତିକ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ୨୦୨୪ ଅଗଷ୍ଟରେ ଲୋକ ସଭାରେ ୱାକ୍ଫ ବିଲ୍ ଆଗତ କରାଯିବା ପୂର୍ବରୁ କେନ୍ଦ୍ରର ବରିଷ୍ଠ ମନ୍ତ୍ରୀମାନେ ଏହାର ଗୁରୁତ୍ୱ ସମ୍ପର୍କରେ ୨ ଦଳକୁ ଅବଗତ କରାଇଥିଲେ। ସେମାନେ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି ଏବଂ ଜୟନ୍ତ ଚୌଧରୀଙ୍କ ରାଷ୍ଟ୍ରୀୟ ଲୋକ ଦଳ ସହ ମଧ୍ୟ ପରାମର୍ଶ କରିଥିଲେ। ବିରୋଧୀ ଦଳଗୁଡ଼ିକ ୱାକ୍ଫ ବିଲ୍‌କୁ ଧ୍ରୁବୀକରଣର ଅସ୍ତ୍ର ଭାବେ ଅଭିହିତ କରୁଥିବାବେଳେ ଭାଜପା ବିଲ୍‌ର ଆବଶ୍ୟକତା ସମ୍ପର୍କରେ ସହଯୋଗୀ ଦଳଗୁଡ଼ିକୁ ବୁଝାଇଥିଲା। ଏଥିସହ ମୁସଲମାନ ସମ୍ପ୍ରଦାୟର ସ୍ୱାର୍ଥ ସୁରକ୍ଷା ଏବଂ ମହିଳାଙ୍କ ଅଧିକାର ସୁନିଶ୍ଚିତ କରାଯିବା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲା। ୱାକ୍ଫ ସମ୍ପତ୍ତି ଓ ରାଜ୍ୟ ସରକାରଙ୍କ ଅଧିକାରରେ ହସ୍ତକ୍ଷେପକୁ ନେଇ ଅଂଶୀଦାର ଦଳଗୁଡ଼ିକ ଚିନ୍ତାବ୍ୟକ୍ତ କରିବାରୁ ଏହାକୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଥିଲା। ଜେପିସି ଏଥିରେ ୧୪ଟି ସଂଶୋଧନକୁ ଗ୍ରହଣ କରିଥିଲା। ସଂଶୋଧନ ଭିତରେ ଜେଡିୟୁ ଏବଂ ଟିଡିପିର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଥିଲା। ଜେଡିୟୁ ଜୋର୍ ଦେଇ କହିଥିଲା, ମସ୍‌ଜିଦ, ଦରଘା ଓ ଅନ୍ୟ ମୁସଲିମ୍ ଧର୍ମପୀଠଗୁଡ଼ିକ ଉପରେ ନୂଆ ଆଇନକୁ ପିଛିଲା ଭାବେ ଲାଗୁକରା ନ ଯାଉ। ସେହିପରି ଟିଡିପି ୱାକ୍ଫ ସମ୍ପତ୍ତି ଉପରେ ରାଜ୍ୟର ସ୍ୱାୟତ୍ତତା ବଜାୟ ରଖିବା ପାଇଁ ଜିଦ୍ ଧରିଥିଲା। ସଂଶୋଧିତ ବିଲ୍‌ରେ ଏହା ସନ୍ନିବେଶିତ କରାଯାଇଥିବାରୁ ଟିଡିପି, ଜେଡିୟୁ, ଏଲ୍‌ଜେପି, ଆର୍‌ଏଲ୍‌ଡି ଏବଂ ହିନ୍ଦୁସ୍ଥାନ ଆୱାମ ମୋର୍ଚ୍ଚା ଉକ୍ତ ବିଲ୍‌କୁ ସମର୍ଥନ କରିଥିଲେ।

## ସୁପ୍ରିମକୋର୍ଟ ଯିବ ଡିଏମ୍‌କେ



ଏମ୍.କେ. ଷ୍ଟାଲିନ୍

**ଚେନ୍ନାଇ,୩।୪**

ୱାକ୍ଫ ସଂଶୋଧନ ବିଲ୍‌କୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ଦୃଢ଼ ବିରୋଧ କରିବା ସହ ଏହା ବିରୋଧରେ ତାଙ୍କ ଦଳ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିବ ବୋଲି କହିଛନ୍ତି। ବୁଧବାର ଲୋକ ସଭାରେ ୱାକ୍ଫ ବିଲ୍ ଗୃହୀତ ହୋଇଥିବାବେଳେ ଗୁରୁବାର ତାମିଲନାଡୁ ବିଧାନସଭାରେ ଡିଏମ୍‌କେ ଏବଂ ଏହାର ସହଯୋଗୀ ଦଳର ସଦସ୍ୟମାନେ ଏହାକୁ ବିରୋଧ କରି କଳା ବ୍ୟାଜ୍ ପରିଧାନ କରିଥିଲେ। କେନ୍ଦ୍ର ସରକାର ୱାକ୍ଫ ବିଲ୍‌କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନେବାକୁ ନିବେଦନ କରି ଗତ ସପ୍ତାହରେ ତାମିଲନାଡୁ ବିଧାନସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଭାଜପା ବ୍ୟତୀତ ଅନ୍ୟ ସବୁ ଦଳର ସଦସ୍ୟମାନେ ଉକ୍ତ ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏହି ବିଲ୍ ଦେଶରେ ଧର୍ମୀୟ ସଦ୍‌ଭାବନାକୁ ବ୍ୟାଘାତ କରିବା ସହ ମୁସଲମାନ ସମ୍ପ୍ରଦାୟକୁ ପ୍ରଭାବିତ କରିବ। ସଂଖ୍ୟାଧିକ ରାଜନୈତିକ ଦଳର ବିରୋଧ ଏବଂ ପ୍ରସ୍ତାବ ଗୃହୀତ ହେବା ସତ୍ତ୍ୱେ ଲୋକ ସଭାରେ ବିଲ୍ ଗୃହୀତ ହେବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଷ୍ଟାଲିନ୍ କହିଛନ୍ତି।

## ଫୁରସତ

# 'କେଶରୀ ଚାପ୍ଟର ୨': ଅକ୍ଷୟ, ମାଧବନ୍ ମୁକାବିଲା

### ଟ୍ରେଲର ଆଉଟ

**ମୁମ୍ବାଇ:** ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଓ ଆର୍ ମାଧବନ୍‌ଙ୍କ 'କେଶରୀ ଚାପ୍ଟର ୨'ର ଟ୍ରେଲର ଗୁରୁବାର ରିଲିଜ୍ ହୋଇଛି। ଏଥିରେ ଉଭୟ ଅକ୍ଷୟ ଓ ମାଧବନ୍ ଓକିଲ ଭୂମିକାରେ ନଜରକୁ ଆସିଛନ୍ତି। ୧୯୧୯ ଏପ୍ରିଲ ୧୩ରେ ହୋଇଥିବା ଜାଲିଆନାୱାଲାବାଗ୍ ନରସଂହାରକୁ ନେଇ କୋର୍ଟରେ ଉଭୟଙ୍କ ମଧ୍ୟରେ ଜବରଦସ୍ତ ମୁକାବିଲା ହୋଇଥିବାର ଟ୍ରେଲରରେ ଦେଖିବାକୁ ମିଳିଛି। ଜାଲିଆନାୱାଲାବାଗ୍ ନରସଂହାରରୁ ଏହି ଟ୍ରେଲର ଆରମ୍ଭ ହୋଇଛି। ଏହାର ପରବର୍ତ୍ତୀ ଦୃଶ୍ୟରେ ଅକ୍ଷୟ ବରିଷ୍ଠ ଓକିଲ ସି ଶଙ୍କରନ୍ ନାୟାରଙ୍କ ଭୂମିକାରେ ଜେନେରାଲ ଡାୟାରଙ୍କୁ ପ୍ରଶ୍ନ କରୁଥିବାର ଦେଖିବାକୁ ମିଳିଛି। ଏହାପରେ ବ୍ରିଟିଶ କ୍ରାଉନର ଓକିଲ ଭାବେ ମାଧବନ୍‌ଙ୍କ ଦମ୍‌ଦାର ଏଣ୍ଟ୍ରି ହୋଇଛି। ଜାଲିଆନାୱାଲାବାଗ୍ ନରସଂହାର ସମ୍ବନ୍ଧିତ ବିଭିନ୍ନ ଦିଗକୁ ନେଇ କୋର୍ଟରେ ଉଭୟ ମାଧବନ୍ ଓ ଅକ୍ଷୟଙ୍କ ମଧ୍ୟରେ ଦମ୍‌ଦାର ମୁକାବିଲା ହେଉଥିବାର ଏହି ଟ୍ରେଲରରେ ଦେଖିବାକୁ ମିଳିଛି। କରନ୍ ସିଂ ତ୍ୟାଗିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହି ଟ୍ରେଲରରେ ଅନନ୍ୟା ଜଣେ ଆଇନ ଛାତ୍ରୀ ଭାବେ ବ୍ରିଟିଶ୍ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ବାରିଷ୍ଟର ସି. ଶଙ୍କରନ୍ ନାୟାରଙ୍କ ଜୀବନୀକୁ ନେଇ ଏହି ଫିଲ୍ମ କେନ୍ଦ୍ରିତ ରହିଛି। ଜାଲିଆନାୱାଲାବାଗ ନଂରସହାର ପଛରେ ଥିବା ସତ୍ୟତାକୁ ପ୍ରକାଶ କରିବା ପାଇଁ ଶଙ୍କରନ୍ ବ୍ରିଟିଶ ଶାସନ ବିରୋଧରେ ଲଢ଼େଇ କରିଥିଲେ। ଆସନ୍ତା ୧୮ରେ 'କେଶରୀ ଚାପ୍ଟର ୨' ଫିଲ୍ମ ରିଲିଜ୍ ହେବ।



ଅକ୍ଷୟ କୁମାର



ଆର୍ ମାଧବନ୍

# ସବୁଠୁ ବିପଜ୍ଜନକ ରାସ୍ତା

**ଆଙ୍କାରା:** ସାଧାରଣତଃ ଯେକୌଣସି ରାସ୍ତାରେ ଗାଡି ଚଳାଇଲେ ମଧ୍ୟ କୁଶଳୀ ଡ୍ରାଇଭରମାନଙ୍କୁ ଭୟ ଲାଗି ନ ଥାଏ। ନିଜର ବୁଦ୍ଧି ସହ ସେମାନେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅତିସହଜରେ ଗାଡ଼ି ଚଳାଇ ପାରିଥାନ୍ତି। ତେବେ ବିଶ୍ୱରେ ଏପରି କିଛି ରାସ୍ତା ରହିଛି, ଯେଉଁଠାରେ ଗାଡ଼ି ଚଳାଇବାକୁ ଯେ କେହି ବି ଭୟ କରିଥାନ୍ତି। ସେହିପରି ଏକ ରାସ୍ତା ତୁର୍କୀରେ ରହିଛି, ଯାହାକୁ ବିଶ୍ୱର ସବୁଠାରୁ ବିପଜ୍ଜନକ ରାସ୍ତା ଭାବେ ବିବେଚନା କରାଯାଇଥାଏ।

ଓଡିଟି ସେଣ୍ଟ୍ରାଲର ରିପୋର୍ଟ ଅନୁଯାୟୀ, ପୂର୍ବ ତୁର୍କୀର ବେବୁର୍ଟ ସହର ସହ ଟ୍ରାବଜନ୍ ରାଜ୍ୟର ଅଫ୍ ସହରକୁ ସଂଯୋଗ କରୁଥିବା ରାସ୍ତା ହେଉଛି ବିଶ୍ୱର ଅନ୍ୟତମ ସବୁଠାରୁ ବିପଦପୂର୍ଣ୍ଣ ରାସ୍ତା। ୧୦୫ କିଲୋମିଟର ଲମ୍ବା ଏହି ରାସ୍ତାର ନାମ ହେଉଛି ଡି୯୧୫। ଉକ୍ତ ରାସ୍ତା ତୁର୍କୀର ଉତ୍ତର-ପୂର୍ବ ଆଣ୍ଟୋଲିଆ ରାଜ୍ୟକୁ ସ୍ଥାନୀୟ ବ୍ଲାକ୍ ସି ଅଞ୍ଚଳ ସହ ସଂଯୋଗ କରୁଛି। ଏହି ରାସ୍ତାରେ ଅନେକ କଷ୍ଟଦାୟକ ମୋଡ଼ ରହିଛି, ଫଳରେ ଏଠାରେ ଗାଡ଼ି ଚଳାଇବା ଖୁବ୍ କଷ୍ଟକର ହୋଇଥାଏ।

ଏହି ରାସ୍ତାର ଇତିହାସ ୧୯୧୬ ମସିହା ସହ ଜଡ଼ିତ। ସେତେବେଳେ ରୁଷୀୟ ସୈନ୍ୟବାହିନୀ ଟ୍ରାବଜନ୍ ଅଞ୍ଚଳକୁ ଅଧିକୃତ କରିନେଇଥିଲେ। ସେହି ସମୟରେ ରୁଷୀୟ ସେନା ପକ୍ଷରୁ ଏହି ରାସ୍ତାର ନିର୍ମାଣ କରାଯାଇଥିଲା। ଡି୯୧୫ ରାସ୍ତାରେ ଯିବା ସମୟରେ ପ୍ରାରମ୍ଭରେ ଏହା ବିପଜ୍ଜନକ ହୋଇଥିବା ପରି ମନେହେବ ନାହିଁ, କିନ୍ତୁ ଧୀରେ ଧୀରେ ଆଗକୁ ବଢ଼ିବା ସହ ଏହି ରାସ୍ତା ଡରାଇବା ଆରମ୍ଭ କରିଥାଏ। ଉକ୍ତ ରାସ୍ତାରେ ସମୁଦାୟ ୩୮ଟି ତୀକ୍ଷ୍ଣ ମୋଡ଼ ରହିଛି, ଯାହାକୁ ହେୟାରପିନ ଟର୍ନ କୁହାଯାଏ। ସେଥିମଧ୍ୟରୁ ସବୁଠାରୁ ବିପଜ୍ଜନକ ମୋଡ଼ର ନାମ ହେଉଛି ଡେରେବାସି ଟର୍ନ। ଡି୯୧୫ରେ ଯାଉଥିବା ସମୟରେ ଏକଦା ମାତ୍ର ୫ କିଲୋମିଟର ରାସ୍ତା ମଧ୍ୟରେ ୧୭ଟି ତୀକ୍ଷ୍ଣ ମୋଡ଼ ଆସିଥାଏ, ଯାହା ସମୁଦ୍ର ପତ୍ତନଠାରୁ ୫,୬୦୦ରୁ ୬,୬୦୦ ଫୁଟ ଉଚ୍ଚରେ ଅବସ୍ଥିତ। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଖସି ନ ଯିବା ପାଇଁ କିମ୍ବା ଦୁର୍ଘଟଣାକୁ ରୋକିବା ପାଇଁ କୌଣସି ଗାର୍ଡ ରେଲିଙ୍ଗ ମଧ୍ୟ ନିର୍ମାଣ କରାଯାଇ ନାହିଁ। ସେହିପରି ଏହି ରାସ୍ତା ଏକଦା ଏତେ ସଂକୀର୍ଣ୍ଣ ହୋଇଯାଏ ଯେ, ସେତେବେଳେ ଏହା ଦେଇ କେବଳ ଗୋଟିଏ ଯାନ ଯାଇପାରିଥାଏ। ପାଗ ଖରାପ ହେଲେ ଏହି ରାସ୍ତା ଆହୁରି ବିପଜ୍ଜନକ ହୋଇଯାଏ। ତୁଷାରପାତ ଏବଂ ବର୍ଷା ହେତୁ ଅକ୍ଟୋବରରୁ ଜୁନ୍ ପର୍ଯ୍ୟନ୍ତ ଡି୯୧୫ ରାସ୍ତାକୁ ବନ୍ଦ ରଖାଯାଇଥାଏ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଡିଭିଜନ 'ଏ'ରେ ଓଡ଼ିଶା, ହରିୟାଣା

**ଝାନ୍‌ସୀ, ୩।୪ (ପି.ଟି.)**

ହକି ଇଣ୍ଡିଆ ଜାତୀୟ ସିନିୟର ପୁରୁଷ ଚାମ୍ପିୟନଶିପ୍‌ର ୧୫ତମ ସଂସ୍କରଣ ଏଠାରେ ଶୁକ୍ରବାରଠାରୁ ଖେଳାଯିବ। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ନୂଆ ଫର୍ମାଟରେ ଖେଳାଯିବ। ପୁରୁଷ ଟୁର୍ନାମେଣ୍ଟ ପ୍ରଥମ ଥର ମେଜର ଧ୍ୟାନଚାନ୍ଦ ହକି ଷ୍ଟାଡିୟମରେ ପୁଣି ନୂଆ ୩ଡିଭିଜନ ବିଶିଷ୍ଟ ଫର୍ମାଟରେ ଅନୁଷ୍ଠିତ ହେବ। ମାର୍ଚ୍ଚରେ ଜାତୀୟ ସିନିୟର ମହିଳା ଚାମ୍ପିୟନଶିପ୍ ସମାନ ନୂଆ ଫର୍ମାଟରେ ଖେଳାଯାଇଥିଲା। ଘରୋଇ ପ୍ରତିଯୋଗିତାରେ ଏଣିକି ପ୍ରମୋଶନ ଓ ରିଲିଗେଶନ ଲଢ଼େଇ ସାମିଲ କରାଯାଇଛି। ଏହାକୁ ତିନୋଟି ଡିଭିଜନ 'ଏ', 'ବି' ଓ 'ସି'ରେ ବିଭକ୍ତ କରାଯାଇଛି। ଡିଭିଜନ 'ଏ'ରେ ଶ୍ରେଷ୍ଠ ଦଳଗୁଡ଼ିକ ସ୍ଥାନ ପାଇଛନ୍ତି। ଡିଭିଜନ 'ବି'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ଆସନ୍ତା ସିଜନରେ ଡିଭିଜନ 'ଏ'ରେ ସ୍ଥାନ ପାଇବା ପାଇଁ ଚେଷ୍ଟା କରିବେ। ଡିଭିଜନ 'ବି'ରେ ଥିବା ଦଳଗୁଡ଼ିକ ପରବର୍ତ୍ତୀ ସଂସ୍କରଣରେ ଡିଭିଜନ 'ବି'ରେ ସ୍ଥାନ ପାଇବା ପାଇଁ ଚେଷ୍ଟା କରିବେ। ଡିଭିଜନ 'ବି' ଓ 'ସି' ମ୍ୟାଚଗୁଡ଼ିକ ଏପ୍ରିଲ ୪ରୁ ଆରମ୍ଭ ହେବାକୁଥିବା ବେଳେ ଡିଭିଜନ 'ଏ' ମ୍ୟାଚ ଏପ୍ରିଲ ୮ରୁ ଖେଳାଯିବ। ଡିଭିଜନ 'ଏ'ରେ ଗତଥରର ଚାମ୍ପିୟନ ଓ ରନର ଅପ୍ ହରିୟାଣା ସ୍ଥାନ ପାଇଛନ୍ତି। ବର୍ଷ ବର୍ଷ ଧରି ସେମାନଙ୍କ ଓଭରଅଲ୍ ପ୍ରଦର୍ଶନ ଭିତ୍ତିରେ ସେମାନଙ୍କୁ ସ୍ଥାନ ମିଳିଛି। ଡିଭିଜନ 'ଏ'ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ପଞ୍ଜାବ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ତାମିଲନାଡୁ, ବେଙ୍ଗଲ, ହକି କର୍ନାଟକ ଓ ପୁଡୁଚେରୀ।

### ନୂଆ ଫର୍ମାଟରେ ପୁରୁଷ ହକି ଆଜିଠାରୁ

ସେମାନଙ୍କୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଦଳ ସେମାନଙ୍କ ଗ୍ରୁପ୍‌ର ପ୍ରତ୍ୟେକ ଦଳ ସହିତ ଥରେ ଲେଖାଏ ଖେଳିବେ। ଏହା ଏକମାତ୍ର ଡିଭିଜନ, ଯେଉଁଥିରେ ଏକ ନକ୍‌ଆଉଟ ପର୍ଯ୍ୟାୟ ରହିଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବେ। ଏହା ଏପ୍ରିଲ ୧୨ରେ ଖେଳାଯିବ। ଏପ୍ରିଲ ୧୩ରେ ସେମିଫାଇନାଲ ଏବଂ ଫାଇନାଲ ଓ ୩ୟ/୪ର୍ଥ ସ୍ଥାନ ପାଇଁ ମୁକାବିଲା ଏପ୍ରିଲ ୧୫ରେ ହେବ। ଡିଭିଜନ 'ଏ'ର ନିମ୍ନ ସ୍ଥାନରେ ରହିଥିବା ଦୁଇ ଦଳ ତଳପାହ୍ୟାକୁ ଖସି ପରବର୍ତ୍ତୀ ସଂସ୍କରଣରେ ଡିଭିଜନ 'ବି'ରୁ ଖେଳିବେ। ଡିଭିଜନ 'ବି'ରେ ସ୍ଥାନ ପାଇଥିବା ୧୦ଟି ଦଳ ଡିଭିଜନ 'ଏ'ରେ ସ୍ଥାନ ପାଇଁ ଲଢ଼େଇ କରିବେ। ଏଥିରେ ସ୍ଥାନ ପାଇଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏଥିରେ ଗୋଟିଏ ଗ୍ରୁପ୍‌ରେ ଚଣ୍ଡିଗଡ଼, ଗୋଆ, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ଉତ୍ତରାଖଣ୍ଡ ସ୍ଥାନ ପାଇଥିବା ବେଳେ ଅନ୍ୟଟିରେ ଦିଲ୍ଲୀ, ମିଜୋରାମ, ଦାଦ୍ରା ନଗର ହାବେଲୀ ଓ ଡାମନ ଡିଉ, କେରଳ, ଆସାମ ଆଦି ସ୍ଥାନ ପାଇଛନ୍ତି। ଡିଭିଜନର 'ବି'ର ଶ୍ରେଷ୍ଠ ଦୁଇ ଦଳ ପଦୋନ୍ନତି ପାଇ ପରବର୍ତ୍ତୀ ସଂସ୍କରଣରେ ଡିଭିଜନ 'ଏ'ରୁ ଖେଳିବେ। ଡିଭିଜନ 'ସି'ରେ ୮ଟି ଦଳ ପ୍ରତିଯୋଗିତାରେ ଭାଗ ନେବେ। ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗୋଟିଏ ଗ୍ରୁପ୍‌ରେ ରାଜସ୍ଥାନ, ଅରୁଣାଚଳ ପ୍ରଦେଶ, ଜମ୍ମୁ କଶ୍ମୀର ଓ ତ୍ରିପୁରା ରହିଥିବା ବେଳେ ଅନ୍ୟଟିରେ ଛତିଶଗଡ଼, ହିମାଚଳ ପ୍ରଦେଶ, ବିହାର ଓ ଗୁଜରାଟ ରହିଛନ୍ତି। ଡିଭିଜନ 'ସି'ର ଶ୍ରେଷ୍ଠ ଦୁଇ ଦଳ ଡିଭିଜନ 'ବି'କୁ ପଦୋନ୍ନତି ପାଇବେ। ତିନୋଟି ଡିଭିଜନରେ ପଏଣ୍ଟ ବ୍ୟବସ୍ଥା ସମାନ ରହିଛି। ଗୋଟିଏ ବିଜୟ ଲାଗି ୩ ଏବଂ ଡ୍ର ପାଇଁ ୧ପଏଣ୍ଟ ବ୍ୟବସ୍ଥା ରହିଥିବା ବେଳେ ପରାଜିତ ଦଳକୁ ପଏଣ୍ଟ ମିଳିବ ନାହିଁ।

# କୋଚିଂ ଡେବ୍ୟୁ କରିବେ ଫିଫର, ରମଣ

**ନୂଆଦିଲ୍ଲୀ, ୩।୪ (ପି.ଟି.)**

ଆସନ୍ତା ମେ ୨୯ରୁ ଜୁନ୍ ୧୫ ପର୍ଯ୍ୟନ୍ତ ଅହମଦାବାଦଠାରେ ହେବାକୁଥିବା ଅଲ୍‌ଟିମେଟ୍ ଟେବୁଲ ଟେନିସ (ୟୁଟିଟି)ର ୬ଷ୍ଠ ସିଜନରେ କୋଚିଂ ଡେବ୍ୟୁ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଚନ୍ତା ଶରଥ କମଲଙ୍କୁ କୋଚିଂ ଦେଇଥିବା ଜର୍ମାନ ସ୍ପେଶାଲିଷ୍ଟ ଖ୍ରିସ ଫିଫର ଓ ସୁବ୍ରମଣ୍ୟମ ରମଣ ଅନ୍ୟତମ। ଏହି ଦୁଇଜଣଙ୍କ ବ୍ୟତୀତ ଭେଟେରାନ ଟ୍ରେନର ପାଭେଲ ରେହୋରେକ୍ ଓ ଜୁଲିଏନ୍ ଜିରାର୍ଡ, ଭାରତର ପୂର୍ବତନ ନମ୍ବର ୱାନ ଜୁବିନ କୁମାର ପ୍ରମୁଖ ବିଭିନ୍ନ ଫ୍ରାଞ୍ଚାଇଜ୍ ତରଫରୁ କୋଚ୍ ଭାବେ ଉପସ୍ଥିତ ରହିବେ। ୨୦୨୨ଠାରୁ ଶରଥ କମଲ ଏକାଡେମୀ ମୁଖ୍ୟ କୋଚ୍ ରହି ଆସିଥିବା ଫିଫର ଅହମଦାବାଦ ଏସ୍‌ଜି ପାଇପର୍ସର ମେଣ୍ଟର ଦାୟିତ୍ୱ ତୁଲାଇବେ। ସୁବ୍ରମଣ୍ୟମ ଅନ୍ୟ ଜଣେ ପଦାର୍ପଣକାରୀ ଫ୍ରାନ୍ସର ଜିରାର୍ଡଙ୍କ ସହ ଦବଙ୍ଗ ଦିଲ୍ଲୀ ଟିଟିସି ପାଇଁ କାର୍ଯ୍ୟ କରିବେ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଦଳର କୋଚ୍‌ଭାବେ ତାଙ୍କର ବହୁଅଭିଜ୍ଞତା ରହିଛି।

# ଚତୁର୍ଥ ରାଉଣ୍ଡ ସୁଦ୍ଧା କିଶନ ଅଗ୍ରଣୀ




ସୌନ୍ଦର୍ଯ୍ୟ କୁମାର ପ୍ରଧାନ ଓ କ୍ରିଷ୍ଣା ଉଦୁପାଙ୍କ ମଧ୍ୟରେ ମୁକାବିଲା।

### ଜାତୀୟ ଦୃଷ୍ଟିବାଧିତ ଚେସ୍

**ଭୁବନେଶ୍ୱର, ୩।୪ (ତପନ ସ୍ୱାଇଁ)**

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ (ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଫର୍ ଭିଜୁଆଲି ଚ୍ୟାଲେଞ୍ଜଡ (ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ ପରିସରରେ ଚାଲିଥିବା ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍‌ର ୨ ରାଉଣ୍ଡ ଖେଳ ଗୁରୁବାର ଅନୁଷ୍ଠିତ ହୋଇଛି। ଚତୁର୍ଥ ରାଉଣ୍ଡ ଖେଳ ଶେଷରେ କର୍ନାଟକର କିଶନ ଗାଙ୍ଗୋଲି ପୂରା ୪ ପଏଣ୍ଟ ପାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ଗୁଜରାଟର ଦର୍ପନ ଇନାନୀ, ମହାରାଷ୍ଟ୍ରର ଆର୍ଯ୍ୟନ ବି. ଜୋଶୀ ଓ ଦିଲ୍ଲୀର ସୋମେନ୍ଦର ବି.ଏଲ୍. ୩.୫ ପଏଣ୍ଟ ଲେଖାଏ ପାଇ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାର ଦୁଇ ଭ୍ରାତା ସୌନ୍ଦର୍ଯ୍ୟ କୁମାର ପ୍ରଧାନ ଓ ପ୍ରାଚୁର୍ଯ୍ୟ କୁମାର ପ୍ରଧାନଙ୍କ ସମେତ ୬ ଖେଳାଳି ୩ ପଏଣ୍ଟ ଲେଖାଏ ପାଇଛନ୍ତି। ଓଡ଼ିଶାର ଅନ୍ୟ ଖେଳାଳିଙ୍କ ମଧ୍ୟରେ ଶୁଭେନ୍ଦୁ କୁମାର ପାତ୍ର ୨.୫ ଓ ଦୀପକ କୁମାର ଭୋଇ ୧ ପଏଣ୍ଟ ପାଇଛନ୍ତି। ଆଇଆରଏସ୍ ଦିଲୀପ ସାମନ୍ତରାୟ ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ରାଉଣ୍ଡ ଖେଳର ଶୁଭାରମ୍ଭ କରିଥିଲେ। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତା ୬ ତାରିଖରେ ଉଦ୍‌ଯାପିତ ହେବ।

# ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ, ଗଞ୍ଜାମ, ସୋନପୁର ବିଜୟୀ

**ଭୁବନେଶ୍ୱର, ୩।୪ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ସିନିୟର ପୁରୁଷ କ୍ରିକେଟ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚଗୁଡ଼ିକରେ ବାଲେଶ୍ୱର, ସୋନପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଗଞ୍ଜାମ ଓ ସମ୍ବଲପୁର 'ବି' ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି।

କଟକର ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ବାଲେଶ୍ୱର ୬୧ ରନରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଏଥିରେ ଶ୍ରେଷ୍ଠ ଖେଳାଳି ବିବେଚିତ କମଳେଶ ପାତ୍ର ୧୬ ରନ ବିନିମୟରେ ୩ ଉଇକେଟ ନେଇଛନ୍ତି।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଶୁଭମ ବିସ୍ତଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସହାୟତାରେ ସୋନପୁର ୯୦ରନରେ ବରଗଡ଼କୁ ହରାଇ ଦେଇଛି। ଶୁଭମ ୭୪ ରନ (୫୦ ବଲ୍) କରିଥିବା ବେଳେ ୩୧ ରନ ଦେଇ ୪ଉଇକେଟ ନେଇଛନ୍ତି। ରେଭେନ୍ସା ଗ୍ରାଉଣ୍ଡ-୧ରେ ମାଲକାନଗିରି ବିପକ୍ଷରେ କେନ୍ଦ୍ରାପଡ଼ା ୨୭ ରନରେ ବିଜୟ ହାସଲ କରିଛି। ବିଜୟୀ ଦଳର ଅଭିଜିତ ରାଉତ ୧୭ରନ ବିନିମୟରେ ୩ ଉଇକେଟ ହାସଲ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛି।



ଅଭିନବ ନନ୍ଦ



ଶୁଭମ ବିସ୍ତ

ସେହିପରି ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଭଦ୍ରକ ୨୭ ରନରେ ଢେଙ୍କାନାଳକୁ ପରାସ୍ତ କରିଛି। ଏଥିରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କ୍ଷମାସାଗର ବଳ ୩୬ ରନ ବିନିମୟରେ ୪ ଉଇକେଟ ନେଇଛନ୍ତି। ସନ୍‌ସାଇନ ଗ୍ରାଉଣ୍ଡରେ ଗଞ୍ଜାମ ୩ ଉଇକେଟରେ କିଟ୍‌କୁ ହରାଇ ଦେଇଛି। ଏଥିରେ ବିଜୟୀ ଦଳର କାଳିଆ ସାହୁ ୩୨ ରନରେ ୪ ଉଇକେଟ ହାସଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

### କଳାହାଣ୍ଡି କପ୍ କ୍ରିକେଟ

ସେହିପରି ରେଲୱେ ଷ୍ଟାଡିୟମ ଗ୍ରାଉଣ୍ଡରେ ରାୟଗଡ଼ା ବିପକ୍ଷରେ ସମ୍ବଲପୁର 'ବି' ୨୦୯ରନରେ ବୃହତ୍ ବିଜୟ ହାସଲ କରିଛି। ଏଥିରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ବିଜୟୀ ଦଳର ଅଭିନବ ନନ୍ଦ ୫୬ରନ କରିବା ସହ ୧୮ରନ ବିନିମୟରେ ୪ ଉଇକେଟ ହାସଲ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।


# Classified Everyday
0674-2580101, 9692975378



**AUTOMOBILE SALE**

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D- 76254

Tata Ultra 41 Seater Bus for sale. Contact Details: 7077714312. D-026



**REAL ESTATE SALE**

**Duplex sale with gated Society near AIIMS Hospital, Bhubaneswar. 9777433701.** D-76253

Independent house valued 1.5 crore near K.E.C, Uttara Square, Bhubaneswar. Call-8917520527. D-015

**HEALTH CARE**

Positively health benefited spa by expert female therapist, Bapujinagar. 8018429809 D-76906

**AFFIDAVIT**

By virtue of an affidavit sworn before Executive Magistrate, Cuttack, I, Rita Biswal, Gatirautpatana, Cuttack changed my sur name Nayak to Biswal. Henceforth, I shall be known as Rita Biswal for all purpose. D-021

By virtue of an affidavit sworn before the Executive Magistrate, Dharmasala, Dated 03.04.2025, I, Khirabdhi Tanaya Mallick, Address: At-Narasinghapur, P.O.- Nahangapatana, P.S.- Dharmasala, Dist.-Jajpur, Odisha-755008 declare that I have changed my name from Khirabadhi Tanaya Mallik to Khirabdhi Tanaya Mallick. Henceforth, I shall be known as Khirabdhi Tanaya Mallick for all purposes. D-022

I, Saban Murmu, S/o-Late Bhagan Murmu, resident of At/P.O.-Gholmunha, P.S.- Morada, Dist.- Mayurbhanj, PIN-757018, Odisha declare by this affidavit No.- 2084 dt. 02.04.2025. My actual name is "Saban Murmu" as mentioned in the respective Caste Certificate vide No.- ESTO/2024/742175. In the Aadhaar card bearing No. xxxx xxxx 6823 it has been wrongly mentioned as "DL Murmu." But both are same person belongs to my name. D-023

By virtue of an affidavit sworn before the Executive Magistrate, Uditnagar, Rourkela, I, Jamrit Dung Dung resident of Village Jaidega, P.O.- Jhunmur, P.S.- Raiboga, Dist.- Sundargarh, Odisha-770033 declare that my name has been wrongly mentioned as Zamrick Dung Dung instead of Jamrit Dung Dung in my Aadhaar Card bearing No.- xxxx xxxx 2413. Hence, this affidavit I shall be known as Jamrit Dung Dung for all future purposes. D-024

By virtue of an affidavit sworn before dated 02.04.2025, I Langa Dindrigudaka, At- Grahibandha, P.O.- Siriguda, Dist.- Rayagada, I have changed my daughter's name Kaberi Dindrigudaka to Tara Dindrigudaka. Today onwards she will be known as Tara Dindrigudaka for all purpose.
Langa Dindrigudaka D-017

I, Ajay Prasad Pattanaik S/o-Late Godavari Prasad Pattanaik, resident of Plot No.- 303, Ganga Nagar, Ekamra Marg, Unit- 6, Bhubaneswar- 751001, Dist.-Khurda, Odisha declare by this affidavit No.- 72AA878086, Dated- 03.04.2025 that now onwards I shall be known as Ajaya Prasad Pattanaik for all future purposes. D-027

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ସହଦେବ ଜେନା**
ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୫.୦୩.୧୯୩୭,
ତିରୋଧାନ: ୨୫.୦୩.୨୦୨୫

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ । ଆପଣଙ୍କର ଶୋକାପ୍ଳୁତ ସନ୍ତୋଷ କୁମାର ଜେନା, ସରୋଜ କୁମାର ଜେନା, ସଞ୍ଜୟ କୁମାର ଜେନା, କୁଟୁମ୍ବ ଓ ଶୋକସନ୍ତପ୍ତ ପରିବାରବର୍ଗ ।

ଏକାଦଶାହ ଉପଲକ୍ଷେ



**✓ ପଦ୍ମାବତୀ ବିଶ୍ୱାଳ**
ଆବିର୍ଭାବ : ୧୯୩୮
ତିରୋଧାନ: ୨୫.୦୩.୨୦୨୫

ବୋଉ ଆପଣଙ୍କର ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ । ଆଜି ଏକାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ:-
ଦିବାକର ବିଶ୍ୱାଳ, ମାନସ ରଞ୍ଜନ ବିଶ୍ୱାଳ, ବିନୋଦ କୁମାର ବିଶ୍ୱାଳ, ସୃଷ୍ଟିଧର ବିଶ୍ୱାଳ, ସନ୍ଧ୍ୟାରାଣୀ ଓ ପରିବାରବର୍ଗ
ଧ-୦୧୨

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



**ସ୍ୱର୍ଗତା ସସ୍ମିତା ରାଉତରାୟ**
ଶ୍ରୀହରି ବିହାର, ରାଉତରାୟ
ଆବିର୍ଭାବ: ୦୬।୦୭।୧୯୬୨
ତିରୋଧାନ: ୨୫।୦୩।୨୦୨୫

ବୋଉଲୋ, ତୁ ଚାଲିଗଲୁ ଅଫେରନ୍ତା ପଥର ପଥିକଟିଏ ହୋଇ। ଅନେକ ଅଳି ଅର୍ଦଳି ସହି ଆମକୁ ଶାବକରୁ ଯୁବକ କରିଥିଲୁ। ଆମକୁ ଅନେକ ବାତ୍ସଲ୍ୟତା ଦେଇ ମଣିଷ କଲୁ, କିନ୍ତୁ ଆମଠାରୁ କିଛି ପାଇବା ବେଳକୁ କାଳ ରୋଗଟା ତୋତେ ଆମଠାରୁ ଛଡ଼େଇ ନେଲା। ତୋର ସେ ବାତ୍ସଲ୍ୟତାକୁ ସ୍ମରଣ କରି ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ ତୋ ଆତ୍ମାକୁ ଶାନ୍ତି ମିଳୁ।
ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ପୁତୁରାବୋହୂ ଓ ଆତ୍ମୀୟସ୍ୱଜନ
ଧ-୦୧୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ନୀଳମାଧବ ମହାପାତ୍ର**
ତୁଷୁରା, ବଲାଙ୍ଗୀର,
ଆବିର୍ଭାବ: ୦୪।୦୫।୧୯୫୭
ତିରୋଧାନ: ୨୭।୦୩।୨୦୨୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରର୍ଥନା।
ତା୦୫।୦୪।୨୦୨୫ ଶନିବାର– ଦଶାହ
ତା୦୬।୦୪।୨୦୨୫ ରବିବାର– ଶୁଦ୍ଧକ୍ରିୟା
ଶୋକାର୍ତ୍ତକ: ଡ. ସମରେନ୍ଦ୍ର ମହାପାତ୍ର ଏବଂ ମହାପାତ୍ର ପରିବାରବର୍ଗ ।
ଧ-୦୨୫


# ପିସିବି ମୁଖ୍ୟ ନକ୍‌ଭି ଏସିସି ସଭାପତି



**ଦୁବାଇ,୩।୪(ପି.ଟି.)**

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମହସିନ ନକ୍‌ଭି ଗୁରୁବାର ଏସିଆନ କ୍ରିକେଟ ପରିଷଦ (ଏସିସି)ର ନୂଆ ଚେୟାରମ୍ୟାନ ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ପୂର୍ବରୁ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ମୁଖ୍ୟ ଶାମି ସିଲ୍‌ଭା ଏହି ଦାୟିତ୍ୱରେ ଥିଲେ। ଗୁରୁବାର ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନକ୍‌ଭି ଆଗାମୀ ଦୁଇ ବର୍ଷ ପାଇଁ ଦାୟିତ୍ୱରେ ରହିବେ।

ଏସିସିର ନିଷ୍ପତ୍ତି ଅନୁଯାୟୀ, ପାକିସ୍ତାନ ଆନୁଷ୍ଠାନିକ ଭାବେ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି)ଠାରୁ ସଭାପତିତ୍ୱ ନେଇଛି। ଏଥିଯୋଗୁ ଏବେଠାରୁ ଏସିଆ ଭୂଖଣ୍ଡରେ କ୍ରିକେଟର ପ୍ରୋତ୍ସାହନ ଓ ପ୍ରସାରିତ କରିବାରେ ପାକିସ୍ତାନ ନେତୃତ୍ୱ ନେବ। ଆସନ୍ତା ସେପ୍ଟେମ୍ବରରେ ଏସିଆ କପ୍ ଆୟୋଜନ ନକ୍‌ଭିଙ୍କ ଲାଗି ସବୁଠୁ ବଡ଼ ପରୀକ୍ଷା ହେବ। ପ୍ରକୃତରେ ଏହି ଇଭେଣ୍ଟର ଆୟୋଜନ ଅଧିକାର ଭାରତକୁ ଦିଆଯାଇଛି। ହେଲେ ଭାରତ ଓ ପାକିସ୍ତାନ ମଧ୍ୟରେ ଖରାପ କୂଟନୈତିକ ସମ୍ପର୍କ ଦୁଇ ଦେଶ ପରସ୍ପର ଦେଶକୁ ଟୁର କରିବାରେ ବାଧା ଦେଉଛି। ଏଥିଯୋଗୁ ଏସିଆ କପ୍ ଏକ ନ୍ୟୁଟ୍ରାଲ ଭେନ୍ୟୁ ହେବ।

# ରିୟଲ ମାଡ୍ରିଡ୍‌କୁ ୧୫୪ ମିଲିଅନ ଡଲାର ପୁରସ୍କାର

**ଜେନେଭା,୩।୪(ଏପି)**

ଚାମ୍ପିୟନ୍ସ ଲିଗ ବିଜେତା ରିୟଲ ମାଡ୍ରିଡ୍‌କୁ ଗତ ସିଜନ ଲାଗି ସର୍ବାଧିକ ପ୍ରାୟ ୧୫୪ ମିଲିଅନ ଡଲାର (ଭାରତୀୟ ମୁଦ୍ରାରେ ୧୩୧୫.୭୫ କୋଟିରୁ ଊର୍ଦ୍ଧ୍ୱ) ପୁରସ୍କାର ରାଶି ମିଳିଛି। ଏ ନେଇ ୟୁଫା(ୟୁନିଅନ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ) ପକ୍ଷରୁ ଗୁରୁବାର ସ୍ପଷ୍ଟ କରାଯାଇଛି। ମାଡ୍ରିଡ୍‌ର ଏହି ଟଙ୍କା ପ୍ରତିଯୋଗିତାର ମୋଟ ଅର୍ଥ ରାଶି ୨.୨୨ ବିଲିଅନ ଡଲାରରୁ ଆସିଛି, ଯାହା କି ଚଳିତ ସିଜନରେ ନୂଆ ଓ ବର୍ଦ୍ଧିତ ଫର୍ମାଟ ସହିତ ୨୫% ବୃଦ୍ଧି କରାଯାଇଥିଲା। ୟୁଫା ପକ୍ଷରୁ ସିଜନ ପୂର୍ବରୁ ମାଡ୍ରିଡ୍ ଭଳି ଟପ କ୍ଲବକୁ ୪୦ ମିଲିଅନ ଡଲାର ଦିଆଯାଏ। ପ୍ରସାରଣ ଅଧିକାର ଚୁକ୍ତିରୁ ଆୟ ବାବଦକୁ ୧୫.୫ ମିଲିଅନ ଡଲାର ଦିଆଯାଏ। ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ଦ୍ୱିତୀୟ ସର୍ବାଧିକ ଆୟ କରିଛି। ଚାମ୍ପିୟନ୍ସ ଲିଗର ସେମିଫାଇନାଲରୁ ବିଦାୟ ନେବା ସତ୍ତ୍ୱେ ଏହି କ୍ଲବକୁ ୧୩୫.୭ ମିଲିଅନ ଡଲାର ପ୍ରଦାନ କରାଯାଇଛି। ଏଥିରେ ଫ୍ରେଞ୍ଚ ପ୍ରସାରଣ ଅଧିକାର ଆୟ ବାବଦକୁ ୩୭.୭ ମିଲିଅନ ଡଲାର ସାମିଲ ରହିଛି। ଫାଇନାଲରେ ପରାସ୍ତ ହୋଇଥିବା ବରୁସିଆ ଡର୍ଟମୁଣ୍ଡ ଓ ବାୟର୍ନ ମ୍ୟୁନିକ ଦଳକୁ ୧୩୩ ମିଲିଅନ ଲେଖାଏ ଡଲାର ଦିଆଯାଇଛି। କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିବା ମାଞ୍ଚେଷ୍ଟର ସିଟିକୁ ୧୨୨.୫ ମିଲିଅନ ଡଲାର ପୁରସ୍କାର ରାଶି ମିଳିଛି। ସେଭିଲା ବିପକ୍ଷରେ ସିଜନ ଆରମ୍ଭରୁ ସୁପର କପ ଖେଳିବା ପାଇଁ ଅତିରିକ୍ତ ୪.୫ ମିଲିଅନ ଡଲାର ଦିଆଯାଇଛି। ସେହିଭଳି ଖେଳାଳିଙ୍କୁ ପଞ୍ଜୀକୃତ କରିବା ଲାଗି ସଂଘର୍ଷ କରୁଥିବା ବାର୍ସେଲୋନାକୁ ୧୦୮.୬ ମିଲିଅନ ଡଲାର ପୁରସ୍କାର ରାଶି ମିଳିଛି। ବେଲଜିଆନ ଚାମ୍ପିୟନ ରୟାଲ ଆଣ୍ଟୱେର୍ପକୁ ୨୪.୪ ମିଲିଅନ ଡଲାର ପ୍ରଦାନ କରାଯାଇଛି, ଯାହା କି ସବୁଠୁ କମ ପୁରସ୍କାର ରାଶି। ୟୁଫା ପକ୍ଷରୁ ପିଏସ୍‌ଜି ସଭାପତି ନାସେର ଅଲ-ଖେଲାଫିଙ୍କ ନେତୃତ୍ୱାଧୀନ ୟୁରୋପିଆନ କ୍ଲବ ଆସୋସିଏଶନକୁ ଶହ ଶହ କ୍ଲବର ପ୍ରତିନିଧିତ୍ୱ ଓ ପ୍ରତିଯୋଗିତାର ଆର୍ଥିକ ରଣନୀତି ନିର୍ଦ୍ଧାରଣ କରିବା ଲାଗି ୨୭.୭ ମିଲିଅନ ଡଲାର ଦିଆଯାଇଛି।

## ଝାରସୁଗୁଡ଼ା ଜିଲାରେ କାଳବୈଶାଖୀ ବର୍ଷା, ପବନ

ଝାରସୁଗୁଡ଼ା/ଲଖନପୁର,(ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ): ଝାରସୁଗୁଡା ଜିଲାର ପ୍ରାୟ ସମସ୍ତ ସ୍ଥାନରେ ଗୁରୁବାର ସନ୍ଧ୍ୟା ୬ଟାରେ କାଳବୈଶାଖୀ ବର୍ଷା ସହିତ ଜୋର ପବନ ମଧ ହୋଇଯାଇଛି। ଜିଲାର ସଦର ବ୍ଲକ, ଲଇକେରା, କିର୍ମିରା, ଲଖନପୁର, ବ୍ରଜରାଜନଗର ଆଦି ସ୍ଥାନରେ ବର୍ଷା ଓ ପବନ ହୋଇଥିଲା। କେତେକ ସ୍ଥାନରେ ଗଛ, ଡାଳ ଭାଙ୍ଗି ଯାଇଥିବା ବେଳେ ବିଦ୍ୟୁତ୍ ସରବରାହ କିଛି ସମୟ ପାଇଁ ବ୍ୟାହତ ହୋଇଥିଲା। ଜିଲାରେ ତାପମାତ୍ରା ୪୧ ଡିଗ୍ରୀ ରହିଥିବା ବେଳେ ଏହି ବର୍ଷା ଓ ପବନ ପାଇଁ ଦିନେ ଦୁଇ ଦିନ ତାପମାତ୍ରା ତଳ ଖସି ଜନଜୀବନ ସାମାନ୍ୟ ଆସ୍ୱସ୍ତି ଆଣିବର ସମ୍ଭାବନା ରହିଛି।



## ସଂକ୍ଷେପରେ

### ନାଳରେ ବୁଡ଼ି ଯୁବକ ମୃତ

ଦେବଗଡ଼,୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ତିଲେଇବଣି ପୋଲିସ ଫାଣ୍ଡି ଅନ୍ତର୍ଗତ ପ୍ରଭାସୁଣି ଗ୍ରାମରେ ନାଳ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ପ୍ରଭାସୁଣି ଗ୍ରାମର ଅମନ ସାହୁ (୨୦)। ଅମନ ଗାଁ ଛକରେ ଏକ ଦୋକାନ ଦେଇଥିବା ବେଳେ ଗୁରୁବାର ମଧ୍ୟାହ୍ନରେ ତାଙ୍କ ମା'ଙ୍କୁ ଦୋକାନରେ ରହିବାକୁ କହି ସେ ଶୌଚ ପାଇଁ ନିକଟ ନାଳକୁ ଯାଇଥିଲେ। ଦୀର୍ଘ ସମୟ ଧରି ଦୋକାନକୁ ନ ଫେରିବାରୁ ତାଙ୍କ ମା' ନାଳକୁ ଯାଇ ଖୋଜାଖୋଜି କରିଥିଲେ। ଅମନଙ୍କ ମୃତଦେହ ନାଳ କଡରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କ ମୃତଦେହ ଜବତ କରାଯାଇଥିଲା। ତିଲେଇବଣି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ରଖାଯାଇଥିବା ବେଳେ ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ଦେବଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି।

### ଝାରସୁଗୁଡ଼ାରେ ପୋଲିସ ମହାନିର୍ଦ୍ଦେଶକ

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି.ଖୁରାନିଆ ଝାରସୁଗୁଡ଼ା ଗସ୍ତ କରି ବିଭିନ୍ନ ବିଷୟରେ ସମୀକ୍ଷା କରିଛନ୍ତି। ଝାରସୁଗୁଡ଼ା ସହରସ୍ଥିତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଗୁରୁବାର ସନ୍ଧ୍ୟା ସାଢ଼େ ୬ଟାରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଖୁରାନିଆ ପହଞ୍ଚିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସ୍ମିଥ ପି ପରମାରଙ୍କ ସହିତ ଜିଲା ପୋଲିସ ବିଭାଗ ପକ୍ଷରୁ ଡିଜିପ ଖୁରାନିଆଙ୍କୁ ସ୍ୱାଗ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆରକ୍ଷୀ ଅଧୀକ୍ଷକ ସ୍ମିଥ ପି ପରମାର ଏଆଇ କ୍ୟାମେରା ତଥା ଏଆଇ ମାଧ୍ୟମରେ କିପରି ଅପରାଧୀମାନଙ୍କୁ ଧରାଯାଉଛି ଏବଂ ତଦନ୍ତ ସରଳୀକରଣ କରାଯାଉଛି ସେ ବିଷୟରେ ସୂଚନା ଦେଇଥିଲେ। ଏହା ପରେ ଜିଲା ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟରେ ଆଲୋଚନା କରି ଭୁବନେଶ୍ୱର ଅଭିମୁଖେ ବାହାରିଯାଇଥିଲେ।

### ଅବକାରୀ ନିୟମ ପାଳନ କରୁନି ନୂଆଁଡିହି ଦେଶୀ ମଦ ଦୋକାନ



ଅତାବିରା (ନୂଆଁଡିହି) ଦେଶୀ ମଦ ଦୋକାନ।

ଲଖନପୁର,୩।୪(ଗୌତମ ସାହୁ)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପାଇଁ ସ୍ୱତନ୍ତ୍ର ନିୟମ କରିଥିବା ବେଳେ ଏହି ନିୟମ ଖାତିର ନ କରି ଅନେକ ସଂସ୍ଥା ଚାଲୁଥିବା ବିଭିନ୍ନ ସମୟରେ ଦୃଷ୍ଟିକୁ ଆସୁଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ଅତାବିରା (ନୂଆଁଡ଼ିହି) ଦେଶୀ ମଦ ଦୋକାନ ଅବକାରୀ ନିୟମ ପାଳନ କରୁ ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ଅବକାରୀ ନୀତି ଅନୁଯାୟୀ ମଦ ଦୋକାନ ବିଦ୍ୟାଳୟ ଓ ଜନବସତି ଦୂରରେ ରହିବା କଥା। ଏହି ମଦ ଦୋକାନ ଚତୁପାର୍ଶ୍ୱରେ ନୂଆଁଡ଼ିହି ପ୍ରାଥମିକ ବିଦ୍ୟାଳୟ ଓ ଏଚଆରଡି ଶିକ୍ଷା ସଂସ୍ଥା, ଏମ୍ଏଲ୍ ହାଇସ୍କୁଲ, ୧୦୦ଶଯ୍ୟା ବିଶିଷ୍ଟ ଆଦିବାସୀ ମହିଳା ହଷ୍ଟେଲ ରହିଥିବା ବେଳେ ଆଦିବାସୀ ଜନବସତି ମଧ ଅଳ୍ପ ଦୂରରେ ରହିଛି। ବିଦ୍ୟାଳୟ, ଜନବସତି ଦୂରତା ଯେତିକି ଆବଶ୍ୟକ ଏହି ମଦ ଦୋକାନ ଅବକାରୀ ମିୟମ ପାଳନ କରୁ ନ ଥିବା ସ୍ଥାନୀୟ ସରପଞ୍ଚ ସଞ୍ଜିତ ପଧାନ ବିଭିନ୍ନ ସମୟରେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ, ପଞ୍ଚାୟତ ସମିତି ସଭା, ପଞ୍ଚାୟତ ଗ୍ରାମ ସଭାରେ ମଧ ମଦ ଦୋକାନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଅତାବିରା ପଞ୍ଚାୟତ ଉନ୍ନତ ଶିକ୍ଷାର ଏକ ପେଣ୍ଠସ୍ଥଳ। ତେଣୁ ଏହି ମଦ ଦୋକାନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଶୁଖିଲା ପଡ଼ିଛି ତେଲେନ ନଦୀ

- ରବି ଚାଷ ପାଇଁ ନଦୀରେ ପାଣି ନାହିଁ
- ଗ୍ରାମାଞ୍ଚଳରେ ଉତ୍କଟ ଜଳକଷ୍ଟ

କୋଲାବିରା,୩।୪(ଚିନ୍ମୟ କୁମାର ବହିଦାର)



ନଦୀ ଶୁଖି ସବୁଆଡେ ବାଲିଶଯ୍ୟା ହୋଇପଡ଼ିଛି।

ଝାରସୁଗୁଡ଼ା ଜିଲା କୋଲାବିରା ଅଞ୍ଚଳରେ ଅନେକ ଜଳାଶୟ ଏବଂ ନଈନାଳର ପାଣି ଏବର୍ଷ ଯଥେଷ୍ଟ ଆଗରୁ ଶୁଖିଗଲାଣି। ପୂର୍ବ ବର୍ଷ ଏପ୍ରିଲରେ ଯେଉଁ ସ୍ଥିତି ଥିଲା, ଏବର୍ଷ ଜାନୁଆରୀ ପରଠାରୁ ତାହା ଦେଖାଗଲାଣି। ଗ୍ରୀଷ୍ମ ଆରମ୍ଭ ହେଉଣୁ ଗ୍ରାମାଞ୍ଚଳରେ ଜଳକଷ୍ଟ ସମସ୍ୟା ଦେଖିବାକୁ ମିଳୁଛି। କୋଲାବିରା ଅଞ୍ଚଳରେ ପାଣିର ଆବଶ୍ୟକାତ ପୂରଣ କରୁଥିବା ୨ ପ୍ରମୁଖ ନଦୀ ଭେଡେନ ଓ ତେଲେନରେ ଜଳସ୍ରୋତ ଏବର୍ଷ ଜାନୁଆରୀ ଶେଷ ବେଳଠୁ ଶୁଖିଗଲାଣି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହିସବୁ ନଈନାଳରେ ପୂର୍ବବର୍ଷ ପାଣି ଧାର ଆଗୁଆ ଶୁଖି ନ ଥିଲା। ଚଳିତବର୍ଷ ସ୍ୱାଭାବିକ ସମୟଠାରୁ ପ୍ରାୟ ଦୁଇ ଅଢେଇ ମାସ ଆଗରୁ ଏହି ସ୍ଥିତି ସୃଷ୍ଟି ହୋଇଛି। ସ୍ନାନଶୌଚ ଆଦି ନିତ୍ୟକର୍ମ ପାଇଁ ମଧ ନଈନାଳରେ ପାଣି ନାହିଁ। କୋଲାବିରା ବ୍ୟତୀତ ଚନ୍ଦନିମାଲ, ରଘୁନାଥପାଲି, ଭଜୁପଡା, ଭେଜିକୁଦ, ସାହଢ୍ଲେପାଲି ଓ ତରେଇକେଲା ଅଞ୍ଚଳର କେତେକାଂଶ ପାଇଁ ତେଲେନ ନଦୀ ଜୀବନରେଖା କହିଲେ ଅତ୍ୟୁକ୍ତି ହେବନାହିଁ। ଚଳିତବର୍ଷ ତେଲେନ ନଦୀର ପାଣି ଆଗୁଆ ଶୁଖିଯିବାରୁ ଜାନୁଆରୀ ଶେଷ ସପ୍ତାହରୁ ଅଞ୍ଚଳରେ ଜଳାଭାବ ଆରମ୍ଭ ହୋଇଯାଇଛି। ଏହି ନଦୀର ପ୍ରବାହିତ ପାଣି କୋଲାବିରା ଅଞ୍ଚଳର ପାଣିର ଆବଶ୍ୟତା ପୂରଣ କରିଥାଏ। କିନ୍ତୁ ଏବର୍ଷ ଆସ୍ୱାଭାବିକ ଭାବେ ଭେଡେନ ଓ ତେଲେନ ନଦୀର ପାଣିଧାର ଆଗୁଆ ଶୁଖିଯିବାରୁ ଅଳ୍ପ ବହୁତ ଚାଷ ହୋଇଥିବା ରବି ଚାଷକୁ ଜଳଯୋଗାଣ ପାଇଁ ନଦୀରେ ପାଣି ନାହିଁ। ସବୁଆଡେ ଶୁଖିଲା ବାଲିଶଯ୍ୟା। ଶୁଖିଲା ନଦୀ କେବଳ ଲୋକଙ୍କ ସମସ୍ୟା ବଢାଇ ନାହିଁ, ନଈକୂଳିଆ ପନିପରିବା ଚାଷକୁ ମଧ ଉଜାଡି ଦେଲାଣି। ସ୍ଥାନୀୟ ଚାଷୀ ଏହି ନଈନାଳରୁ ମଟର ପମ୍ପ ଆଦି ଯୋଗେ ପାଣି ଉଠାଇ ଚାଷ କରି ନିଜର ଗୁଜୁରାଣ ମେଟାଉଥିଲେ। ଦରହଗୁଡିକରେ ମଧ ପାଣି ନାହିଁ। ଚାଷ ପାଇଁ ଲାଗିଥିବା ଉଠାଜଳସେଚନ ଦ୍ୱାରା ପାଣି ଟଣା ଯାଇପାରୁ ନ ଥିବାରୁ ଚାଷ ଜମି ଶୁଖିଲା ପଡିଛି। ଗତବର୍ଷରେ ଆସନ୍ନ ଜଳକଷ୍ଟକୁ ଦୃଷ୍ଟିରେ ରଖି ତେଲେନ ନଦୀର ବିଭିନ୍ନଠାରେ ଚୁଆଁ ଖୋଳି ପାଣିର ଆବଶ୍ୟକତା ପୂରଣ କରାଯାଉଥିଲା। ନଦୀରେ ପାଣି ଧାର ଆସୁଥିବା ସମୟରେ ବାଲି ବନ୍ଧା (ଆଡିବନ୍ଧ) ଦେଇ ପାଣି ଅଟକାଇ ପଞ୍ଚାୟତ ପକ୍ଷରୁ ଆବଶ୍ୟକତା ପୂରଣ କରାଯାଉଥିଲା। ତେବେ ପାଣିଧାର ଶୁଖିବା ପୂର୍ବରୁ ଆଡିବନ୍ଧ ଦିଆଯିବା ପାଇଁ ସରପଞ୍ଚଙ୍କ ଅନୁପସ୍ଥିତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେଶ ମେହେରଙ୍କୁ ଅବଗତ କରାଇଥିଲେ ଜମିଦାରପଡାରେ ବାସ କରୁଥିବା ଲୋକେ। ହେଲେ ମେହେର ଆଜିପର୍ଯ୍ୟନ୍ତ ଚୁଆଁ କିମ୍ବା ଆଡିବନ୍ଧର ବ୍ୟବସ୍ଥା ମଧ କରିନାହାନ୍ତି। ଏ ସଂକ୍ରାନ୍ତରେ ଗତ ମାସ ୧୦ ତାରିଖ ଜିଲାପାଳଙ୍କ ଅଭିଯୋଗ ଶିବିରରେ ମଧ ଅଭିଯୋଗ କରାଯାଇଥିଲା। ସେଥିରେ ଜିଲାପାଳ ଏଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ମଧ ଦେଇଥିଲେ। କୋଲାବିରା ସରପଞ୍ଚ ଚିକିତ୍ସାଧୀନ ଅବସ୍ଥାରେ ଥିବାରୁ କୋଲାବିରା ବିଡିଓ ଅଶୋକ କୁମାର ମାଝି ନିଜ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକୁ କରିବା ପାଇଁ ଜିଲାପାଳଙ୍କ ସମକ୍ଷ ପକ୍ଷ ରଖିଥିଲେ। ମାତ୍ର ଆଜକୁ ୨୦ ଦିନରୁ ଅଧିକ ହେଲାଣି ଏ ପର୍ଯ୍ୟନ୍ତ ଏଦିଗରେ କୌଣସି କାର୍ଯ୍ୟ ହାତକୁ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଇତି ମଧରେ ନଦୀରେ ଆସୁଥିବା ପାଣି ଧାର ମଧ ଶୁଖିସାରିଲାଣି। ସମୟ ଥାଉ ଥାଉ ଯଦି ଏଦିଗରେ ପ୍ରୟତ୍ନ କରାଯାଇଥାନ୍ତା ତେବେ ହୁଏତ ଆଜି ଏହି ସମସ୍ୟା ଦେଖିବାକୁ ପଡି ନ ଥାନ୍ତା ବୋଲି କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପତ୍ରତାପ ସିଂହ କ୍ଷୋଭ ପ୍ରକାଶ କରିଛନ୍ତି।

## ପାରମ୍ପରିକ ପୋଷାକ ପରିଧାନ ଦିବସ



ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିଛନ୍ତି।

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ଏପ୍ରିଲ ୧ରୁ ୧୪ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଳିତ ହେଉଛି ଓଡ଼ିଆ ପକ୍ଷ। 'ଆମ ପୋଷାକ ଆମ ପରିଚୟ' ବିଷୟ ବସ୍ତୁ ଆଧାରରେ ଗୁରୁବାର ତୃତୀୟ ଦିବସରେ ପାଳିତ ହୋଇଛି ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ ଅଭିଯାନ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଜିଲା କାର୍ଯ୍ୟାଳୟ ସମେତ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ଅତିରିକ୍ତ ଜିଲାପାଳ ସାଧାରଣ ବ୍ରଜବନ୍ଧୁ ଭୋଇ ଓ ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପାରମ୍ପରିକ ପୋଷାକ ପରିଧାନ ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।

## ଆଡ଼ିବନ୍ଧ ନିର୍ମାଣ ପାଇଁ କଂଗ୍ରେସ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଦେବଗଡ଼,୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକର ବିଭିନ୍ନ ଅଞ୍ଚଳରେ ଗ୍ରୀଷ୍ମ ଋତୁ ଆସିଲେ ପାଣିର ଘୋର ଅଭାବ ଦେଖାଯାଉଛି। ଫଳରେ ତିଲେଇବଣି ବ୍ଲକ ଅଧୀନ ବିଭିନ୍ନ ନାଳରେ ଆଡିବନ୍ଧ ନିର୍ମାଣ ସହିତ ଜଳ ସଂରକ୍ଷଣ ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ଦାବି ହୋଇଛି। ଦେବଗଡ଼ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଜିଲା କଂଗ୍ରେସର ବହୁ ସଦସ୍ୟ ତିଲେଇବଣି ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇ ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ନାଳରେ ଅଧିକରୁ ଅଧିକ ଆଡିବନ୍ଧ ନିର୍ମାଣ ସହିତ ଆବଶ୍ୟକ ଥିବା ସ୍ଥାନରେ ନଳକୂପ ଖନନ ଏବଂ ଘାଇ, ଗୋରୁ ତଥା ଜୀବଜନ୍ତୁଙ୍କ ପାଇଁ ପାଣି ପିଇବାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସେହିପରି ବନ୍ଧ, କଟାର ପୁନରୁଦ୍ଧାର ସହିତ ନାଳରେ ବୋହି ଯାଉଥିବା ପାଣିର ସଂରକ୍ଷଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ସ୍ମାରକପତ୍ର



ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଦେବଗଡ଼,୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ଏହି ସମସ୍ୟା ସମାଧାନ ନିମନ୍ତେ ଦେବଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ରିଆମାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଗୁରୁବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ କଂଗ୍ରେସ ନେତା ନରୋତମ ବେହେରା, ରମେଶ ପାତ୍ର, ଆକାଶ ଦାଶ, ଅଲେଖ ନାଏକ, ରଜତ କୁମାର ସାହୁ, ବିନୟ କୁମାର ଦେବତା, ସନ୍ତୋଷ କୁମାର ଉଦାବର, ସୁଶୀଳ କୁମାର ଗୁଡିଆ ଓ ସାଗର ପ୍ରଧାନ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସାକ୍ଷାତ କରି ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ରିଆମାଳ ବ୍ଲକର ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଅଧିକରୁ ଅଧିକ ନଳକୂପ ଖୋଳିବା ପାଇଁ ଉକ୍ତ ସ୍ମାରକପତ୍ର ଜରିଆରେ ଦାବି କରାଯାଇଥିବା ଜଣାପଡିଛି। ପୂର୍ବରୁ ଗତ ମାର୍ଚ୍ଚ ୭ ୨୨ ତାରିଖରେ ଉକ୍ତ ବ୍ଲକର ଗୁଣ୍ଡିଆପାଲି ସମେତ ଅନ୍ୟାନ୍ୟ ଗ୍ରାମପଞ୍ଚାୟତ ଚାଷୀମାନଙ୍କୁ କରକାପାତ ଜନିତ କ୍ଷୟକ୍ଷତି ବାବଦକୁ କ୍ଷତି ପୂରଣ ପ୍ରଦାନ ନିମନ୍ତେ ଜିଲା କଂଗ୍ରେସ ପକ୍ଷରୁ ରିଆମାଳ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଦିବସ

ଦେବଗଡ଼,୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ଝୁମ୍ପୁରାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ସାହୁଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ସମ୍ମାନିତ ଅତିଥି ସମ୍ବଲପୁର ଏମ୍ପି ବ୍ଲକ ପ୍ରତିନିଧି ହରମୋହନ ପାଣି, ବ୍ଲକ ଉପାଧକ୍ଷ ସୁମନ୍ତ କୁମାର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନ୍ନ ପାଇକରାୟ, ଶିକ୍ଷାବିତ ହରିହର ସାହୁ, ବରିଷ୍ଠ ନାଗରିକ ସୁରେଶ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡମ୍ବରୁଧର ବିଶ୍ୱାଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ନୂତନ ଭାବେ ଆସିଥିବା ୧୭ଜଣ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ଖଡ଼ି ଛୁଆଁଇ ଥିଲେ। ଗୋଡ଼ଭଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମାକାନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଝୁମ୍ପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହାଡିବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡଂରା ସିଆର୍ସିସି ଯଦୁମଣି ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍ସିସି ପ୍ରମୋଦ କୁମାର ପ୍ରଧାନ, ଅଜୟ ବେହେରା, ଧିରେନ କୁମାର ପ୍ରଧାନ, ପ୍ରଭାତ କୁମାର ପ୍ରଧାନ, କାହ୍ନୁଚରଣ ସାହୁ, ଡିଲେଶ୍ୱର ସାହୁଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସକ୍ରିୟ ସହଯୋଗ କରିଥିଲେ।

## କମ୍ପାନୀ ବିରୋଧରେ ପ୍ରଦୂଷଣ ବିଭାଗ ଯାଞ୍ଚ କରିବ: ଉପଜିଲାପାଳ

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଲ ଓ ହିର୍ମାଠାରେ ଥିବା ଏସ୍ଏମ୍ସି କମ୍ପାନୀର ପ୍ରଦୁଷଣ ଓ ମନମୁଖୀ କାର୍ଯ୍ୟ ନେଇ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ, ଏସ୍ଏମ୍ସି କର୍ତ୍ତୃପକ୍ଷ, ବଡ଼ମାଲ, ହିର୍ମାର ଜନପ୍ରତିନିଧିଙ୍କୁ ନେଇ ମିଳିତ ବୈଠକ ବସିଥିଲା। ଯେଉଁଥିରେ ଉପଜିଲାପାଳ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ରାସ୍ତାରେ ପଡ଼ିଥିବା ପାଉଁଶ ସଫା କରିବା, ସ୍ଥାନୀୟ ଲୋକଙ୍କୁ ପ୍ରଦୂଷଣତାରୁ ସୁରକ୍ଷା ଦେବା ସହିତ ଗୁରୁବାର ପ୍ରଦୂଷଣ ବିଭାଗ କମ୍ପାନୀ ପକାଇଥିବା ପାଉଁଶ ବିଷୟରେ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକ ଚାଲିଥିବା ବେଳେ ଏସ୍ଏମ୍ସି କମ୍ପାନୀ ଜନସାଧାରଣ ଓ ଜନ ପ୍ରତିନିଧିଙ୍କୁ କମ୍ପାନୀ ବିରୋଧରେ ନ ଯିବା ପାଇଁ ନାଲି ଆଖି ଦେଖାଇଥିଲେ। ଗୁରୁବାର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆସିବେ ବୋଲି ବଡ଼ମାଲ ଓ ହିର୍ମାର ଜନସାଧାରଣ ଓ ପ୍ରତିନିଧି ଚାହିଁ ରହିଥିବା ବେଳେ ପ୍ରଦୂଷଣର ବିଭାଗ ଦେଖା ମିଳି ନ ଥିଲା। ଏପରି ଜିଲା ପ୍ରଶାସନ ଓ କମ୍ପାନୀର ଲୁଚକାଳି ଖେଳ ମଧରେ ହିର୍ମା ଓ ବଡ଼ମାଳବାସୀଙ୍କ ଜୀବନ ଦିନକୁ ଦିନ ବିପଦପୂର୍ଣ୍ଣ ହେଉଥିବା ବେଳେ ଏସ୍ଏମ୍ସି କମ୍ପାନୀ ବିରୋଧରେ ଆଗାମୀ ଦିନରେ ଏକ ବଡ଼ ଜନଆନ୍ଦୋଳନ ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ।

## ସାରସପାଲି ବନୀକରଣ ଅଞ୍ଚଳରେ ନିଆଁ

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ରେଞ୍ଜ ଅଧୀନ ସାରସପାଲି ବନିକରଣ ପ୍ରକଳ୍ପ ଅଞ୍ଚଳରେ ନିଆଁ ଲାଗି ହଜାର ହଜାର ଗଛ ବୁଧବାରଠାରୁ ପୋଡ଼ି ନଷ୍ଟ ହୋଇଯାଇଛି। ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଓଏମବିଏଡିସି ଅନୁଯାୟୀ ସାରସପାଲିଠାରେ ପ୍ରାୟ ୫ ହଜାର ୮ଶହ ଚାରା ରୋପଣ କରାଯାଇଥିଲା। ସେହିପରି ୨୦୧୮-୧୯ ବର୍ଷରେ ୫ ହେକ୍ଟର ଜମିରେ ୮ ହଜାର ଚାରା ଲଗାଯାଇଥିଲା। ଗଛଗୁଡିକ ସୁନ୍ଦର ଭାବେ ବଢିଥିଲା ମଧ ହେଲେ ପାର୍ଶ୍ୱବର୍ତ୍ତୀ କୃଷି କ୍ଷେତ୍ରରୁ ନିଆଁ ଆସି ଲାଗିଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣା ନେଇ ଗୁରୁବାର ପୂର୍ବାହ୍ନ ୧୧ଟାରେ ଝାରସୁଗୁଡା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ ସାରସପାଲି ବନିକରଣ ଅଞ୍ଚଳ ପରିଦର୍ଶନରେ ଯାଇ କହିଥିଲେ ଯେ ଏହି ବନିକରଣ ୨୦୧୬-୧୮ରେ କରାଯାଇଥିଲା। ବୁଧବାର ନିଆଁ ଲାଗିବା ପରେ ଜଙ୍ଗଲ ଓ ଅଗ୍ନିଶମ ବିଭାଗ ପହଞ୍ଚିଲା ବେଳେ ସାମାନ୍ୟ ବିଳମ୍ବ ହେବାରୁ ତଳସ୍ତରରେ ଥିବା ଗଛଗୁଡିକ ପୋଡି ଯାଇଥିଲା। କିନ୍ତୁ ବଡ଼ ଗଛଗୁଡିକର ବିଶେଷ କିଛି କ୍ଷତି ହୋଇନାହିଁ। ଗତବର୍ଷ ଜଙ୍ଗଲ ବିଭାଗ ଝାରସୁଗୁଡ଼ା ଜିଲାରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ୩୪ଟି ଅଗ୍ନିସମ କେନ୍ଦ୍ର ଖୋଲିଥିବା ବେଳେ ଏବର୍ଷ ୧୬ଗୁଣ ଅର୍ଥାତ ୫୨୩ଟି ଅଗ୍ନିସମ କେନ୍ଦ୍ର ଖୋଲାଯାଇଛି। ଜଙ୍ଗଲ ନିଆଁ ଆୟତ୍ତ କରିବା ପାଇଁ କୌଣସି ବନ କର୍ମଚାରୀଙ୍କୁ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଛୁଟି ଦିଆଯିବ ନାହିଁ। ଆଗାମୀ ଦିନରେ ଜଙ୍ଗଲ ନିଆଁ ଯେପରି ଜଙ୍ଗଲ ବା ବନିକରଣର କ୍ଷତି ନ କରିବ ସେଥିପ୍ରତି ନିଶ୍ଚିତ ଯତ୍ନବାନ ହେବୁ ବୋଲି ଜିଲା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ କହିଛନ୍ତି।

## ଆମ ସଂସ୍କୃତି ଆମ ଖେଳନା, ବାର୍ଷିକ ଉତ୍ସବ

ଦେବଗଡ଼,୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ତିଲେଇମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଓଡ଼ିଶା ଦିବସ ସହିତ ଆମ ସଂସ୍କୃତି ଆମ ଖେଳନା ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀରୋଦ ବିହାରୀ ସାହୁଙ୍କ ସଭାପତିତ୍ୱରେ ସମିତି ସଭ୍ୟ ଅରୁଣ କୁମାର ପ୍ରଧାନ ମୁଖ୍ୟଅତିଥି, ଦେବକୀ ପାର୍ଣ୍ଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ନିମିତ୍ତ ଗୋଷ୍ଠୀ ସମ୍ପୃକ୍ତି, ଅଭିଭାବକଙ୍କ ସଚେତନତା ଓ ସମର୍ଥନ ଏକାନ୍ତ ଆବଶ୍ୟକ ବୋଲି ମତପୋଷଣ କରିଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିବା ସହ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ। ତିଲେଇମାଲ ସିଆର୍ସିସି ନିରଞ୍ଜନ କୁମାର ସାହୁ ଜାତୀୟ ଶିକ୍ଷା ନୀତି ୨୦୨୦ ଅନ୍ତର୍ଗତ ବାଲ ବାଟିକା ଓ ସରକାରଙ୍କ ଶୈକ୍ଷିକ ପଦକ୍ଷେପ ବିଷୟରେ ବୁଝାଇଥିଲେ। ଚେୟାର ପରସନ୍ ଲମ୍ବୋଦର ବଉଳା, ବରିଷ୍ଠ ଶିକ୍ଷକ ପୀତବାସ ସାହୁ, ଡିଲେଶ୍ୱର ନାଏକ ପ୍ରମୁଖ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟସ୍ତରୀୟ କ୍ରୀଡା, ଗଣିତ ଓ ବିଜ୍ଞାନ କ୍ଲବ, ଇକୋ କ୍ଲବ, ମାତୃଭାଷା ଦିବସ, ଆମ ଖେଳନା ଆମ ସଂସ୍କୃତି, ଗଳ୍ପ ଶୁଣିବା ଓ କହିବା, ସଂଗୀତ, ନୃତ୍ୟ, ଚିତ୍ରାଙ୍କନ, ଭାଷଣ, ତର୍କ, କୁଇଜ୍ ସମାପ୍ତି ସୂଚକ ମୂଲ୍ୟାୟନ-୧ ଆଦି କାର୍ଯ୍ୟକ୍ରମରେ ପାରଦର୍ଶିତା ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ କାଞ୍ଚନପ୍ରଭା ପ୍ରଧାନ, ଶିକ୍ଷକ ଇନ୍ଦ୍ରଜିତ ସାମଲ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଶିକ୍ଷକ ଭେଷଜ କୁମାର ଭୋଜ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରମ୍ପରିକ ପୋଷାକ ପରିଧାନ ଦିବସ



ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରିଛନ୍ତି।

ଦେବଗଡ଼,୩।୪(ଶଶାଙ୍କ ଶେଖର ଝାଙ୍କର)

ଏପ୍ରିଲ ୩ ତାରିଖ ପାରମ୍ପରିକ ପୋଷାକ ପରିଧାନ ଦିବସ-୨୦୨୫ ଅବସରରେ ଦେବଗଡ଼ ଜିଲାରେ 'ଆମ ପୋଷାକ ଆମ ପରିଚୟ' ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ ଏବଂ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପାରମ୍ପାରିକ ପୋଷାକ ସମ୍ବଲପୁରୀ ପରିଧାନ କରି ଅଭିଯାନରେ ଅଂଶଗ୍ରହଣ କରିଥିଲେ।

## ଏସ୍ଏମ୍ସିକୁ ଇବ୍, ଭେଡେନ ନଦୀରୁ ପାଣି ଉଠାଇବା ପାଇଁ ଅନୁମତି ନାହିଁ

**ବିଧାନସଭାରେ ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ**

ଝାରସୁଗୁଡ଼ା,୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ହିର୍ମା ଏସ୍ଏମ୍ସି-୧ ଓ ବଡ଼ମାଲ ଏସ୍ଏମ୍ସି-୨କୁ ଇବ୍ କିମ୍ବା ଭେଡ଼େନ ନଦୀରୁ ପାଣି ଉଠାଇବା ପାଇଁ ଅନୁମତି ଦିଆଯାଇନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ବିଶେଷ କରି ଗ୍ରୀଷ୍ମ ଋତୁରେ ପାଣି ନେବା ଦଣ୍ଡନୀୟ ଅପରାଧ ଏବଂ ଯଦି ନିଆଯାଏ ତାହାହେଲେ ପ୍ରଶାସନିକ ଅନୁମତି ନେବା କଥା। ମାର୍ଚ୍ଚ ୧୩ରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ବିଧାନସଭାରେ ପଚାରିଥିବା ୨ଟି ଭିନ୍ନ ପ୍ରଶ୍ନ ଉତ୍ତରରେ ମୁଖ୍ୟମନ୍ତ୍ରୀ ମାଝୀ ଏହା କହିଛନ୍ତି। ତେବେ ଏସ୍ଏମ୍ସିର ୟୁନିଟ-୧ ପ୍ରକଳ୍ପ ପାଇଁ ହୀରାକୁଦ ନଦୀବନ୍ଧରୁ ପ୍ରତିଦିନ ୨.୪୫ କ୍ୟୁସେକ ଜଳ ବ୍ୟବହାର ପାଇଁ ନେଉଥିବା ବେଳେ ୟୁନିଟ-୨ ସକାଶେ ପ୍ରତିଦିନ ୩.୭୩ କ୍ୟୁସେକ ଜଳ ହୀରାକୁଦ ଜଳଭଣ୍ଡାରରୁ ନେଉଥିବା ଦର୍ଶାଇଛନ୍ତି। ତେବେ କମ୍ପାନୀ ଏହାବାଦ୍ ଖୁବ୍ ଅଧିକ ପାଣି ଭେଡ଼େନ ଓ ଇବ୍ ନଦୀରୁ ଟାଣୁଥିବା ଅଭିଯୋଗ ହେଉଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଝାରସୁଗୁଡ଼ା ଜିଲା ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବା ବାକି ରହିଲା।

ଖବର ନେବାରୁ ଜଣାଯାଇଛି ଯେ କମ୍ପାନୀ ହିର୍ମାଠାରେ ୟୁନିଟ-୧ ସକାଶେ ଭେଡ଼େନ ନଦୀରୁ ଏବଂ ବଡ଼ମାଲଠାରେ ୟୁନିଟ-୨ ପାଇଁ ଇବ୍ ନଦୀରୁ ଜଳଉଠାଣ କରୁଛି। ଏହାକୁ ନେଇ ଗତ ୨୯ ତାରିଖରେ ହିର୍ମା ଓ ମଲଦା ସରପଞ୍ଚଙ୍କ ସମେତ ସଭ୍ୟମାନେ ଜିଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ତେବେ କମ୍ପାନୀ ଜଳର ଆବଶ୍ୟକତା ପୂରଣ ପାଇଁ ନିଜ ପରିସର ଭିତରେ ଗଭୀର ନଳକୂପ ଖୋଲି ଭୂତଳ ଜଳ ଶୋଷୁଛି। ଏହାକୁ ନେଇ ରେଙ୍ଗାଲି ବିଧାୟକ ହରିପାଲ ଉପରୋକ୍ତ ପ୍ରଶ୍ନର ଅତିରିକ୍ତ ପ୍ରଶ୍ନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ମାଝୀ ଉକ୍ତ କମ୍ପାନୀ ଭୂତଳ ଜଳର ଉପଯୋଗ କରୁଥିବା ତଥ୍ୟ ଦୃଷ୍ଟିଗୋଚର ହୋଇନାହିଁ ବୋଲି ଉଲ୍ଲେଖ କରିଥିଲେ। ଏଥିରୁ ସ୍ପଷ୍ଟ ଯେ କମ୍ପାନୀ ପ୍ରଶାସନର ଦୃଷ୍ଟି ଆଢୁଆଳରେ ନଦୀଜଳ ଓ ଭୂତଳ ଜଳ ବେଦଡ଼କ ଉପଯୋଗ କରୁଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ କମ୍ପାନୀ ନଦୀ ଓ ଭୂତଳ ଜଳ ଶୋଷଣ କରୁଛି। ଏସ୍ଏମ୍ସି କମ୍ପାନୀ ଶବ୍ଦ ଓ ପ୍ରଦୂଷଣତାରେ ମଧ ଲୋକଙ୍କ ଜୀବନପ୍ରତି ଖେଳୁଥିବା ଜିଲା ପ୍ରଶାସନରେ ଅଭିଯୋଗ କରାଯାଇଥିଲେ ମଧ ପ୍ରଶାସନ ନ ଶୁଣିବା ଲୋକେ ପ୍ରକାଶ କରିଛନ୍ତି।

## କାଳୀକୃଷ୍ଣ ସଂଘର ମହାବିଷ୍ଣୁ ଯଜ୍ଞ ଉଦ୍‌ଯାପିତ

**କୋକସରା (ଦୁଷ୍ମନ୍ତ କୁମାର ପାଇଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ୍ ସାନ ପୋଡ଼ାଗୁଡ଼ାଠାରେ ଗତ ୨୮ ତାରିଖରୁ ଚାଲିଥିବା କାଳୀକୃଷ୍ଣ ସଂଘର ୪୩ତମ ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସଦ୍‌ଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘର ଏହି ମହାବିଷ୍ଣୁ ଯଜ୍ଞରେ କଳସଯାତ୍ରା, ପୂଜନ, ହବନ, ମୁଣ୍ଡନ, କୁଣ୍ଡାବୋରୀ, ବିବାହ, ବ୍ରତ, ସଂସ୍କାର କାର୍ଯ୍ୟକ୍ରମ, ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ଯଜ୍ଞ ଫଳରେ ଗତ ୪ଦିନ ଧରି ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ସଂକ୍ଷେପରେ

## ପର୍ଶୁରାମ ଜୟନ୍ତୀ ପ୍ରସ୍ତୁତି ବୈଠକ

**କୋକସରା,୩।୪ (ଦୁଷ୍ମନ୍ତ କୁମାର ପାଇଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଲଡୁଗାଁ ଜଗନ୍ନାଥ ମନ୍ଦିରରେ ପର୍ଶୁରାମ ସେନା ତରଫରୁ ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେନାର ବ୍ଲକ ସଭାପତି ଗୋଦାବରୀଶ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ୍ ବ୍ରାହ୍ମଣ ସମାଜ ସଭାପତି ଶ୍ରୀମନ୍ତ ପାଢ଼ୀ ମୁଖ୍ୟ ଅତିଥି ଓ ଗଣେଶ ନନ୍ଦ, ରାଜୁ ଶର୍ମା, ଭୀମସେନ ଶର୍ମା, ଶ୍ରବଣ କୁମାର ପାଢ଼ୀ, ଭାରତ ଭୂଷଣ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେନାର ବ୍ଲକ୍ ସାଧାରଣ ସମ୍ପାଦକ ଈଶ୍ୱରୀ ପ୍ରସାଦ ଅଗସ୍ତି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଗାମୀ ଏପ୍ରିଲ ୩୦ରେ ବର୍ଷ ଲଡୁଗାଁଠାରେ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ସ୍ଥିରୀକୃତ ହୋଇଥିଲା। ଶେଷରେ ଶ୍ରୀକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଡ଼ାଳରେ ନନୀ ମା'ଙ୍କ ଚୈତ୍ରପର୍ବ

**ସିନାପାଲି,୩।୪ (ମନଫୁଲ ମେହେର):** ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ଗୋଡାଳ ଅଞ୍ଚଳର ଆରାଧ୍ୟା ଦେବୀ ନନୀ ମା'ଙ୍କ ଚୈତ୍ରପର୍ବ ବୁଧବାର ପାଳିତ ହୋଇଯାଇଛି। ଅପରାହ୍ଣରେ ପୀଠରେ ପୂଜକ ପାରମ୍ପରିକ ରୀତିନୀତି ଅନୁସାରେ ପୂଜା ସମାପନ ପରେ ମା'ଙ୍କ କଳସ ଗ୍ରାମ ପରିକ୍ରମା କରିଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଗ୍ରାମ ପରିକ୍ରମା ସମୟରେ ପ୍ରତ୍ୟେକ ଘରେ ମହିଳା, ଯୁବତୀ ଝୋଟି ଆଙ୍କି ବନ୍ଦାପନା କରିଥିଲେ। ହୁଳହୁଳି, ଘଣ୍ଟ ଓ ଦେବୀ ବାଦ୍ୟରେ ଗାଁ ପ୍ରକମ୍ପିତ ହୋଇଥିଲା। ପରେ ସନ୍ଧ୍ୟାରେ ମା'ଙ୍କ ଆବିର୍ଭାବ ପୀଠ ବାହାଲଗୁଡ଼ିରେ ବଳି ପଡ଼ିଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତମାନେ ବଳି ଦେଇ କୃପା ଲାଭ କରିଥିଲେ। ଫଳରେ ପୀଠ ରକ୍ତ ରଞ୍ଜିତ ହୋଇଥିଲା।

## ପଲ୍ଲିଶ୍ରୀ ମେଳାରେ ଜମୁଛି ବେପାର

**ନୂଆପଡ଼ା,୩।୪ (ମକାରୁ ବେମାଲ):** ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଜିଲା ସଂସ୍କୃତି ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଦୀର୍ଘ ୧୨ବର୍ଷ ପରେ ପୁଣି ମାରାଗୁଡା ଲୋକ ମହୋତ୍ସବ ଅନୁଷ୍ଠିତ ହେଉଛି। ଏଥିପାଇଁ ଜିଲାବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହେଉଛି। ଏହି ଖୁସିକୁ ଦ୍ୱିଗୁଣିତ କରୁଛି ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା। ଏଥିରେ ମୋଟ ୧୬୦ଟି ଷ୍ଟଲ ଲାଗିଛି। ଜିଲାବାସୀ ଏହି ସୁଯୋଗକୁ ହାତଛଡା ନ କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସହିତ ସମ୍ବଲପୁରୀ ବସ୍ତ୍ର, ଶାଢୀ, ଲୁଗାପଟା, ଖାଦ୍ୟ ପଦାର୍ଥ କିଣୁଛନ୍ତି । ଏଠାରେ ଜିଲା ତଥା ଜିଲା ବାହାରୁ ବିଭିନ୍ନ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ସେମାନଙ୍କ ଉତ୍ପାଦିତ ହସ୍ତଶିଳ୍ପ, ହସ୍ତତନ୍ତ ସାମଗ୍ରୀ ନେଇ ଆସିଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ ପଲ୍ଲିଶ୍ରୀ ମେଳା ପ୍ରଥମ ସନ୍ଧ୍ୟାରେ ୯ ଲକ୍ଷ ୩୨ ହଜାର ୭ ଶହ ଟଙ୍କା ଓ ଦ୍ୱିତୀୟ ସନ୍ଧ୍ୟାରେ ୧୫ ଲକ୍ଷ ୭୮ ହଜାର ୨୭୯ ଟଙ୍କା ବେପାର ହୋଇଛି।

## ଲାଞ୍ଜିଗଡ଼ ପଞ୍ଚାୟତ ଗ୍ରାମୀଣ ହାଟର ଶୁଭ ଉଦ୍‌ଘାଟନ

**ଲାଞ୍ଜିଗଡ଼,୩।୪(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ପଞ୍ଚାୟତ ଗ୍ରାମୀଣ ସାପ୍ତାହିକ ହାଟ ବୁଧବାର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାବାର୍ଡ ଡିଜିଏମ୍ ମହେଶ୍ୱର ଦାସ, ଲାଞ୍ଜିଗଡ଼ ବେଦାନ୍ତ ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ମହାଶକ୍ତି ଫାଉଣ୍ଡେଶନ ଏମ୍‌ଡି ଯୁଗଳ କିଶୋର ପଟ୍ଟନାୟକ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ସିଏସ୍‌ଆର୍ ମୁଖ୍ୟ ଶିଶିର ତରଫଦାର ପ୍ରମୁଖ ଯୋଗଦେଇଥିଲେ। ଲାଞ୍ଜିଗଡ଼ ପଞ୍ଚାୟତର ନିଜସ୍ୱ ୨.୫ ଏକର ପରିମିତ ଅଞ୍ଚଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ଦୈନିକ ବଜାର ପାଇଁ ଆଲୋକ ବ୍ୟବସ୍ଥା ସୁବିଧା ସହ ୩୬ଟି ଦୋକାନ ଘର କରାଯାଇ ଲାଞ୍ଜିଗଡ଼ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ଏଠାରେ ଚାଷୀମାନେ ନିଜର ଉତ୍ପାଦିତ କୃଷିଜାତ ସାମଗ୍ରୀକୁ ଗ୍ରାହକଙ୍କୁ ବିକ୍ରି କରିପାରିବେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ମଧ୍ୟ ସେମାନଙ୍କ ସାମଗ୍ରୀ ବିକ୍ରିର ସୁଯୋଗ ରହିଛି । କାର୍ଯ୍ୟକ୍ରମକୁ ଶ୍ରୀମୁଖ ଅଗସ୍ତି ପରିଚାଳନା କରିଥିବାବେଳେ ଲାଞ୍ଜିଗଡ଼ ଯୁବକ ସଂଘ, ବିଭିନ୍ନ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଇନଜୀବୀ, ବ୍ୟବସାୟୀ, ବୁଦ୍ଧିଜୀବୀ ଓ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

# ଏବେ ସୋମବାର ଛାତ୍ରୀଛାତ୍ର ଖାଇବେ ଅଣ୍ଡା

**ଭବାନୀପାଟଣା,୩।୪ (ଉତ୍ତମ କୁମାର ଦାଶ)**



ଭାରତୀୟ ଧର୍ମ ଓ ସଂସ୍କୃତିର ପ୍ରବହମାନ ଧାରାରେ ଶିବ ଉପାସନା ବହୁ ପ୍ରାଚୀନ। ଫଳସ୍ୱରୂପ ଗାଁଠାରୁ ସହରଯାଏ ସୋମବାର ଦିନଟିକୁ ମହାପ୍ରଭୁ ଶିବଙ୍କ ବାର ବୋଲି ଲୋକେ ମାନି ଚଳିଆସୁଛନ୍ତି। ଏହି ଦିନ ଅଧିକାଂଶ ପରିବାରରେ ଆମିଷ ଭୋଜନକୁ ବାରଣ କରାଯାଇଥାଏ। ପରିବାରର ଶିଶୁଠାରୁ ବୟସ୍କ ପର୍ଯ୍ୟନ୍ତ ସୋମବାର ଆମିଷଠାରୁ ଦୂରେଇ ରୁହନ୍ତି। କିନ୍ତୁ ଭାଜପାର ଡବଲ ଇଞ୍ଜିନ ସରକାର ତାହାକୁ ଯେମିତି ଭୁଲିଗଲେଣି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ଲଡ୍ଡୁ ଓ ଅଣ୍ଡା ଯୋଗାଇବାକୁ ଯାଇ ସରକାର ସୋମବାର ଅଣ୍ଡା ଖାଇବା ବ୍ୟବସ୍ଥା ହାତକୁ ନେଇଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ଶିଶୁ ଅବସ୍ଥାରୁ ଶୈବଧର୍ମର ସବୁ ସିଦ୍ଧାନ୍ତକୁ ଭୁଲିଯିବା ରାସ୍ତାରେ ଛାତ୍ରଗୋଷ୍ଠୀଙ୍କୁ ନେବାର ଏହା କି ପ୍ରକାର ନିଷ୍ପତ୍ତି ବୋଲି ଆଲୋଚନା ହେଉଛି। ବିଦ୍ୟାଳୟରେ ପ୍ରତି ସପ୍ତାହରେ ଦୁଇଥର ଅଣ୍ଡା ଦିଆଯାଉଥିଲା। ଏବେ ସୋମବାର ଦିନକୁ ଯୋଡ଼ାଯାଇଛି। ସୋମବାର, ବୁଧବାର ଓ ଶୁକ୍ରବାର ଅଣ୍ଡା ଏବଂ ମଙ୍ଗଳବାର, ଗୁରୁବାର ଓ ଶନିବାର ମାଣ୍ଡିଆରେ ପ୍ରସ୍ତୁତ ପୋଷଣଯୁକ୍ତ ଲଡ୍ଡୁକୁ ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଦିଆଯିବ। ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ୩ଟି ଲେଖାଏ ଲଡ୍ଡୁ ଓ ଅଣ୍ଡା ପ୍ରଦାନ କରାଯିବ। ଏ ନେଇ ପ୍ରଧାନମନ୍ତ୍ରୀ ପୋଷଣ ରାଜ୍ୟ ନୋଡାଲ ଅଧିକାରୀ ଗିରୀଶ ଚନ୍ଦ୍ର ସିଂହ ସମସ୍ତ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ତେବେ ପାଚିକା ସହାୟିକାମାନେ ଏହି ଲଡ୍ଡୁ ତିଆରି କରିବେ। ଗୋଟିଏ ଲଡ୍ଡୁ ପାଇଁ ଖର୍ଚ୍ଚ ୩ଟଙ୍କା ୫୦ପଇସା ଧାର୍ଯ୍ୟ କରାଯାଇଛି। କିନ୍ତୁ ପ୍ରତି ଲଡ୍ଡୁ ପ୍ରସ୍ତୁତିରେ ମାତ୍ର ୩ଟଙ୍କା ୨୪ ପଇସା ଓ ଲଡ୍ଡୁ ତିଆରି କରିବା ଲାଗି ୨୬ପଇସା ରଖାଯାଇଛି। ମାଣ୍ଡିଆ ଚୁନା, ଗୁଡ଼, ଚିନାବାଦାମ, ଘିଅ, ରାଶି, ଗୁଜରାତି ଓ ଅଳେଇଚ ସମିଶ୍ରଣରେ ପ୍ରସ୍ତୁତି ହେବ। ସକାଳ ପ୍ରାର୍ଥନା ପରେ ଲଡ୍ଡୁ ବଣ୍ଟାଯିବ। ସ୍ଥାନୀୟ ବଜାରରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ୧୫ଦିନିଆ ଭିତ୍ତିରେ ଲଡ୍ଡୁ ପାଇଁ ସମସ୍ତ ସାମଗ୍ରୀ କିଣି ମହଜୁଦ ରଖିବେ। ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଏହା ନିୟମିତ ଚାଲିବ। ହେଲେ ଏଥିନିମନ୍ତେ ଆର୍ଥିକ ଅନୁଦାନ କେବେ ଆସିବ ଏବଂ ଶିଶୁ ବାଟିକାରେ ଯୋଡି ହୋଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଅନୁଦାନ ନେଇ କୌଣସି ସୂଚନା ବିଦ୍ୟାଳୟରେ ପହଞ୍ଚିନାହିଁ। ସେପଟେ ସମସ୍ତ ବିଦ୍ୟାଳୟରେ ୨୯ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବ। ଶିଶୁ ବାଟିକାରେ ପ୍ରବେଶ ଉତ୍ସବ ଏପ୍ରିଲ ୨ରୁ ଆରମ୍ଭ ହୋଇଛି। ସେ ଭିତରେ ପିଏମ୍ ପୋଷଣ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବାକୁ ପଡିବ। ଲଡ୍ଡୁର ଗୁଣବତ୍ତା ପରୀକ୍ଷା ନିରୀକ୍ଷା ଦାୟିତ୍ୱ କାହାର ତାହା ଏବେ ପ୍ରଶ୍ନ। ୩ଟଙ୍କା ୨୪ପଇସାର ଲଡ୍ଡୁ ସ୍ୱାସ୍ଥ୍ୟଲାଗି କେତେ ଫଳପ୍ରଦ ତାହା ସମୟ କହିବ। ଆସନ୍ତା ସୋମବାରରୁ ପ୍ରଥମଥର ପାଇଁ ଛାତ୍ରୀଛାତ୍ରଙ୍କୁ ଅଣ୍ଡା ଦିଆଯିବ।

## ବୈଷ୍ଣୋଦେବୀଙ୍କୁ ଦର୍ଶନ କଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ



ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ମନ୍ଦିର ପୂଜାରୀ ସ୍ୱାଗତ ଜଣାଉଛନ୍ତି।

**ନୂଆପଡ଼ା/କୋମନା,୩।୪ (ମକାରୁ ବେମାଲ/ସୋବିନ ଛତ୍ରିଆ)**

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ ତାଙ୍କ ପରିବାର ସହ ଗୁରୁବାର ନୂଆପଡ଼ା ଜିଲା କୋମନାସ୍ଥିତ ମନ୍ଦିରରେ ମାତା ବୈଷ୍ଣୋଦେବୀଙ୍କୁ ଦର୍ଶନ କରିଛନ୍ତି। ସୂଚନା ମୁତାବକ ମଧ୍ୟାହ୍ନ ସମୟରେ ଛତିଶଗଡରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମୁଖ୍ୟମନ୍ତ୍ରୀ ସାଇ ଆସି କ୍ରିଷ୍ଣା ପବ୍ଲିକ ସ୍କୁଲ ପଡିଆରେ ଅବତରଣ କରିଥିଲେ। ସେଠାରୁ ସଡ଼କ ପଥରେ ଯାଇ ସେ କୋମନାଠାରେ ପହଞ୍ଚିଥିଲେ। କୋମନା ନିବାସୀ ସଦନ ତିୱାରୀଙ୍କ ବୈଷ୍ଣୋଦେବୀ ମନ୍ଦିରରେ ନବରାତ୍ର ଚାଲିଥିବାରୁ ସେଥିରେ ସେ ସପରିବାର ଯୋଗଦେଇ ଦେବୀଙ୍କ ଦର୍ଶନ କରିବା ସହ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିରେ ତାଙ୍କ ଧର୍ମପତ୍ନୀ କୌଶଲ୍ୟା ସାଏ, ଉତ୍ତର ବିଧାୟକ ପୁରନ୍ଦର ମିଶ୍ର ମା'ଙ୍କ ଦର୍ଶନ କରିଥିଲେ। ଏହି ସମୟରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ, ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ପୂର୍ବତନ ଏମ୍‌ପି ବସନ୍ତ କୁମାର ପଣ୍ଡା, ଖରିଆର ରୋଡ ନଗର ଅଧ୍ୟକ୍ଷା ସୋନିଆ ଜୈନ, ଭାଜପା ଜିଲା ସଭାପତି କମଲେଶ ଦୀକ୍ଷିତ, ଅଭିନନ୍ଦନ ପଣ୍ଡା ଓ ଶତାଧିକ ଭାଜପା କର୍ମକର୍ତ୍ତା ସାମିଲ ଥିଲେ। କିଛିମାସ ପୂର୍ବେ ତାଙ୍କ ଧର୍ମପତ୍ନୀ ଏଠାକୁ ଆସି ମା'ଙ୍କ ଦର୍ଶନ କରିଥିଲେ। ବର୍ତ୍ତମାନ ଚୈତ୍ର ନବରାତ୍ର ଚାଲିଥିବାରୁ ସପରିବାର ଆସି ଦେବୀଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ପଡ଼ୋଶୀ ରାଜ୍ୟ ହୋଇଥିବାରୁ ଓଡ଼ିଶା ସହ ଆମର ସବୁବେଳେ ସୁସମ୍ପର୍କ ରହିଛି ବୋଲି ମୁଖ୍ୟମନ୍ତ୍ରୀ ସାଇ କହିଥିଲେ ।



ଶିଳ୍ପୀ ଓମ୍ ପ୍ରକାଶ ସାହୁଙ୍କ ବାଲୁକା କଳାକୃତି।

## ବାଲୁକାକଳାରେ ମହାକାଶଚାରୀ ସୁନିତା

**କର୍ଲାମୁଣ୍ଡା,୩।୪(ପ୍ରଦୀପ କୁମାର ସାହୁ)**

ଆମେରିକାର 'ନାସା' ତରଫରୁ ୨୦୨୪ ଜୁନ୍ ୫ରେ ସୁନିତା ୱିଲିୟମ ତାଙ୍କ ସାଥୀ ବୁଚ୍ ଉଇଲମୋରଙ୍କ ସହ ୮ଦିନ ପାଇଁ ମହାକାଶକୁ ଯାଇ ଅପ୍ରତ୍ୟାଶିତ ବୈଷୟିକ ତ୍ରୁଟି ଯୋଗୁ ସେଠାରେ ୯ମାସ ରହି ଗତ ମାର୍ଚ୍ଚ ୨୦୨୫ରେ ପୃଥିବୀରେ ପ୍ରଦାର୍ପଣ କରିଛନ୍ତି। ଏହି ଲମ୍ବା ସମୟ ପର୍ଯ୍ୟନ୍ତ ମହାକାଶର ମାଧ୍ୟାକର୍ଷଣ ଶକ୍ତି ଉପରେ ଗବେଷଣାକରି ଇତିହାସ ରଚନା କରିଥିବାରୁ ତାଙ୍କୁ ସାରା ବିଶ୍ୱର ଜନଗଣ ଭବ୍ୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଗୁଜରାଟର ମେହସନ ଜିଲାରେ ଅବସ୍ଥିତ ଝୁଲାସନ ଗ୍ରାମ ସୁନିତା ୱିଲିୟମଙ୍କର ପୈତୃକ ଗ୍ରାମ ହୋଇଥିବାରୁ ସମସ୍ତ ଭାରତୀୟ ନିଜକୁ ଗର୍ବିତ ମନେକରି ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି। ନିକଟ ଅତୀତରେ ଏକ ସାକ୍ଷାତ୍‌କାରରେ ସୁନିତା କହିଛନ୍ତି, ସେ ଖୁବ୍‌ଶୀଘ୍ର ଭାରତ ଆସି ଭାରତୀୟଙ୍କ ଆଗରେ ଦୀର୍ଘ ୯ମାସ ମହାକାଶ ଯାତ୍ରାର ଅନୁଭୂତି ବଖାଣିବେ। ଏହି ଖୁସିରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡା ଗାଁର ଆନ୍ତର୍ଜାତିକ ବାଲୁକାଶିଳ୍ପୀ ଓମ୍ ପ୍ରକାଶ ସାହୁ ତାଙ୍କର ଏକ ବାଲୁକା ପ୍ରତିମୂର୍ତ୍ତି ନିର୍ମାଣକରି ତାଙ୍କୁ ସ୍ୱାଗତ ଜଣାଇଛନ୍ତି ।

## ପର୍ଶୁରାମ ଜୟନ୍ତୀ ପ୍ରସ୍ତୁତି ବୈଠକ



ବୈଠକରେ ସମାଜର କର୍ମକର୍ତ୍ତା।

**ଭବାନୀପାଟଣା, ୩।୪(ଉତ୍ତମ କୁମାର ଦାଶ)**

ଚଳିତ ଏପ୍ରିଲ ୨୯ରେ କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ସ୍ଥାନୀୟ ବାଲାଜୀ ମନ୍ଦିର ପରିସରରେ ପର୍ଶୁରାମ ଜୟନ୍ତୀ ପାଳନ ହେବ। ଏହାକୁ ନେଇ ଗୁରୁବାର ଭବାନୀପାଟଣାସ୍ଥିତ କଳାହାଣ୍ଡି ଲେଖକ କଳା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ରାହ୍ମଣ ସମାଜର ଜିଲା ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ପର୍ଶୁରାମ ସେନା ଜିଲା ସଂଯୋଜକ ପ୍ରଶାନ୍ତ ଠାକୁର, ପ୍ରଜ୍ଞା ବାହିନୀ ଜିଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ଭବାନୀପାଟଣା ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ, ନଗର ସମ୍ପାଦକ ଶେଷଦେବ ମିଶ୍ର ସମେତ ବ୍ରାହ୍ମଣ ସମାଜର ସଦସ୍ୟ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରିଥିଲେ। ୨୯ ତାରିଖ ସକାଳ ୭ଟାରେ ବାଲାଜୀ ମନ୍ଦିର ଯଜ୍ଞ ମଣ୍ଡପରେ ପର୍ଶୁରାମଙ୍କ ପୂଜାର୍ଚ୍ଚନା ଓ ଯଜ୍ଞ ଏବଂ ଅପରାହ୍ଣ ୧ଟାରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ସକାଳ ୮ଟାରେ ଏକ ମୋଟର ସାଇକେଲ ଶୋଭଯାତ୍ରା ସହର ପରିକ୍ରମା କରିବ। ଦିବା ୧୦ ଟାରେ ବାଲାଜୀ ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହେବ ବୋଲି ବ୍ରାହ୍ମଣ ସମାଜ କଳାହାଣ୍ଡିର ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ସମସ୍ତ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ବୈଠକରେ ବିଭିନ୍ନ କମିଟି ଗଠନ କରାଯାଇଥିଲା। ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ ଧନ୍ୟବାଦ ଅର୍ପଣ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ବହୁ ପ୍ରତୀକ୍ଷିତ ଟିପିଗୁଡ଼ା ମିନିବ୍ୟାଙ୍କ ଉଦ୍‌ଘାଟିତ

**ଧର୍ମଗଡ଼, ୩।୪ (ଆକାଶ କୁମାର ଜଗତ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଟିପିଗୁଡ଼ାସ୍ଥିତ ବହୁ ପ୍ରତୀକ୍ଷିତ ସିଏସ୍‌ପି ପ୍ଲସ୍ ମିନିବ୍ୟାଙ୍କ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ବିଡିଓ ସଦାଶିବ ନାଏକ, ସ୍ଥାନୀୟ ସରପଞ୍ଚ ହାତୀରାମ ଦୁର୍ଗା, ଭାରତୀୟ ଷ୍ଟେଟବ୍ୟାଙ୍କ ମ୍ୟାନେଜର ପ୍ରବୀଣ କୁମାର କୈବର୍ତ୍ତ ଉପସ୍ଥିତ ଥିଲେ। ପରିଚାଳନା ଦାୟିତ୍ୱରେ ମନୋଜ କୁମାର ନାଏକ ରହିଛନ୍ତି। ଏଥିରେ ନୂତନ ପାସ୍‌ବୁକ୍ ଖୋଲିବା, ଟଙ୍କା ଉଠାଣ, ଟଙ୍କା ଜମା ଭଳି ସୁବିଧା ଲୋକେ ମାଗଣାରେ ପାଇପାରିବେ ବୋଲି ପରିଚାଳକ ନାଏକ ପ୍ରକାଶ କରିଛନ୍ତି।

## ପ୍ରତିଷ୍ଠା ଦିବସ ପାଳନ ପାଇଁ ଭାଜପାର ପ୍ରସ୍ତୁତି ବୈଠକ

**ଭବାନୀପାଟଣା,୩।୪(ଉତ୍ତମ କୁମାର ଦାଶ)**



ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ଭବାନୀପାଟଣାସ୍ଥିତ ଟାଉନ ହଲଠାରେ କଳାହାଣ୍ଡି ଜିଲା ଭାଜପା ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୬ ତାରିଖରେ ହେବାକୁ ଥିବା ଭାଜପାର ପ୍ରତିଷ୍ଠା ଦିବସ, ୧୪ରେ ଆମ୍ବେଡକର ଜୟନ୍ତୀ ଓ ଓଡ଼ିଆ ପକ୍ଷ ପାଳନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲା ସଭାପତି ଯୁଗଳ କିଶୋର ପୋଢ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ପୂର୍ବତନ ଜିଲା ସଭାପତି ଭବେନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ରମେଶ ମାଝୀ, ଅନିରୁଦ୍ଧ ପ୍ରଧାନ, ଜାତୀୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପ ଜ୍ୟୋତି ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ।

## ଶିକ୍ଷା ସଚେତନତା ରଥ ଶୁଭାରମ୍ଭ

**ନୂଆପଡ଼ା,୩।୪ (ମକାରୁ ବେମାଲ)**

ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଚଳିତ ଶିକ୍ଷାବର୍ଷରେ ବାଲ୍‌ବାଟିକା ଓ ପ୍ରଥମ ଶ୍ରେଣୀରେ ପଢିବାକୁ ଥିବା ୫ବର୍ଷ ଓ ୬ବର୍ଷ ବୟସର ଶିଶୁଙ୍କ ନାମଲେଖା ଜିଲାର ସମସ୍ତ ବିଦ୍ୟାଳୟରେ ଆରମ୍ଭ ହୋଇଯାଇଛି । ବିଦ୍ୟାଳୟରେ ନାମଲେଖା ପାଇଁ ଶିକ୍ଷା ସଚେତନତା ରଥକୁ ଗୁରୁବାର ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସଦର ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ସାଲେଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି, ଚଇତ ରାମ ନାଏକ, ଚନ୍ଦ୍ରକଳା ଜଗତ ପ୍ରମୁଖ ଉପସ୍ଥିତ ଥିଲେ।

## ମହୋତ୍ସବ ଉପଲକ୍ଷେ ବୌଦ୍ଧିକ ଚର୍ଚ୍ଚା

**ନୂଆପଡ଼ା,୩।୪ (ମକାରୁ ବେମାଲ)**

ସ୍ଥାନୀୟ ନ୍ୟାଶନାଲ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗୁରୁବାର ମାରାଗୁଡା ଲୋକ ମହୋତ୍ସବ ତୃତୀୟ ଦିବସରେ ବୌଦ୍ଧିକ ଚର୍ଚ୍ଚା ଅନୁଷ୍ଠିତ ହୋଇଯାଇଛି। ଐତିହାସିକ, ଗବେଷକ, ସୁସାହିତ୍ୟିକ ଡ. ଫଣିନ୍ଦମ ସିଂଦେଓଙ୍କ ଅଧ୍ୟକ୍ଷତାରେ କବି, ସ୍ତମ୍ଭକାର ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ଭୀମସେନ ଶବର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ବିଷୟ ବିଶେଷଜ୍ଞ ଭାବରେ ଅବସରପ୍ରାପ୍ତ ଅଧ୍ୟାପକ ଲୋହିତାକ୍ଷ ଯୋଶୀ, ନାଟ୍ୟକାର ଜିତେନ୍ଦ୍ର ପଟ୍ଟନାୟକ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ଅଂଶ ଗ୍ରହଣ କରିଥିଲେ।

## ସ୍କୁଲରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

**ନୂଆପଡ଼ା/ ଖଡ଼ିଆଳ ।,୩।୪ (ମକାରୁ ବେମାଲ/ ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ ଦଳଦଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରେମଲାଲ ସତ୍‌ନାମୀଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁବଳ ଶ୍ୟାମ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଖଡ଼ି ଛୁଆଁଇଥିଲେ। ପରିଚାଳନା କମିଟି ସଭାପତି ଫିରୋଜ ଖାନ, ଅଶୋକ କୁମାର ମୁଦୁଲି, କଳ୍ପନା ଦାସ, ପୁଷ୍ପାଞ୍ଜଳି ପାତ୍ର, ଲିଲିମାନି ତରେଇ, ସୁଜାତା ରଣା, ପୁଷ୍ପାଞ୍ଜଳି ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶିକ୍ଷକ ଓ ଅଭିଭାବକମାନେ ନୂତନ ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଉତ୍ସବରେ ୫ ବର୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଶିଶୁବାଟିକା ଓ ୬ବର୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଯାଇ ଶିଶୁବାଟିକା କାର୍ଯ୍ୟପୁସ୍ତିକା, ବର୍ଣ୍ଣବୋଧ, ପ୍ରଥମ ଶ୍ରେଣୀ ପୁସ୍ତକ ବଣ୍ଟନ କରାଯାଇଥିଲା।

ସେହିପରି ଖଡ଼ିଆଳସ୍ଥିତ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଓ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା ଓ ପରେଶ କୁମାର ପଣ୍ଡା, କାଉନସିଲର ସୁବେର ସିଂ ଦେଓ, ସିଆର୍‌ସିସି ଖଗେଶ୍ୱର ବାଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର କୁମାର ଅଗସ୍ତି, ପରିଚାଳନା କମିଟି ସଭାପତି ବିଜୟ କୁମାର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ବାଟିକାର ଶୁଭାରମ୍ଭ କରିଥିଲେ। ୫ବର୍ଷ ପୂରଣ କରିଥିବା ୨୦ ଅଙ୍ଗନୱାଡ଼ି ଶିଶୁଙ୍କ ଖଡ଼ିଛୁଆଁ ସହ ପାଠ୍ୟ କିଟ୍ ପ୍ରଦାନ କରାଯାଇଥିଲା।ଏ ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଏହି ରଥ ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ବୁଲି ଶିଶୁ ବାଟିକା ଉପରେ ଲୋକଙ୍କୁ ସଚେତନ କରିବ।

# ଆଲୋଚନା ପରେ ବି ନିଷ୍କର୍ଷ ବାହାରିଲାନି

### ଶ୍ରୀରାମ ନବମୀ ମହୋତ୍ସବ କମିଟି ଗଠନକୁ ନେଇ ବିବାଦ

**କୋକସରା,୩।୪ (ଦୁଷ୍ମନ୍ତ କୁମାର ପାଇଯୋଷୀ)**



ଆମପାଣି ଥାନାରେ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ କମିଟିର କର୍ମକର୍ତ୍ତାଙ୍କ ଆଲୋଚନା।

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରା ତଥା ଶ୍ରୀରାମ ମନ୍ଦିରର ପୃଷ୍ଠପୋଷକତା ପାଇଁ ଉନ୍ନୟନ ସମିତି ଦୀର୍ଘ ୫୪ବର୍ଷ ହେବ କାର୍ଯ୍ୟ ସମ୍ପାଦନ କରିଆସୁଛି। ତେବେ ବିଗତ ୨ବର୍ଷ ହେବ କମିଟିରେ ପରିବର୍ତ୍ତନ ଓ ଦାୟିତ୍ୱ ସମ୍ପାଦନା ନେଇ ଉନ୍ନୟନ କମିଟି ଓ ଡୁଡୁକାଠେଙ୍ଗା ପଞ୍ଚାୟତର ଡୁଡୁକାଠେଙ୍ଗା, ଖଲିଗଡ଼, ମୁନୁଗାପଦର,ବନ୍ଧପଡା ଗ୍ରାମବାସୀ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଦାୟିତ୍ୱ ବଣ୍ଟନ ନେଇ ବିବାଦ ଉଗ୍ରରୂପ ନେଇଛି। ଏମିତି କି ବୁଧବାର ଶ୍ରୀରାମ ମନ୍ଦିର ପରିସରରେ ଉନ୍ନୟନ କମିଟି ସଭାପତି ଭଦ୍ରେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶାନ୍ତି କମିଟି ବୈଠକରେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇ ଗଣ୍ଡଗୋଳ ହୋଇଥିବାବେଳେ ଏବେ ମାମଲା ଆମପାଣି ଥାନାରେ ପହଞ୍ଚିଛି। ଏ ସମ୍ପର୍କରେ ଆମପାଣି ପୋଲିସ ପକ୍ଷରୁ ଜିଲା ପ୍ରଶାସନକୁ ଅବଗତ ପରେ ଗୁରୁବାର ଥାନାରେ ଧର୍ମଗଡ଼ ଉପ ଜିଲାପାଳ ଧୀମାନ ଚକମାଙ୍କ ଉପସ୍ଥିତିରେ ଏକ ଶାନ୍ତି କମିଟି ଗଠନ ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗ ଫରେଷ୍ଟ ରେଞ୍ଜ ପକ୍ଷରୁ ରେଞ୍ଜ ଅଧିକାରୀ ଭବାନୀ ଶଙ୍କର କାଉର୍, କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଏସ୍‌ଡିପିଓ ଧର୍ମଗଡ଼ ମନୋଜ କୁମାର ବେହେରା, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗ, ଆଇଆଇସି ଆମପାଣି ବିଜୟଲକ୍ଷ୍ମୀ ହିକ୍କା ଯୋଗଦେଇ ଉଭୟ ଗୋଷ୍ଠୀର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ତେବେ ଦୀର୍ଘ ସମୟ ଧରି ଉଭୟ ଗୋଷ୍ଠୀ ମଧ୍ୟରେ ଥାନା ପରିସରରେ କଥା କଟାକଟି, ଯୁକ୍ତିତର୍କ ହୋଇଥିବା ବେଳେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି ମହୋତ୍ସବକୁ ମିଳିତ ବୁଝାମଣାରେ ସମ୍ପାଦନ କରିବାକୁ ଅନୁରୋଧ କରିଥିଲେ। ତେବେ ରାତି ୮ଟା ସୁଦ୍ଧା ଖବର ଲେଖିବା ପର୍ଯ୍ୟନ୍ତ ଆଲୋଚନା ଜାରି ରହିଥିବା ବେଳେ କୌଣସି ନିଷ୍କର୍ଷ ବାହାରି ନଥିବା ସୂଚନା ମିଳିଛି।


ଅତିଥିଙ୍କ ଗହଣରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ।


ଜିଲାପାଳ ଏବଂ ଅନ୍ୟ ସରକାରୀ କର୍ମଚାରୀ ସମ୍ବଲପୁରୀ ପୋଷାକ ପରିଧାନ କରିଛନ୍ତି।

# ସଭିଏଁ ପିନ୍ଧିଲେ ସମ୍ବଲପୁରୀ ପୋଷାକ

**ପାରମ୍ପରିକ ପୋଷାକ ପରିଧାନ ଦିବସ**

ବରଗଡ଼,୩।୪(ପ୍ରେମାନନ୍ଦ ଖମାରୀ)

ହସ୍ତତନ୍ତ ପୋଷାକ ପରିଧାନକୁ ଅଧିକ ଆଦୃତ କରିବା ସହ ପ୍ରଚାର ପ୍ରସାର ପାଇଁ ଗୁରୁବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାରମ୍ପରିକ ପୋଷାକ ପରିଧାନ ପ୍ରତିଯୋଗିତା ହୋଇଥିଲା। ବରଗଡ଼ ବୟନ ଶିଳ୍ପ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହିତ ପାରମ୍ପରିକ ପୋଷାକ ପରିଧାନକୁ ପ୍ରୋତ୍ସାହିତ କରିଥିଲେ। ଏହାସହିତ ସେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ , ବୟନ ଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଗନ୍ତାୟତ, ଉପ ନିର୍ଦ୍ଦେଶକ ହୃଷୀକେଶ ମହାଲିଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନୃତ୍ୟ ନିର୍ଦ୍ଦେଶକ ଶଙ୍କର ପଟ୍ଟନାୟକ, ଗୋପାଳ ପ୍ରସାଦ ମିଶ୍ର ଓ ସୁରେନ୍ଦ୍ର ମେହେର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ପାରମ୍ପରିକ ପୋଷାକ ପରିଧାନ ସହିତ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥିଲେ। ସ୍କୁଲ ସ୍ତରରେ ରାଣା ପ୍ରତାପ ସ୍କୁଲ ଛାତ୍ରୀ ବୈଷ୍ଣବୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସାଇନା ମଲ୍ଲିକ ଦ୍ୱିତୀୟ ଓ ରାଣା ପ୍ରତାପ ସ୍କୁଲ ଛାତ୍ରୀ ପିଙ୍କି ବିଶି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହାବିଦ୍ୟାଳୟ ସ୍ତରରେ ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଛାତ୍ରୀ କୌଶଲ୍ୟା ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଛାତ୍ରୀ ଜିତେଶ୍ୱରୀ ନାଏକ ଦ୍ୱିତୀୟ ଓ ରାକ୍ଷୀ ସରାଫ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ପୋଷାକ ପରିଧାନ (ଫ୍ୟାନ୍ସି ଡ୍ରେସ୍) ପ୍ରତିଯୋଗିତା ଆୟୋଜିତ ହେବା ପରେ ଜିଲାର ସମସ୍ତ ବୁଣାକାରମାନଙ୍କୁ ନେଇ ଏକ ଆଲୋଚୋନଚକ୍ର ଆୟୋଜିତ ହୋଇଥିଲା। ଏହି ଅବସରରେ ୧୫ ଜଣ ସନ୍ଥକବି ପୁରସ୍କାରପ୍ରାପ୍ତ ବୁଣାକାରଙ୍କୁ ସମ୍ମାନିତ କରଯାଇଥିଲା। ସେମାନେ ହେଲେ ବରପାଲିର ଡଃ ସୁରେନ୍ଦ୍ର ମେହେର, କ୍ଷେତ୍ରମୋହନ ମେହେର, ଭିକାରି ମେହେର, ଦୟାଳୁ ମେହେର, କଳାବତୀ ମେହେର, ସ୍ୱରନାଲଟ ମେହେର, ମକରଧ୍ୱଜ ମେହେର, କାପବାଗିର ମୁରଲି ମେହେର, ଭକ୍ତରାଜ ମେହେର, ଦେବକୀ ମେହେର, ଋଷଭ ମେହେର, ହରେକୃଷ୍ଣ ମେହେର, ଈଶ୍ୱର ମେହେର, ରାମକୃଷ୍ଣ ମେହେର ଏବଂ ହାରିଲାଲ ମେହେର। ସେହିପରି ସମସ୍ତ ସରକାରୀ କର୍ମଚାରୀ ସମ୍ବଲପୁରୀ ପୋଷକ ପରିଧାନ କରିଥିଲେ।

## ଭାଜପାର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ

ବରଗଡ଼,୩।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଭାଜପା କାର୍ଯ୍ୟାଳୟରେ ବୁଧବାର ଦଳର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲାର ୩୮ମଣ୍ଡଳ ସଭାପତି, ଜିଲା ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବହୁ ଜିଲାସ୍ତରୀୟ ନେତୃବୃନ୍ଦ ଯୋଗ ଦେଇଥିଲେ। ଏଥିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବରଗଡ ଜିଲାରେ ତୃଣମୂଳସ୍ତରରେ ସଙ୍ଗଠନକୁ ଆହୁରି ଶକ୍ତିଶାଳୀ କରିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ସମାଜର ତଳସ୍ତରର ଲୋକମାନଙ୍କ ପାଖରେ କିଭଳି ପହଞ୍ଚିଯିବ ସେ ନେଇ କାର୍ଯ୍ୟକର୍ତ୍ତାମାନେ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ସଧାରଣ ସମ୍ପାଦକ ରବି ନାରାୟଣ ଦାଶ ବୈଠକ ପରିଚାଳନା କରିଥିଲେ। ବରିଷ୍ଠ ନେତା ସୁରେଶ୍ୱର ଶତପଥୀ, ମହମ୍ମଦ ରଫିକ, ସୌରି ଚରଣ ବାରିକ, ଗୋବର୍ଦ୍ଧନ ଭୁଏ, ମିଳନ ସେଠ, କୁଶ କୁମ୍ଭାର, ଗୁନାରୁ ପ୍ରଧାନ, ସରୋଜ ସାମଲ, ଲକ୍ଷ୍ମଣ ନନ୍ଦ, ପରେଶ ବିଶି, ଯଶୋବନ୍ତ ସେଠ୍, ଅକ୍ରୁର ମଲ୍ଲିକ, ସୁବ୍ରତ ହୋତା, ଈଶ୍ୱର ବାଗ, ଅକ୍ଷୟ ନାୟକ, ମିଳନ ସିଂ, ମଧୁ ଜୈନ, ପୂଜା ମହାପାତ୍ର, ଅର୍ଚ୍ଚନା ବାଗ, ମିନା ସରାଫ, ମମତା ଅଗ୍ରୱାଲ, ଚଞ୍ଚଳା ରାଉତ, ଈପ୍‌ସିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମଞ୍ଚାସୀନ ଭାଜପା କାର୍ଯ୍ୟକର୍ତ୍ତା।

## ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପାଇକମାଳ,୩।୪(ବଡ଼ ଶତପଥୀ)

ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜ ଇତିହାସ ବିଭାଗର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସୁମିତାଭ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇତିହାସ ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏଥିରେ ରୋହିତ ପ୍ରଧାନ, ଗୁରୁପ୍ରସାଦ ବଣ୍ଡା, ଲିଙ୍ଗରାଜ ଡନସନା, ଜଗଦୀଶ ରଣା, ବିରେନ୍ଦ୍ର ରଣା, ରମଣୀ ହଂସ, ଶିବ ପ୍ରସାଦ ସାହୁ, ଚନ୍ଦନ ବାରିକ, ଆରତି ସାହୁ, ଯଶୋମତୀ ମିର୍ଦ୍ଧା, ପଦ୍ମିନୀ ମାଝୀ, ସଂଯୁକ୍ତା ବରିହା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ବବିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଇଂରାଜୀ ବିଭାଗର ସମସ୍ତ ଛାତ୍ରୀଛାତ୍ରଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବିନୟ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥି, ଇଂରାଜୀ ଅଧ୍ୟାପକ ନିରାକାର ରାଉତ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଇଂରାଜୀ ବିଭାଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ସସ୍ମିତା ସରିଆ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ ଏବଂ ଅନ୍ୟମାନେ।

## ଲୋକଙ୍କ ସୁଖଦୁଃଖରେ ସାମିଲ ହୁଅ : ମନମୋହନ



ବୈଠକରେ ଭାଜପା ରାଜ୍ୟ ସଭାପତି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ସୁବର୍ଣ୍ଣପୁରରେ ଭାଜପାର ସାଙ୍ଗଠନିକ ବୈଠକ**

ସୋନପୁର,୩।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଉପକଣ୍ଠ ପାଣିସିଆଳିସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଭାଜପାର ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବେଣୁଧର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ମନମୋହନ କହିଥିଲେ କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଓ ନିଷ୍ଠା କାରଣରୁ ଓଡିଶାରେ ଦିନେ ୧ ପ୍ରତିଶତ ଭୋଟ ପାଇଁ ସଂଘର୍ଷ କରୁଥିବା ଭାଜପା ୨୦୨୪ ବିଧାନସଭାରେ ୪୦% ଓ ଲୋକସଭାରେ ୪୫% ଭୋଟ ପାଇଛି। ୨୦୧୯ରେ ଓଡ଼ିଶାବାସୀ ଭାଜପାକୁ ବିକଳ୍ପ ଭାବେ ବାଛିଥିଲେ। ଗତ ନିର୍ବାଚନରେ ଭାଜପାକୁ ଏକାକୀ ସରକାର ଗଠନ କରିବାକୁ ସମର୍ଥନ ଦେଇଛନ୍ତି। ଆମର ଦାୟିତ୍ୱ ବଢ଼ିଛି। ସଂକଳ୍ପପତ୍ରରେ ଯାହା ପ୍ରତିଶୃତି ଦିଆଯାଇଥିଲା ରାଜ୍ୟ ସରକାର ୧ ବର୍ଷ ମଧ୍ୟରେ ତାହା ପୂରଣ କରିବେ। କାର୍ଯ୍ୟକର୍ତ୍ତାମାନେ ବୁଥ୍‌ସ୍ତରକୁ ଯାଇ ସଙ୍ଗଠନକୁ ଆହୁରି ମଜଭୁତ୍ କରନ୍ତୁ। ଲୋକଙ୍କ ସୁଖଦୁଃଖରେ ନିଜକୁ ସାମିଲ କରନ୍ତୁ ବୋଲି ମନମୋହନ ପରାମର୍ଶ ଦେଇଥିଲେ। ଭାଜପାର ପ୍ରତିଷ୍ଠା ଦିବସ ଓ ଆମ୍ବେଡକରଙ୍କ ଜୟନ୍ତୀ ପଳନ ସମ୍ପର୍କରେ ମଧ୍ୟ ସେ ଆଲୋଚନା କରିଥିଲେ। ପ୍ରାକ୍ତନ ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ବିଜୟ ମହାକୁର, ବଲାଙ୍ଗୀର ଭାଜପା ଜିଲା ସଭାପତି ଶ୍ରୀବତ୍ସ ବେହେରା, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ଶତପଥୀ ଓ ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ପ୍ରମୁଖ ମଞ୍ଚାସିନ ଥିଲେ। ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସାଙ୍ଗଠନିକ ବୈଠକରେ ଭାଜପାର ସମସ୍ତ ମଣ୍ଡଳ ସଭାପତି, ଜିଲା ପଦାଧିକାରୀ, ପୂର୍ବତନ ଜିଲା ସଭାପତି ସୁରେଶ ମହଲା, ରାଜକିଶୋର ମେଣ୍ଡିଲି, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ୍, ଜିଲା କୃଷକ ମୋର୍ଚ୍ଚା ସଭାପତି ଶିବରାଜ ବେହେରା, ଅଶୋକ କୁମାର ପୃଷ୍ଟି, ରାଧାକାନ୍ତ ମହାକୁର, ଯୁବମୋର୍ଚ୍ଚା ଜିଲା ସଭାପତି ସ୍ୱରୂପ କୁମାର ପାତ୍ର, ଜିଲା ପ୍ରାଥମିକ ସଦସ୍ୟତା ଟୋଲି ଓ ଜିଲା ସକ୍ରିୟ ସଦସ୍ୟ ଟୋଲି ପ୍ରମୁଖ ଉପସ୍ଥିତ ଥିଲେ।

## ବୈଶାଖ ମେଳାକୁ କେନ୍ଦ୍ରୀୟ ଅନୁଦାନ ମିଳୁ: ପ୍ରଦୀପ ପୁରୋହିତ

ବରଗଡ଼,୩।୪(ପ୍ରେମାନନ୍ଦ ଖମାରୀ)



ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ମନ୍ଦିରରେ ହେଉଥିବା ବୈଶାଖ ମେଳା ପାଇଁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ କେନ୍ଦ୍ରୀୟ ଅନୁଦାନ ଦାବି କରିଛନ୍ତି। ସାମାଜିକ ଓ ପରମ୍ପରା ଦୃଷ୍ଟିରୁ ଏହି ବୈଶାଖ ମେଳା କେବଳ ଓଡ଼ିଶା ନୁହେଁ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ପାଇଁ ମଧ୍ୟ ବହୁ ଗୁରୁତ୍ୱ ବହନ କରିଥାଏ। ପ୍ରଭୁଙ୍କ ଜନ୍ମୋତ୍ସବ ଓ ବୈଶାଖ ମେଳାରେ ଉଭୟ ରାଜ୍ୟର ଲକ୍ଷାଧିକ ଶ୍ରଦ୍ଧାଳୁ ଏକାଠି ହୋଇଥାନ୍ତି। ଆୟୋଜନ କମିଟି ପକ୍ଷରୁ ପ୍ରତିବର୍ଷ ମେଳାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥାଏ। ତେଣୁ କେନ୍ଦ୍ର ସରକାର ଏହି ମେଳା ପାଇଁ ପ୍ରତିବର୍ଷ କିଛି ଆର୍ଥିକ ସହାୟତା ଯୋଗାଇଦେଲେ ମେଳା ଆହୁରି ସରସ ସୁନ୍ଦର ହୋଇପାରିବ ବୋଲି ଏମ୍‌ପି ପୁରୋହିତ କହିଛନ୍ତି। ଏହାସହିତ ମେଳା ଆୟୋଜନ କିଭଳି ଆହୁରି ସୁଚାରୁରୂପେ ହୋଇପାରିବ, ସେ ନେଇ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତହସ୍ତକ୍ଷେପ କରନ୍ତୁ ବୋଲି ପୁରୋହିତ ଦାବି କରିଛନ୍ତି।

## ଶିଶୁଙ୍କ ଖଡ଼ିଛୁଆଁ ଉତ୍ସବ


ଡୁମ୍ବେରବାହାଲ ସ୍କୁଲରେ ଖଡ଼ିଛୁଆଁ ଉତ୍ସବ ପାଳନ କରାଯାଉଛି।

ପାଇକମାଳ,୩।୪(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଡୁମ୍ବେରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପ୍ରଧାନ ଶିକ୍ଷକ ହୃଷୀକେଶ ବାଗଙ୍କ ସଭାପତିତ୍ୱରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିରାଧର ମେହେର ମୁଖ୍ୟ ଅତିଥି ଓ ସ୍କୁଲ ଚେୟାରମ୍ୟାନ ବନବାସ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନୂତନ ଶିଶୁମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ପରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି, ମାତାପିତା, ୱାର୍ଡ ମେମ୍ବର ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ଶିକ୍ଷକ ବାବୁଲାଲ ଧରୁଆ, ସୁଦାମ କନ୍ଧେର, ସୌତମ ଛତର, ଡେଜଲିଙ୍ଗ ଦନ୍ତା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟକ୍ଷ ଗଙ୍ଗାଧର ରଣାଙ୍କ ସଭାପତିତ୍ୱରେ ନୂତନ ଶିଶୁମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା।

## ପୋଖରୀ ଖନନରେ ଅନିୟମିତତା ଅଭିଯୋଗ

ବରଗଡ଼, ୩।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜଳ ବିଭାଜିକା ଅଧୀନରେ ଚାଲିଥିବା ପୋଖରୀ ଖନନରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜାମୁଟପାଲି ପଞ୍ଚାୟତର ବହୁ ଚାଷୀ ଜଳ ବିଭାଜିକା ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ପୋଖରୀ ଖନନ କରିଥିବାବେଳେ ସେମାନଙ୍କୁ ସମ୍ପୂର୍ଣ୍ଣ ପ୍ରାପ୍ୟ ରାଶି ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରିଥିଲେ। ଏପରିକି ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରି ବିଭାଗୀୟ ଅଧିକାରୀ ସମୟ ଗଡାଇ ଚାଲିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଜଳ ବିଭାଜିକା ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଧାଁଧପଡ ହୋଇ ସେମାନେ ହଇରାଣ ହେଉଥିବା ଚାଷୀମାନେ କହିଛନ୍ତି। ଏ ଦିଗରେ ବିହିତ ତଦନ୍ତ ସହିତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଗୌର ସାହୁଙ୍କ ନେତୃତ୍ୱରେ ଚାଷୀମାନେ ଜଳ ବିଭାଜିକା ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଆସିଥିଲେ।


ଜଳ ବିଭାଜିକା ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଆସିଥିବା ଚାଷୀମାନେ।

## ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପାଇକମାଳ,୩।୪(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଗୁରୁବାର ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଶିକ୍ଷା ବିଭାଗର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଅଧ୍ୟାପକ ଦେବକାନ୍ତ ନାୟକ ମୁଖ୍ୟ ଅତିଥି, ଶିକ୍ଷା ବିଭାଗର ମୁଖ୍ୟ ବିଜୟ କୁମାର ମେହେର ମୁଖ୍ୟ ବକ୍ତା ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ପୁଷ୍ପକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଯୁକ୍ତ ୩ ଶିକ୍ଷା ବିଭାଗର ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ହେମନ୍ତ ସୁନା ମଞ୍ଚ ପରିଚାଳନା କରିଥିଲେ। ରୋହିତ ପ୍ରଧାନ, ଗୁରୁ ପ୍ରସାଦ ବଣ୍ଡା, ସୁବଳ ଭୋଇ, ପ୍ରଦୀପ ପଟେଲ, ଧନଞ୍ଜୟ ସିଦାର, ପପୁ ହଂସ, କେଦାର ହଂସ, କ୍ରିଷ୍ଣା ବାଗ, ଚନ୍ଦ୍ର ଶେଖର ଭୋଇ, ମିକିତା ସାହୁ, ସୁରେଶ ସିଦାର ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ପୁଷ୍ପକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବରଗଡ଼ରେ ବିଶ୍ୱ ଶିଶୁ ପୁସ୍ତକ ଦିବସ

ବରଗଡ଼,୩।୪(ପ୍ରେମାନନ୍ଦ ଖମାରୀ)


ଛାତ୍ରୀଛାତ୍ରମାନେ ବିଶ୍ୱ ଶିଶୁ ପୁସ୍ତକ ଦିବସ ପାଳନ କରୁଛନ୍ତି।

ବରଗଡ଼ରେ ବୁଧବାର ବିଶ୍ୱ ଶିଶୁ ପୁସ୍ତକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ସ୍ଥାନୀୟ ସ୍ମୃତିନଗର ପରିସର ରାସ୍ତାକଡ଼ ପଡାର ଶିଶୁ ମାନଙ୍କୁ ନେଇ ଏକ 'ପଥପ୍ରାନ୍ତ ପାଠାଗାର' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରିଂଶୁ ସାହୁ, ଆର୍ଯ୍ୟନ ବରିହା, ଶ୍ରେୟଶ ଦାଶ, ମନୀଷ କୁମାର ଶିକ୍କା, ସୌମ୍ୟରଞ୍ଜନ ପୂଜାରୀ, ରୁଦ୍ରାଂଶ ମେହେର, ଯୁବରାଜ ଭୋଇ, ଓମ୍ ପ୍ରକାଶ ପ୍ରଧାନ, ସାଇ ସ୍ୱରୂପ ସାହୁ, ଓଲି ପାଣ୍ଡେ, ତନୁ ପାଣ୍ଡେ, ରୁଦ୍ର ସାହୁ, ରିୟା ଗୁପ୍ତା, ତୁଷାର ପଣ୍ଡା, ଶ୍ରୀୟାଂଶ ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପୁସ୍ତକ ପଠନ କରିଥିଲେ। ସେମାନଙ୍କ ମଧ୍ୟରୁ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆର୍ଯ୍ୟନ ବରିହା, ବିକାଶ ଫାଷ୍ଟଷ୍ଟେପ୍‌ର ମନୀଷ କୁମାର ଶିକ୍କା, ଫ୍ଲୋରା ଆଇସିଏସ୍‌ଇ ସ୍କୁଲର ତୁଷାର ପଣ୍ଡା ଓ ତନୁ ପାଣ୍ଡେଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁଶ୍ରୀ ଅନୁଷ୍ଠାନର ଆବାହକ ଡ. ରବିନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପଡ଼ାର ସମ୍ପଦ ସାହୁ, ବିନୋଦ ଶର୍ମା, ଅନୀଲ ଶର୍ମା, ଶଙ୍କର ଅଗ୍ରୱାଲ, ପ୍ରଦୀପ ମିଶ୍ର, ଲୁକୁ ଶିକା ପ୍ରମୁଖ ପରିଚାଳନା କରିଥିଲେ।

## ବାବେବିରା ହାଇସ୍କୁଲରେ ୩ ଜଣିଆ ତଦନ୍ତକାରୀ ଟିମ୍

**ସ୍କୁଲ ଖୋଲିବା ନେଇ ଚର୍ଚ୍ଚା**

ଅତାବିରା, ୩।୪(ଯୁଧିଷ୍ଠିର ମହାପାତ୍ର)


ବାବେବିରା ହାଇସ୍କୁଲରେ ତଦନ୍ତକାରୀ ଟିମ୍ ତଦନ୍ତ କରୁଛନ୍ତି।

ବରଗଡ଼ ଜିଲା ଅତାବିରା ବ୍ଲକ ବାବେବିରା ହାଇସ୍କୁଲ ଗତ ୨ ବର୍ଷ ହେଲା ବନ୍ଦ ରହିଛି। ଏଠାକାର ୪ ଜଣ ଶିକ୍ଷକ ଓ ଜଣେ ପିଅନ ଅନ୍ୟତ୍ର ଡେପୁଟେଶନରେ କାମ କରୁଛନ୍ତି। ତେବେ ଉକ୍ତ ହାଇସ୍କୁଲରେ ପୁନଃ ନାମ ଲେଖାଇବା ଅନୁମତି ଦେବାକୁ ଗ୍ରାମବାସୀ ଗତ ମାର୍ଚ୍ଚ ୧୭ ତାରିଖରେ ଡିଇଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବରଗଡ଼ ବିଇଓ ସୁରେନ୍ଦ୍ର ସାହୁ ଏବଂ ଡିଇଓ ଅଫିସର କିରାଣୀ ସୁଜିତ ଦାଶ ପ୍ରମୁଖ ଗୁରୁବାର ଅପରାହ୍ନ ୫ଟାରେ ଉକ୍ତ ହାଇସ୍କୁଲରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତକାରୀ ଟିମ୍ ହାଇସ୍କୁଲର ବିଭିନ୍ନ ଦିଗ ପ୍ରତି ଅନୁଧ୍ୟାନ କରିଥିଲେ। ହାଇସ୍କୁଲର ଭିତ୍ତିଭୂମି ଭୁଶୁଡି ପଡିଥିବା ବେଳେ ସ୍କୁଲ ବିଲ୍ଡିଂକୁ ପ୍ରଥମେ ମରାମତି କରିବାକୁ କହିଥିଲେ। ସମସ୍ତ ଦିଗକୁ ତର୍ଜମା କରି ତଦନ୍ତକାରୀ ଦଳ ହାଇସ୍କୁଲରେ କେତେଜଣ ବିଦ୍ୟାର୍ଥୀ ନାମ ଲେଖାଇବାକୁ ଚାହୁଁଛନ୍ତି ସେ ନେଇ ଏକ ସ୍ୱୀକୃତିପତ୍ର ଦେବାକୁ ଗ୍ରାମବାସୀଙ୍କୁ କହିଥିଲେ। ଏହି ସମୟରେ ଚାଷୀ ନେତା ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଦିବାକର ବାରିକ, ହୃଷୀକେଶ ବେରହେରା, ବିଭୂତି ଭୂଷଣ ବାରିକ, ଶୁଭଜିତ ବାରିକ, ଅକ୍ଷୟ ବାରିକ, ଯଦୁ ନାୟକ, ଛାୟାକାନ୍ତ ପ୍ରଧାନ, ଅଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ବରଗଡ଼ ଜିଲା ଶିକ୍ଷାଧିକାରୀ ସାହୁଙ୍କୁ ପଚାରିବାରୁ ବରଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ବାବେବିରା ହାଇସ୍କୁଲକୁ ୩ ଜଣିଆ ଟିମ୍ ପଠାଯାଇଥିଲା। ଟିମ୍‌ର ତଦନ୍ତ ରିପୋର୍ଟ ଆସିଲା ପରେ ତାହା ଜିଲାପାଳଙ୍କ ପାଖରେ ଦାଖଲ କରାଯିବ। ସେ ଯାହା ନିଷ୍ପତ୍ତି ନେବେ ବୋଲି ଡିଇଓ ସାହୁ କହିଥିଲେ ।

## ସଂକ୍ଷେପରେ

### ପିସ୍ତଲ ମୁନରେ ଧମକ, ଯୁବକ ଗିରଫ

**ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଡୁଲି) :** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପିସ୍ତଲ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ଗୁରୁବାର ସନ୍ଧ୍ୟାରେ ସୁନ୍ଦରଗଡ଼ ଜିଲା ହାତୀବାରୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେହେଲେ ଲୁକୁମବେଡା ଗ୍ରାମର ବଡାଇକ(୩୪)। ପୋଲିସ ତାଙ୍କ ନିକଟରୁ ଏକ ପିସ୍ତଲ ଜବତ କରିଛି। ହାତୀବାରୀ ଥାନାରେ କେଶ ନଂ. ୫୬/୨୦୨୫ରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଆନୁଯାୟୀ, ଝାରବେଡା ଗ୍ରାମର କାର୍ତ୍ତିକ ସିଂ (୩୩)ତାଙ୍କ ୩ଜଣ ସାଙ୍ଗଙ୍କ ସହିତ ପୁରୁଣା ପାଣି ଟାଉନସିପରେ ଏକ ଜଳଖିଆ ଦୋକାନରେ ବସି କଥା ହେଉଥିଲେ। ସେହି ସମୟରେ ଅଭିଯୁକ୍ତ ଯୁବକ ସୁଧାର ପହଞ୍ଚି ପିସ୍ତଲ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। କୌଶଳକ୍ରମେ ସେମାନେ ସେଠାରୁ ଖସି ପଳାଇ ଯାଇଥିଲେ। ଏନେଇ ଗୁରୁବାର ସକାଳେ କାର୍ତ୍ତିକ ହାତୀବାରୀ ଥାନାରେ ରିପୋର୍ଟ କରିଥିଲେ।

### ପ୍ରଗତି ବିଦ୍ୟାମନ୍ଦିରରେ ପ୍ରବେଶ ଉତ୍ସବ

**ରାଉରକେଲା,୩।୪(ସଙ୍ଗୀତା ଜେନା):** ଜଗଦା ସ୍ଥିତ ପ୍ରଗତି ବିଦ୍ୟାମନ୍ଦିରରେ ବୁଧବାର ସକାଳେ ବାଟିକାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟର ପରିଚାଳନା ସମିତି ସମ୍ପାଦକ କାହ୍ନା ଖାଲଖୋ, ଲକ୍ଷ୍ମୀଧର ନାୟକ, ସଭାପତି ତ୍ରିଲୋଚନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ ତଥା କର୍ମଚାରୀ ବିଦ୍ୟାର୍ଥୀମାନଙ୍କୁ ସ୍ୱାଗତ କରିବା ସହ ଶୁଭ ମନାସିଥିଲେ।

### ଜିଲାସ୍ତରୀୟ ନିପୁଣ ମେଳା କାର୍ଯ୍ୟକ୍ରମ

**ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଜିଲା ସ୍ତରୀୟ ନିପୁଣ ମେଳା କାର୍ଯ୍ୟକ୍ରମ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଶୈକ୍ଷିକ ଉନ୍ନୟନ ସଂଯୋଜିକା ସୁଜାତା ସାହୁଙ୍କ ସଂଯୋଜନାରେ ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଜିଲା ପରିଷଦର ଅଧକ୍ଷା କୁନ୍ତୀ ପ୍ରଧାନ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷଣ ସାମଗ୍ରୀ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିପାରିବେ ଓ ଉତ୍ତମ ଶିକ୍ଷା ପ୍ରଦାନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ଲିପିକା ବେହେରାଙ୍କ ତତ୍ତ୍ୱାବଧାନରେ ୫ଟି ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ।

### ଖଡ଼ିଛୁଆଁ,ପ୍ରବେଶ ଉତ୍ସବ

**ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଡୁଲି):** ଲେଫ୍ରିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଖଡି ଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ ଲାକଡ଼ା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ସିଆରସିସି ହରିହର ଦାସ, ରମାକାନ୍ତ ପଟେଲ, ନଳିନୀ ଦଣ୍ଡସେନା ପ୍ରମୁଖ ଯୋଗଦେଇ ପିଲାଙ୍କୁ ବିଦ୍ୟାଳୟ ପ୍ରତିଆକୃଷ୍ଟ କରିବା, ବିଦ୍ୟାଳୟ ପରିଚାଳନା କମିଟି, ପିତାମାତା, ଅଭିଭାବକ ଏବଂ ଗୋଷ୍ଠୀ ମଧ୍ୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାର ବୟସ ଓ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସମ୍ବନ୍ଧରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଏହି ଖଡ଼ି ଛୁଆଁ ଏବଂ ପ୍ରବେଶ ଉତ୍ସବ ଅନୁଷ୍ଠିତ କରାଯିବାର ଲକ୍ଷ ଉପରେ ଆଲୋକପାତ କରିଥିଲେ। ଏହି ସଚେତନ ରଥ ବ୍ଲକର ବିଭିନ୍ନ ଗାଁ ପରିଭ୍ରମଣ କରି ସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ୟାମାରାଣୀ ଦଣ୍ଡସେନା, ଶିକ୍ଷୟିତ୍ରୀ ତପସ୍ୱିନୀ ପଟେଲ,କନକ ନାଏକ,ନୃପରାଜ ନାଏକ, ଯୋଗେଶ ଆଗୁଆନ, ପ୍ରଜ୍ଞା ପ୍ରିୟଦର୍ଶିନୀ ପ୍ରଧାନ, ରୁବୀ ପ୍ରଧାନ, ସୁଶ୍ରୀ ପଟେଲ, ଆଲୋକ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

# ଅସୁସ୍ଥ ହିତାଧିକାରୀ ଭତ୍ତା ଉଠାଇବାରେ ହଇରାଣ

**ବଡ଼ଗାଁ, ୩।୪(ଅଶୋକ ଷଡ଼ଙ୍ଗୀ)**







ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶାରୀରିକ ଅସୁସ୍ଥତା ଭୋଗୁଥିବା ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ପାଇବାରେ ହଇରାଣ ହେଉଛନ୍ତି। ବଡ଼ଗାଁ ଲଟାପଡ଼ାର ଗୋବର୍ଦ୍ଧନ ରାଉତ(୭୦) ୨୦୧୧ରେ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ। ସେ ଚାଲିବୁଲି ପାରୁନାହାନ୍ତି। ମଧୁବାବୁ ଭତ୍ତା ଯୋଜନାରେ ୧ ହଜାର ଟଙ୍କା ୩ ମାସ ହେଲା ପାଇନାହାନ୍ତି। ପୁଅ ବିବାହ କଲାପରେ ଜମିହୀନ ଗୋବର୍ଦ୍ଧନ ଓ ତାଙ୍କ ସ୍ତ୍ରୀ କମଳା ରାଉତ ସରକାରଙ୍କ ପକ୍ଷରୁ ମିଳୁଥିବା ଅନ୍ତ୍ୟୋଦୟ ଯୋଜନାରେ ୩୫ କିଲୋଗ୍ରାମ ଚାଉଳ ଏବଂ ଏକ ହଜାର ଟଙ୍କା ଭତ୍ତା ଉପରେ ନିର୍ଭର କରି ଚଳୁଛନ୍ତି। ସେ କହିଛନ୍ତି, ବ୍ୟାଙ୍କରୁ ଭତ୍ତା ଟଙ୍କା ମିଳୁଛି। ହେଲେ ବାୟୋମେଟ୍ରିକରେ ଟିପ ଚିହ୍ନ ନେଇ ପାରୁ ନ ଥିବା କିମ୍ବା ବ୍ୟାଙ୍କରେ ସରଭର୍ ଡାଉନ ରହିଲେ ନିରାଶ ହୋଇ ଫେରିବାକୁ ପଡୁଛି। ଟେମ୍ପୋ ଭଡ଼ା କରି ବ୍ୟାଙ୍କ ଯାଉଥିବାରୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥିବା ସେ କହିଛନ୍ତି। ସେହିପରି କିଞ୍ଚିରକେଲା ନିକଟ ମୁଣ୍ଡାପଡାର ଗୌରୀ ମୁଣ୍ଡା(୭୦)୨୦୧୯ରେ ପକ୍ଷାଘାତରେ ଆକ୍ରାନ୍ତ ହେବାପରେ ବ୍ୟାଙ୍କକୁ ଯାଇ ଭତ୍ତା ଟଙ୍କା ଆଣିବା ଅତି କଷ୍ଟକର ହେଉଥିବା କହିଛନ୍ତି। ସ୍ୱାମୀ ଯୁନାସ ମୁଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଠିକ୍ ରହୁନାହିଁ। ବ୍ୟାଙ୍କରେ ବେଳେବେଳେ ବାୟୋମେଟ୍ରିକ ଟିପ ଚିହ୍ନ ନେଇ ନ ପାରିଲେ ବାରମ୍ବାର ବହୁ କଷ୍ଟରେ ଯିବାକୁ ପଡୁଛି। ଏହି ଗାଁର ବିରଜିନା ମୁଣ୍ଡା(୬୯)ଙ୍କ ଅଣ୍ଟା ନଇଁ ଯାଇଛି। ଭଲଭାବେ ଚଲାବୁଲା କରି ପାରୁ ନ ଥିବା ବିରଜିନା ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ପାଉଥିବା ଏକ ହଜାର ଟଙ୍କା ବ୍ୟାଙ୍କକୁ ଯାଇ ଆଣିବାରେ ହଇରାଣ ହେଉଥିବା ଓ ଖର୍ଚ୍ଚାନ୍ତରେ ପଡୁଥିବା କହିଛନ୍ତି। ତେବେ ବଡ଼ଗାଁ ପଞ୍ଚାୟତରେ ୨୦ରୁ ଅଧିକ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସେମାନେ ବହୁ କଷ୍ଟରେ ଖର୍ଚ୍ଚ କରି ବ୍ୟାଙ୍କ ଯାଉଥିବା ଓ ବାୟୋମେଟ୍ରିକରେ ଟିପ ଚିହ୍ନ ନ ନେଲେ ନିରାଶ ହୋଇ ଫେରୁଥିବା କହିଛନ୍ତି। ଏଭଳି ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଚାଲିବୁଲି ପାରୁ ନ ଥିବା କିମ୍ବା ଶଯ୍ୟାଶାୟୀ ଥିବା ହିତାଧିକାରୀଙ୍କୁ ପ୍ରଶାସନ ତାଙ୍କ ହାତରେ ନଗଦ ଅର୍ଥ ଦେବା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ୨ଦିନ ମଧ୍ୟରେ ପ୍ରମାଣ ନ ଦେଲେ ୭ରେ ବିକ୍ଷୋଭ

**ବଡ଼ଗାଁ,୩।୪(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ମନମୁଖି କାର୍ଯ୍ୟ କରିଥିବା ଅଭିଯୋଗ କରି ବରଙ୍ଗାକଛାର ସମିତି ସଭ୍ୟା ସଂଯୁକ୍ତା ସୋରେଙ୍ଗ ଗତମାସ ୬ ତାରିଖରେ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ ଜଣାଇ ସମାଧାନ ଦାବି କରିଥିଲେ। ଏହା ଉପରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗତମାସ ୧୯ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ବରଙ୍ଗାକଛାର ପଞ୍ଚାୟତକୁ ପଞ୍ଚମ ଏସ୍‌ଏଫ୍‌ସିର ଅଧିକ ଗୋଟିଏ କାମ ଭୁଲ୍‌କ୍ରମେ ଚାଲି ଯାଇଥିଲା। ସେହିକାମକୁ ତୁଡାଲଗା ପଞ୍ଚାୟତକୁ ଦିଆଯାଇଥିବା ଓ ନିୟମ ଅନୁଯାୟୀ କରାଯାଇଥିବା ବ୍ଲକ ଅଧକ୍ଷା କହିଥିଲେ ମଧ୍ୟ ଆବଶ୍ୟକ କାଗଜପତ୍ର ଦେଖାଇ ନ ଥିଲେ। ବୁଧବାର ମଧ୍ୟାହ୍ନରେ ସମିତି ସଭ୍ୟା ସଂଯୁକ୍ତା ବିଡିଓ

**ଅଧକ୍ଷାଙ୍କ ମନମୁଖି ଅଭିଯୋଗ**

ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ସାକ୍ଷାତ କରି ଆସନ୍ତା ୭ ତାରିଖ ପୁନର୍ବାର ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଲିଖିତ ଜଣାଇଛନ୍ତି। ବିଡିଓ ୨ ଦିନ ମଧ୍ୟରେ ଜଣାଇବେ ବୋଲି ସମିତି ସଭ୍ୟାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ଘଟଣାରେ ସମିତି ସଭ୍ୟା, ଅଧକ୍ଷାଙ୍କ ମନମୁଖି ଅଭିଯୋଗ ଉଠାଇ ତାଙ୍କ ଅଜାଣତରେ କାର୍ଯ୍ୟ କିପରି ଅନ୍ୟ ପଞ୍ଚାୟତକୁ ଗଲା ପ୍ରଶ୍ନ କରିଛନ୍ତି। ଅଧକ୍ଷା ନିୟମ ଅନୁଯାୟୀ ହୋଇଥିବା କହୁଥିଲେ ମଧ୍ୟ ସମିତି ମେମ୍ବରଙ୍କୁ ପ୍ରମାଣ ଦେଇ ନ ଥିବାରୁ ସେ ବିକ୍ଷୋଭ କରିବେ ଓ ସେଠାରେ ବ୍ଲକ ଅଧକ୍ଷା ପ୍ରମାଣ ଦେବେ ବୋଲି କହିଛନ୍ତି। ଏନେଇ ଅଧକ୍ଷା ଦୁଲାରୀ ସୋରେଙ୍ଗଙ୍କୁ ପଚାରିବାରୁ, ଯାହା ହୋଇଛି ନିୟମ ଅନୁଯାୟୀ ହୋଇଛି। ତାଙ୍କ ନାଁରେ ଯେଉଁ ଅଭିଯୋଗ ଆସିଛି ସେ ତାହାକୁ ଖଣ୍ଡନ କରିଛନ୍ତି।

# ଜିଲାରେ ପାରମ୍ପରିକ ପୋଷାକ ପରିଧାନ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାପାଳଙ୍କ ସହିତ ଅନ୍ୟ ଅଧିକାରୀ।

**ସୁନ୍ଦରଗଡ଼,୩।୪(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଆ ପକ୍ଷ ପାଳନର ତୃତୀୟ ଦିବସରେ ଗୁରୁବାର ଜିଲାର ବିଭିନ୍ନ ସ୍ଥାନରେ ପାରମ୍ପରିକ ପୋଷାକ ପରିଧାନ କରାଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ସମସ୍ତ ଜିଲା ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ। ସେହିଭଳି ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ, ସଦର, ପାନପୋଷ, ବଣାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ତହସିଲ, ସମସ୍ତ ପୌର ପରିଷଦ ଅଞ୍ଚଳ ସହିତ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ପାରମ୍ପରିକ ପୋଷାକ ପରିଧାନ କରାଯିବା ସହିତ "ଆମ ପୋଷାକ ଆମ ପରିଚୟ " ସ୍ଲୋଗାନ ଦିଆଯାଇଥିଲା।

### ପୋଷାକ, ଭାଷାରୁ ଜଣାପଡେ ଏକ ଜାତିର ପରିଚୟ

**ରାଉରକେଲା,୩।୪(ଦିନେଶ ମିଶ୍ର)**

ରାଉରକେଲା ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆମ ପୋଷାକ ଓ ଆମ ପରିଚୟ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ଶିକ୍ଷାର୍ଥୀ-ଶିକ୍ଷକ କଲ୍ୟାଣ ସଙ୍ଗଠନ ପକ୍ଷରୁ ଡେଲିମାର୍କେଟସ୍ଥିତ ଟାଉନ ହାଇସ୍କୁଲ ପରିସରରେ ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ଆମ ପୋଷାକ ଓ ଆମ ପରିଚୟ ଦିବସ ପାଳିତ ହୋଇଥିଲା। ବିଦ୍ୟାଳୟର ବହୁ ଶିକ୍ଷୟିତ୍ରୀ ଏହି ଦିବସ ପାଳନ କରିଥିଲେ। ସେହିଭଳି ଆର୍‌ଡିଏ ପକ୍ଷରୁ ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳିତ ହୋଇଛି। ଏହି ଦିବସରେ ଆର୍‌ଡିଏର ସମସ୍ତ କର୍ମଚାରୀ ସମ୍ବଲପୁରୀ ବସ୍ତ୍ର ପିନ୍ଧି ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ପରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆମ ପୋଷାକ ଓ ଆମ ପରିଚୟ ଦିବସ ପାଳିତ ହୋଇଥିଲା।

# ଜିଲା ସମବାୟ ଉନ୍ନୟନ ପରିଷଦର ବୈଠକ




**ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସ୍ଥିତ ସଦ୍‌ଭାବନା ଗୃହରେ ୪ର୍ଥ ଜିଲ୍ଲା ସମବାୟ ଉନ୍ନୟନ ପରିଷଦର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସମବାୟ ଅଧିକାରୀ ଉମାଶଙ୍କର ଦାସ ଏହାକୁ ପରିଚାଳନା କରିଥିଲେ। ଏହି ବୈଠକରେ ଅନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ତଥା ସମବାୟକୁ ସୁଦୂର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ଯୋଜନାମାନ ଆଲୋଚନା ହୋଇଥିଲା। ସମବାୟ ଆନ୍ଦୋଳନକୁ ମଜବୁତ କରିବାରେ ତାର ସଦସ୍ୟମାନଙ୍କ ଅବଦାନ ଉଲ୍ଲେଖନୀୟ। ତେଣୁ ନୂତନ ସଦସ୍ୟତା ଅଭିଯାନ ଉପରେ ବିଶେଷ ଆଲୋଚନା ହୋଇଥିଲା। ଜିଲ୍ଲାରେ ସମବାୟ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବିଭିନ୍ନ ସମବାୟ ସମିତି ଗୁଡିକର ଭିତ୍ତିଭୂମି ବିକାଶ ଏବଂ ନୂତନ ପରିବେଶ ଅନୁକୂଳ ବ୍ୟବସାୟ ହାତକୁ ନେଇ ସେଠାରେ ସଦସ୍ୟମାନଙ୍କୁ ସୁଲଭ ସୁବିଧା ଯୋଗାଇଦେବା, ନୂତନ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିବା, ସଦସ୍ୟମାନଙ୍କୁ ସ୍ୱାବଲମ୍ବୀ କରେଇବା, କୃଷି, ପଶୁପାଳନ, ମତ୍ସ୍ୟ କ୍ଷେତ୍ରରେ ସମବାୟ ମାଧ୍ୟମରେ ସମୃଦ୍ଧି କରିବା ଓ ଚାଷୀଙ୍କୁ ଲାଭନ୍ୱିତ କରାଇବା ନିମନ୍ତେ ବିଶେଷ ଆଲୋଚନା ହୋଇଥିଲା। ଶେଷରେ ୨୦୨୫କୁ ସମବାୟ ବର୍ଷ ପାଳନ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା।

# ସର୍ଗିପାଲିରେ ପ୍ରବେଶ ଉତ୍ସବ,ଖଡ଼ିଛୁଆଁ

**ସୁନ୍ଦରଗଡ଼,୩।୪(ଜୟ ନାରାୟଣ ମେଣ୍ଡୁଲି)**




କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

ଲେଫ୍ରିପଡ଼ା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ସର୍ଗିପାଲିରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂହ, ସମ୍ମାନିତ ଅତିଥି ଲେଫ୍ରିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆତଶି ପରିଡ଼ା, ବ୍ଲକ ଶିକ୍ଷା ଅଧିକାରୀ ଅଶୋକ ଲାକ୍ରା, ଜିଲା ପରିଷଦ ସଭ୍ୟା ଅଞ୍ଜଳି ଘୋଷ, ସର୍ଗିପାଲି ଜମିଦାର ପ୍ରତାପ ନାରାୟଣ ସିଂ ଯୋଗଦେଇଥିଲେ। ପୁରୋହିତ ଗତିକୃଷ୍ଣ କର ୬ ଜଣ ଶିଶୁଙ୍କୁ ଖଡ଼ିଛୁଆଁ କରି ପୂଜାର୍ଚ୍ଚନା କରିଥିଲେ। ପରେ ଅତିଥିଙ୍କ ଦ୍ୱାରା ସମସ୍ତ ଶିଶୁଙ୍କୁ ଗୋଟିଏ ଲେଖାଏଁ ସ୍କୁଲ ବ୍ୟାଗ, ପାଠ୍ୟ ଉପକରଣ କିଟ୍ ପ୍ରଦାନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନମିତା ପଟେଲ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ବଲ୍ଲଭ କୁସୁମ ମଞ୍ଚ ପରିଚାଳନା କରିଥିଲେ। ବିଧାୟକ ସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ, ସରକାରଙ୍କ ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରତି ଏକ ଭଲ ପଦକ୍ଷେପ, ଯଦ୍ଦ୍ୱାରା ଛାତ୍ରୀଛାତ୍ର ଉତ୍ସାହିତ ହୋଇ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହୋଇ ଅଧ୍ୟୟନ କରିବେ। ଦିଆମୁଣ୍ଡା କ୍ଲଷ୍ଟରର ଆଞ୍ଚଳିକ ସଂଯୋଜକ ବୀର କିଶୋର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଧାୟକ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ରଥକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଲେଫ୍ରିପଡ଼ା ବ୍ଲକର ଅନ୍ୟାନ୍ୟ ବିଦ୍ୟାଳୟକୁ ରଥଟି ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ମମତା ପଟେଲ, ଦୀପିକା ପଟେଲ, ମଞ୍ଜୁଲତା ପଟେଲ, ସରିତା ପଟେଲ, ନିନା ନାଏକ, ଉଦିତ ମାଝୀ, ବ୍ରିଜେଶ ପୃଷେଟ, ବିଜୟ ଶଙ୍କର ସାହୁ, ମାନଭଞ୍ଜନ ରଣା, ଶୋଭମ ମାଝୀ, ସଚିନ୍ଦ୍ର କୁଜୁର, ରୋଜି ପ୍ରଧାନ, ସୋନାଲି ମାଝୀ, କିଶୋରୀ ଲାକ୍ରା, ଅରୁଣା ଆଚାର୍ଯ୍ୟ, ସୁବର୍ଣ୍ଣ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

### ପୋଖରୀ ଖନନରେ ଅନିୟମିତତା ଅଭିଯୋଗ

**ବରଗଡ଼, ୩।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜଳ ବିଭାଜିକା ଅଧୀନରେ ଚାଲିଥିବା ପୋଖରୀ ଖନନରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜାମୁଟପାଲି ପଞ୍ଚାୟତର ବହୁ ଚାଷୀ ଜଳ ବିଭାଜିକା ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ପୋଖରୀ ଖନନ କରିଥିବାବେଳେ ସେମାନଙ୍କୁ ସମ୍ପୂର୍ଣ୍ଣ ପ୍ରାପ୍ୟ ରାଶି ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରିଥିଲେ। ଏପରିକି ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରି ବିଭାଗୀୟ ଅଧିକାରୀ ସମୟ ଗଡାଇ ଚାଲିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଜଳ ବିଭାଜିକା ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଧାଁଧପଡ ହୋଇ ସେମାନେ ହଇରାଣ ହେଉଥିବା ଚାଷୀମାନେ କହିଛନ୍ତି। ଏ ଦିଗରେ ବିହିତ ତଦନ୍ତ ସହିତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଗୌର ସାହୁଙ୍କ ନେତୃତ୍ୱରେ ଚାଷୀମାନେ ଜଳ ବିଭାଜିକା ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ବ୍ଲକ କର୍ମଚାରୀ ପିନ୍ଧିଲେ ସମ୍ବଲପୁରୀ ବସ୍ତ୍ର



ସମ୍ବଲପୁରୀ ପୋଷାକ ପିନ୍ଧିଛନ୍ତି କୁଆଁରମୁଣ୍ଡା ବ୍ଲକ କର୍ମଚାରୀମାନେ।

**କୁଆଁରମୁଣ୍ଡା,୩।୪(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶରେ ଗୁରୁବାର ମୋ ପୋଷାକ ମୋ ପରିଚୟ ପାଳନ କରାଯାଇଛି। ଏହି ନିର୍ଦ୍ଦେଶ ଅନୁଯାୟୀ, କୁଆଁରମୁଣ୍ଡା ବ୍ଲକର ସମସ୍ତ କର୍ମଚାରୀ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ। ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ଏବିଡିଓ ପ୍ରଶାନ୍ତ କୁମାର ଜେନା ଓ ଅନ୍ୟାନ୍ୟ କର୍ମଚାରୀ ସମ୍ବଲପୁରୀ ପୋଷାକ ପିନ୍ଧି କାର୍ଯ୍ୟ କରିଛନ୍ତି।

### ସୁନ୍ଦରଗଡ଼ରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା

**ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡରେ ଗୁରୁବାର ସନ୍ଧ୍ୟାରେ ଘଡଘଡି, ବିଜୁଳି ସହିତ ବର୍ଷା ହୋଇଛି। ବର୍ଷା ଘଡଘଡି ଯୋଗୁ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। କିଛିଦିନର ଟାଣ ଖରା ଓ ଗରମ ପରେ ଏହି ବର୍ଷା ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଛି।

# ଇସି ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଲହୁଣୀପଡ଼ା,୩।୪(ଦାଶରଥି ପଣ୍ଡା)**

ଲହୁଣୀପଡ଼ା ବ୍ଲକ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ଜୀବିକା ମିଶନ ଇସି ସଂଘ ଲହୁଣୀପଡ଼ା ଶାଖା ତରଫରୁ ଏହି ଦାବିପତ୍ର ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶନାମା ଆସିବା ପର୍ଯ୍ୟନ୍ତ ଇସି ସଂଘର ପୁନର୍ଗଠନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଏହା ମିଶନ ଶକ୍ତି ସଭାପତି ସନ୍ଧ୍ୟାରାଣୀ ରାଜପୁତ, ଇସି ସଂଘ ସଭାପତି ଚମ୍ପାବତୀ ମାହାନ୍ତ, ସମ୍ପାଦକ ଦମୟନ୍ତି ଓରାମ, ଅରୁଣା ସାହୁ, କୁନି ମୁଣ୍ଡା, ଜୟନ୍ତୀ ମାହାନ୍ତ, ମଧୁସ୍ମିତା ମାହାନ୍ତ, ସରସ୍ୱତୀ ନାୟକ, ଇନ୍ଦିରା ବୋଡା ପ୍ରମୁଖଙ୍କ ନେତୃତ୍ୱରେ ବିଡିଓଙ୍କୁ ପ୍ରଦାନ କରାଯାଇଥିବା ବେଳେ ଇସି ସଂଘ ଓ ମିଶନ ଶକ୍ତିର ବହୁ ସଂଖ୍ୟକ ସଭ୍ୟା ଉପସ୍ଥିତ ଥିଲେ।

# ମାନବ ସମ୍ବଳ ବିଭାଗ ମୁଖ୍ୟଙ୍କୁ ଦାବିପତ୍ର

**ସୁନ୍ଦରଗଡ,୩।୪(ଜୟ ନାରାୟଣ ମେଣ୍ଡୁଲି)**



ଦାବିପତ୍ର ପ୍ରଦାନ କରାଯାଉଛି।

ଜିଲାପାଳ ଏବଂ ଏନ୍‌ଟିପିସି ମୁଖ୍ୟଙ୍କ ନିକଟରେ ଏନଟିପିସି ତାପଜ ବିଦ୍ୟୁତ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ସପକ୍ଷରେ ବିଧାୟକ ଯୋଗେଶ କୁମାର ସିଂହ ଦାବି ଜଣାଇଛନ୍ତି। ବିଧାୟକଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଓ ପୂର୍ବତନ ନଗରପାଳ ବେଣୁଧର ତ୍ରିପାଠୀଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପତ୍ରରେ ଉଲ୍ଲେଖ ରହିଛି, ଦର୍ଲିପାଲି ଏନଟିପିସି ତାପଜ ବିଦ୍ୟୁତ ପ୍ରକଳ୍ପ ପ୍ରଭାବିତ ବରୋବଗା ଓ ଆଲୁପଡ଼ା ଗ୍ରାମବାସୀଙ୍କ ପ୍ରାୟ ୮୦ ଭାଗ ଚାଷ ଜମି ଅଧିଗ୍ରହଣ କରିଛି। କିଛି ଘରବାରି କିମ୍ବା ଉକ୍ତ ୨ ଗ୍ରାମବାସୀଙ୍କୁ ସମ୍ପୂର୍ଣ୍ଣ ବିସ୍ଥାପିତ ନ କରି ଗାଁ ନିକଟରେ ଏନଟିପିସି ପ୍ରକଳ୍ପରୁ ବାହାରୁଥିବା ପାଉଁଶ ପୋଖରୀ ନିର୍ମାଣ କରୁଛି। ପାଉଁଶ ବିକିରଣ ଓ ପାଉଁଶ ପୋଖରୀ ପ୍ରଦୂଷଣ ଯୋଗୁ ଜମିରେ ଚାଷ ହେଉନାହିଁ। ଗ୍ରାମବାସୀ ଶ୍ୱାସ, ହୃତପିଣ୍ଡ, ବୃକକ ଜନିତ ରୋଗରେ ପୀଡ଼ିତ ହେବା ସହିତ ପାଉଁଶ ପରିବହନ କରୁଥିବା ଭାରୀଯାନ ଗୁଡ଼ିକ ବେପରୁଆ ଚାଳନା ଯୋଗୁ ନିରୀହ ଜୀବନ ଅକାଳରେ ଚାଲିଯାଉଛି। ୨ ଗ୍ରାମବାସୀ ବାରମ୍ବାର ଏନଟିପିସି କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନକୁ ତାଙ୍କ ସମସ୍ୟା ଜଣାଇବା ସହିତ ବାକି ଘର ଜମିକୁ ଅଧିଗ୍ରହଣ କରିବା ପାଇଁ ଅନୁରୋଧ କରିବା ସହିତ ଦୀର୍ଘ ମାସରୁ ଦାବି ଓ ଆନ୍ଦୋଳନ କରି ଆସୁଛନ୍ତି। ବିଧାୟକଙ୍କ ଏହି ଦାବିପତ୍ରକୁ ବିଧାୟକଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଏବଂ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଜିଲାପାଳଙ୍କ କାର୍ଯ୍ୟାଳୟରେ ମନୋଜ ସତ୍ୟବାନ ମହାଜନଙ୍କୁ ପ୍ରଦାନ କରିଥିଲେ। ଏଥିସହ ଏନଟିପିସି ତାପଜ ବିଦ୍ୟୁତ ପ୍ରକଳ୍ପର ମୁଖ୍ୟଙ୍କ ଅନୁପସ୍ଥିତିରେ ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରତିଭା ସିଂଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଉଭୟ ଅଧିକାରୀ ଗ୍ରାମବାସୀଙ୍କ ଦାବିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# କେକେଆର୍‌ର ବଡ଼ ବିଜୟ



ଶଟ୍ ଖେଳିବା ଅବସରରେ ଭେଙ୍କଟେଶ ଆୟର।

**କୋଲକାତା,୩।୪**

ଚଳିତ ଆଇପିଏଲ୍‌ରେ ଗୁରୁବାର ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ୮୦ ରନର ବଡ଼ ବ୍ୟବଧାନରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍)କୁ ପରାସ୍ତ କରିଛି। ଏହା କୋଲକାତାର ଚତୁର୍ଥ ମ୍ୟାଚରେ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ହାଇଦ୍ରାବାଦ ଲାଗି ଏହା ଚତୁର୍ଥ ମ୍ୟାଚରେ ତୃତୀୟ ପରାଜୟ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୦୦ ରନ କରିଥିଲା। ଦଳ ପକ୍ଷରୁ ଭେଙ୍କଟେଶ ଆୟର ୨୯ ବଲରେ ୬୦ (୭ ଚୌକା ଓ ୩ ଛକା) ଓ ଅଙ୍ଗକ୍ରିଶ ରଘୁବଂଶୀ ୩୨ ବଲରେ ୫୦ (୫ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଅଜିଙ୍କ୍ୟ ରାହାନେ ୨୭ ବଲରେ ୧ ଚୌକା ଓ ୪ ଛକା ସହ ୩୮ ଓ ରିଙ୍କୁ ସିଂ ୧୭ ବଲରେ ୪ ଚୌକା ଓ ୧ ଛକା ସହିତ ୩୨ ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ମହମ୍ମଦ ଶାମି, କୁମିନ୍ସ, ଜିଶାନ ଅନସାରୀ ଓ କାମିଣ୍ଡୁ ମେଣ୍ଡିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ହାଇଦ୍ରାବାଦ ୧୬.୪ ଓଭରରେ ୧୨୦ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ହେନରିଚ କ୍ଲାସେନ ୩୩, କାମିଣ୍ଡୁ ମେଣ୍ଡିସ ୨୭ ଓ ନୀତିଶ କୁମାର ରେଡ୍ଡୀ ୧୯ ରନ କରିଥିଲେ। ବିଜୟୀ କୋଲକାତା ପାଇଁ ବୈଭବ ଆରୋରା ଓ ବରୁନ ଚକ୍ରବର୍ତ୍ତୀ ୩ ଲେଖାଏ ଉଇକେଟ ନେଇଥିବା ବେଳେ ଆନ୍ଦ୍ରେ ରସେଲ ୨ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୦୦/୬ (ଭେଙ୍କଟେଶ ଆୟର–୬୦, ଅଙ୍ଗକ୍ରିଶ ରଘୁବଂଶୀ–୫୦, ଅଜିଙ୍କ୍ୟ ରାହାନେ–୩୮, ରିଙ୍କୁ ସିଂ–୩୨*, ମହମ୍ମଦ ଶାମି–୧/୨୯, କାମିଣ୍ଡୁ ମେଣ୍ଡିସ–୧/୪)। ସନରାଇଜର୍ସ ହାଇଦ୍ରାବାଦ: ୧୬.୪ ଓଭରରେ ୧୨୦/ଅଲଆଉଟ୍ (ହେନରିଚ କ୍ଲାସେନ–୩୩, କାମିଣ୍ଡୁ ମେଣ୍ଡିସ–୨୭, ବରୁଣ ଚକ୍ରବର୍ତ୍ତୀ–୩/୨୨, ବୈଭବ ଆରୋରା–୩/୨୯, ଆନ୍ଦ୍ରେ ରସେଲ–୨/୨୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଲକ୍ଷ୍ନୌ ବନାମ ମୁମ୍ବାଇ
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୦୭୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | +୦.୩୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୧ | ୨ | ୨ | −୦.୧୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | −୦.୭୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | −୧.୧୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୧ | ୩ | ୨ | −୧.୬୧୨ |

# ସୂର୍ଯ୍ୟକୁମାର ମୁମ୍ବାଇ ଛାଡ଼ିବେ ନାହିଁ

**ମୁମ୍ବାଇ,୩।୪(ପି.ଟି.)**




ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଛାଡ଼ି ଯାଉ ନାହାନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ପକ୍ଷରୁ ଗୁରୁବାର ଏହା କୁହାଯାଇଛି। ଯଶସ୍ୱୀ ଜୟସ୍ୱାଲ ଆଗାମୀ ଘରୋଇ ସିଜନ ଲାଗି ମୁମ୍ବାଇ ଛାଡ଼ି ଗୋଆ ଦଳରେ ଯୋଗଦେବା ପରେ ସୂର୍ଯ୍ୟକୁମାର ମଧ୍ୟ ସମାନ ବାଟ ବାଛିପାରନ୍ତି ବୋଲି କିଛି ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏମ୍‌ସିଏ ପକ୍ଷରୁ ରିପୋର୍ଟକୁ ଖଣ୍ଡନ କରାଯାଇଛି। ସୂର୍ଯ୍ୟକୁମାର ମୁମ୍ବାଇ ବଦଳରେ ଗୋଆ ପାଇଁ ଆଗାମୀ ଘରୋଇ ସିଜନରେ ଖେଳିବାକୁ ଯାଉଥିବା ନେଇ ସୋସିଆଲ ମିଡିଆରେ ହେଉଥିବା ଗୁଜବ ସମ୍ପର୍କରେ ଏମ୍‌ସିଏକୁ ଜଣାଅଛି। ଏମ୍‌ସିଏ ଅଧିକାରୀ ଗୁରୁବାର ସକାଳେ ସୂର୍ଯ୍ୟଙ୍କ ସହ କଥା ହୋଇଥିଲେ ଏବଂ ଏସବୁ ରିପୋର୍ଟରେ କୌଣସି ସତ୍ୟତା ନ ଥିବା ସେ ସ୍ପଷ୍ଟ କରିଛନ୍ତି। ସୂର୍ଯ୍ୟ କୁମାର ମୁମ୍ବାଇ ପାଇଁ ଖେଳିବା ଲାଗି ପ୍ରତିବଦ୍ଧ ଏବଂ ମୁମ୍ବାଇ ଲାଗି ଖେଳୁଥିବାରୁ ଗର୍ବିତ। ଆମେ ସଭିଙ୍କୁ ମିଥ୍ୟା ଖବର ପ୍ରସାର କରିବାଠାରୁ ଦୂରେଇ ରହିବାକୁ ଅନୁରୋଧ କରୁଛୁ ବୋଲି ଏମ୍‌ସିଏ ସମ୍ପାଦକ ଅଭୟ ହଡପ କହିଛନ୍ତି।

# ଘରୋଇ କଣ୍ଡିଶନ ଉପରେ ଦଳର ନିୟନ୍ତ୍ରଣ ରହିବା ଦରକାର

**ନୂଆଦିଲ୍ଲୀ,୩।୪**

**ଆଇପିଏଲ୍‌ରେ ପିଚ୍ ବିବାଦ**

ପୂର୍ବତନ ଭାରତୀୟ କ୍ରିକେଟର ତଥା ବର୍ତ୍ତମାନ ଭାଷ୍ୟକାର ଆକାଶ ଚୋପ୍ରାଙ୍କ ମତରେ ପିଚ୍ ପ୍ରସ୍ତୁତି ଘରୋଇ ଦଳର ନିୟନ୍ତ୍ରଣରେ ରହିବା ଦରକାର। କାରଣ ଦର୍ଶକଙ୍କ ସମର୍ଥନ ଭଳି ଘରୋଇ ଗ୍ରାଉଣ୍ଡର ଫାଇଦା ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। 'ମୋ ମତରେ ପ୍ରତ୍ୟେକ ଘରୋଇ ଦଳ ପାଖରେ ସେମାନେ ଚାହୁଁଥିବା ସର୍ଫେସ ବାଛିବାର ଅଧିକାର ରହିବା ଦରକାର। ସେମାନେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ପିଚ ଲାଗି ଅନୁରୋଧ କରିପାରିବେ। କାରଣ ଘରୋଇ ଗ୍ରାଉଣ୍ଡର ଫାଇଦା ଉଠାଇବା ଗୁରୁତ୍ୱପୂର୍ଣ୍ଣ। ଘରୋଇ ଗ୍ରାଉଣ୍ଡରେ ଖେଳିବାର ଦୁଇଟି ଫାଇଦା ରହିଥାଏ। ଗୋଟିଏ ହେଲା ପିଚର କଣ୍ଡିଶନ ଓ ଦର୍ଶକଙ୍କ ସମର୍ଥନ। ନ ହେଲେ ପ୍ରତ୍ୟେକ ମ୍ୟାଚ ବାହାରେ ଖେଳିବା ଭଳି ଅନୁଭବ ହେବ। କିନ୍ତୁ ସର୍ଫେସ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଦର୍ଶକଙ୍କ ସମର୍ଥନ ଦ୍ୱିତୀୟରେ। ଯଦି ଏକ ଦଳ ପିଚ କଣ୍ଡିଶନ ଉପରେ ନିୟନ୍ତ୍ରଣ ହରାଇବ, ତେବେ ସେମାନଙ୍କ ପୂରା ଷ୍ଟ୍ରାଟେଜି ନଷ୍ଟ ହୋଇଯାଇପାରେ' ବୋଲି ଆକାଶ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି। ଚଳିତ ଆଇପିଏଲ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ପିଚ୍ କଣ୍ଡିଶନ ଏକ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଇଡେନ ଗାର୍ଡେନ୍ସରେ ପିଚ ପ୍ରସ୍ତୁତିରେ ସେମାନଙ୍କ ପ୍ରଭାବ ରହୁ ନ ଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମୁଖ୍ୟ କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତ ଦାବି କରିଥିଲେ। ସେହିଭଳି ଚେନ୍ନାଇ ସୁପର କିଙ୍ଗ୍ସ ମୁଖ୍ୟ କୋଚ ଷ୍ଟିଫେନ ଫ୍ଲେମିଂ ତାଙ୍କ ଦଳକୁ ଅତ୍ୟଧିକ ଘରୋଇ ଗ୍ରାଉଣ୍ଡର ଫାଇଦା ମିଳୁଥିବା ନେଇ ଚର୍ଚ୍ଚାକୁ ଖଣ୍ଡନ କରିବା ସହ ନିକଟରେ ତାଙ୍କ ଦଳ ଘରୋଇ ପିଚ୍‌କୁ ପଢ଼ିବାରେ ସଂଘର୍ଷ କରୁଥିବା କହିଥିଲେ।

# ସ୍ୱଦେଶ ଫେରିଲେ କାଗିସୋ ରାବାଡା

**ନୂଆଦିଲ୍ଲୀ,୩।୪(ପି.ଟି.):** ଦକ୍ଷିଣ ଆଫ୍ରିକୀୟ ପେସ ବୋଲର କାଗିସୋ ରାବାଡା ବ୍ୟକ୍ତିଗତ କାରଣ ଯୋଗୁ ସ୍ୱଦେଶ ଫେରି ଯାଇଛନ୍ତି। ଏ ନେଇ ତାଙ୍କ ଆଇପିଏଲ୍ ଫ୍ରାଞ୍ଚାଇଜ ଗୁଜରାଟ ଟାଇଟନ୍ସ (ଜିଟି) ପକ୍ଷରୁ ଗୁରୁବାର କୁହାଯାଇଛି। ତେବେ ରାବାଡା କେତେ ସମୟ ପର୍ଯ୍ୟନ୍ତ ଆଇପିଏଲ୍‌ରୁ ଦୂରେଇ ରହିବେ, ସେ ସମ୍ପର୍କରେ ଜିଟି ପକ୍ଷରୁ କିଛି କୁହାଯାଇ ନାହିଁ। ଚଳିତ ଆଇପିଏଲ୍‌ରେ ସେ ଏପର୍ଯ୍ୟନ୍ତ ଦୁଇଟି ମ୍ୟାଚ ଖେଳିଛନ୍ତି। ରାବାଡା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ କାର୍ଯ୍ୟ ଯୋଗୁ ସ୍ୱଦେଶ ଫେରିଛନ୍ତି ବୋଲି ଗୁଜରାଟ ପକ୍ଷରୁ କୁହାଯାଇଛି। ରାବାଡାଙ୍କ ଅନୁପସ୍ଥିତିରେ ଜିଟି ତାଙ୍କ ଦକ୍ଷିଣ ଆଫ୍ରିକୀୟ ସାଥି ଜେରାଲ୍ଡ କୋଏଟଜୀ କିମ୍ବା ଆଫଗାନିସ୍ତାନର ଅଲରାଉଣ୍ଡର କରିମ ଜନତଙ୍କୁ ଖେଳାଇପାରେ।

# ମନୀଷ, ହିତେଶ, ଅବିନାଶ ସେମିରେ

**ନୂଆଦିଲ୍ଲୀ, ୩।୪ (ପି.ଟି.)**

ଭାରତର ମନୀଷ ରାଠୋର, ହିତେଶ ଓ ଅବିନାଶ ଜାମୱାଲ ସେମାନଙ୍କ କାଟେଗୋରୀରେ ପ୍ରଭାବୀ ବିଜୟ ସହ ଏଠାରେ ଚାଲିଥିବା ବିଶ୍ୱକପ୍ ବକ୍ସିଂ ବ୍ରାଜିଲ ୨୦୨୫ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଜାମୱାଲ ୬୫ କେଜି କାଟେଗୋରୀରେ ଜର୍ମାନୀର ଡେନିସ ବ୍ରିଲ୍‌ଙ୍କୁ ଏକ ସର୍ବସମ୍ମତି ନିଷ୍ପତ୍ତିରେ ପରାସ୍ତ କରିଥିବା ବେଳେ ୭୦କେଜି କାଟେଗୋରୀରେ ହିତେଶ ସମାନ ଢଙ୍ଗରେ ଇଟାଲୀର ଗାବ୍ରିଏଲ୍ ଗୁଇଡି ରୋଣ୍ଟାନିଙ୍କୁ ହରାଇ ଦେଇଛନ୍ତି। ୫୫ କେଜି କାଟେଗୋରୀରେ ଏକ ସଂଘର୍ଷପୂର୍ଣ୍ଣ ଲଢ଼େଇରେ ରାଠୋର ଅଷ୍ଟ୍ରେଲିଆର ତଥା ପ୍ୟାରିସ ଅଲିମ୍ପିଆନ ୟୁସୁଫ୍ ଚୋଥିଆଙ୍କୁ ପରାସ୍ତ କରିଛନ୍ତି। ଦୁଇ ବକ୍ସରଙ୍କ ମଧ୍ୟରେ ୩ ରାଉଣ୍ଡ ଲଢ଼େଇ କଡ଼ା ଟକ୍କର ହୋଇଥିଲା। ୩ଜଣ ଜଜ୍ ରାଠୋରଙ୍କ ସପକ୍ଷରେ ମତ ଦେଇଥିବା ବେଳେ ଦୁଇଜଣ ସମାନ ପଏଣ୍ଟ ଦେଇଥିଲେ। ସେମିଫାଇନାଲରେ ରାଠୋର କାଜାଖସ୍ତାନର ନୁର୍‌ସୁଲ୍‌ତାନ ଅଲ୍‌ଟିନବେକ୍‌ଙ୍କୁ ଭେଟିବାକୁ ଥିବା ବେଳେ ହିତେଶ ମାକାନ ଟ୍ରାଓରଙ୍କୁ ଏବଂ ଜାମୱାଲ ଇଟାଲୀର ଜିଆନଲୁଇଗି ମାଲାଙ୍ଗାଙ୍କ ସହ ଲଢ଼େଇ କରିବେ।

# ସ୍ଲୋ ଓଭର ରେଟ୍: ପାକିସ୍ତାନକୁ ଜରିମାନା

**ଦୁବାଇ, ୩।୪ (ଏପି)**

ଚଳିତ ସପ୍ତାହରେ ହାମିଲଟନଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସ୍ଲୋ ଓଭର ରେଟ୍ ପାଇଁ ପାକିସ୍ତାନ କ୍ରିକେଟ ଦଳକୁ ଜରିମାନା ହୋଇଛି। ମ୍ୟାଚ ରେଫରୀ ଜେଫ୍ କ୍ରୋ ପାକିସ୍ତାନର ପ୍ରତ୍ୟେକ ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ୍ ଫି'ର ୫ ପ୍ରତିଶତ ଜରିମାନା କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଟାର୍ଗେଟଠାରୁ ପାକିସ୍ତାନ ଗୋଟିଏ ଓଭର ପଛରେ ରହିସ ଯାଇଥିଲା। ବୁଧବାର ଖେଳାଯାଇଥିବା ଏହି ମ୍ୟାଚରେ ପାକିସ୍ତାନ ୮୪ ରନରେ ବିଜୟ ଲାଭ କରିଥିଲା। ପାକିସ୍ତାନ ଅଧିନାୟକ ମହମ୍ମଦ ରିଜୱାନ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ଦଣ୍ଡକୁ ଗ୍ରହଣ କରିନେଇଥିଲେ। ତେଣୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ସ୍ଲୋ ଓଭର ରେଟ୍ ପାଇଁ ପାକିସ୍ତାନ କ୍ରମାଗତ ଦ୍ୱିତୀୟ ଥର ପାଇଁ ଦଣ୍ଡିତ ହୋଇଛି। ନାପିଏରଠାରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ଟାର୍ଗେଟଠାରୁ ୨ ଓଭର ପଛରେ ରହିଥିବାରୁ ପାକିସ୍ତାନକୁ ୧୦ ପ୍ରତିଶତ ଜରିମାନା କରାଯାଇଥିଲା। ଏଥିରେ ଦଳ ୭୩ ରନରେ ପରାଜିତ ହୋଇଥିଲା।

# ଆଥ୍‌ଲେଟ୍‌ଙ୍କୁ ଗୋଟିଏ ଇଭେଣ୍ଟରେ ଭାଗ ନେବା ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୩।୪(ପି.ଟି.)**

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ୨୦୨୫ ସିଜନର ପ୍ରଥମ ଜାତୀୟ ଚାମ୍ପିୟନଶିପ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିବା ପାଇଁ ଆଥ୍‌ଲେଟଙ୍କୁ ଅତିକମରେ ଏକ ଆଞ୍ଚଳିକ ପ୍ରତିଯୋଗିତା କିମ୍ବା ଗ୍ରାଁ ପ୍ରି ଭଳି ଜାତୀୟ ସ୍ତରର ଦିନିକିଆ ଇଭେଣ୍ଟରେ ଭାଗ ନେବା ବାଧ୍ୟତାମୂଳକ କରାଯାଇଛି। ଆଥଲେଟ୍‌ଙ୍କ ପ୍ରସ୍ତୁତି ଓ ପ୍ରଦର୍ଶନରେ ସ୍ଥିରତା ନିଶ୍ଚିତ କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି। ଆସନ୍ତା ମେ' ୨୭ରୁ ୩୧ ପର୍ଯ୍ୟନ୍ତ କୋରିଆରେ ଏସିଆନ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଏଥିଲାଗି ଚଳିତ ମାସ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ କୋଚିଠାରେ ହେବାକୁ ଥିବା ଫେଡେରେଶନ୍ କପ୍‌ରେ ପ୍ରଦର୍ଶନ ଆଧାରରେ ଭାରତୀୟ ଦଳ ଚୟନ କରାଯିବ। କିନ୍ତୁ ଏଏଫ୍‌ଆଇ ଦ୍ୱାରା ଟ୍ରେନିଂ ଲାଗି ବିଦେଶ ପଠାଯାଇଥିବା ଦୁଇ ଥରର ଅଲିମ୍ପିକ ପଦକଧାରୀ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କ ଭଳି ଆଥଲେଟ୍‌ଙ୍କୁ ଏହି ନିୟମରୁ ଛାଡ଼ ପ୍ରଦାନ କରାଯାଇଛି।

ଫେଡେରେଶନ କପ୍‌ରେ ଭାଗ ନେବା ପାଇଁ ଆଥ୍‌ଲେଟଙ୍କୁ ଚଳିତବର୍ଷ ଏଏଫ୍‌ଆଇ ଦ୍ୱାରା ସିଧାସଳଖ ଆୟୋଜନ କରାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ଅତିକମ୍‌ରେ ଗୋଟିଏ ଆଞ୍ଚଳିକ ପ୍ରତିଯୋଗିତା (ଇଣ୍ଡିଆନ ଓପନ ଆଥଲେଟିକ୍ସ ମିଟ ପଞ୍ଜାବ, ଗୁଜରାଟ, ଝାଡ଼ଖଣ୍ଡ, ତାମିଲନାଡୁ) କିମ୍ବା ଚତୁର୍ଥ ଇଣ୍ଡିଆନ ଓପନ ଥ୍ରୋସ/ଜମ୍ପ୍ସ, ଷଷ୍ଠ ଇଣ୍ଡିଆନ ଓପନ ୪୦୦ ମିଟର/ଇଣ୍ଡିଆନ ଗ୍ରାଁ ପ୍ରିରେ ଭାଗନେବା ବାଧ୍ୟତାମୂଳକ କରାଯାଇଛି। କୌଣସି ପୁରୁଣା ପ୍ରଦର୍ଶନକୁ ହିସାବକୁ ନିଆଯିବ ନାହିଁ। କେବଳ ୨୦୨୫ରେ ଅନୁଷ୍ଠିତ ଇଭେଣ୍ଟର ପ୍ରଦର୍ଶନ ଆଧାରରେ ଚୟନ କରାଯିବ ବୋଲି ଏଏଫ୍‌ଆଇ ପକ୍ଷରୁ ଜାରି କରାଯାଇଥିବା ସର୍କୁଲାରରେ କୁହାଯାଇଛି। ଚଳିତବର୍ଷ ଆଥଲେଟ୍‌ଙ୍କୁ ସେମାନଙ୍କ ଅଞ୍ଚଳରେ ଭାଗ ନେବା ପାଇଁ ସୁଯୋଗ ପ୍ରଦାନ କରିବା ଲାଗି ୮ଟି ଇଣ୍ଡିଆନ ଓପନ ପ୍ରତିଯୋଗିତା ଆୟୋଜନ କରାଯିବ। ଏଭଳି ଏକ ପ୍ରତିଯୋଗିତା ଗତ ୧ ତାରିଖରେ ପଞ୍ଜାବର ସାଙ୍ଗରୁରଠାରେ ହୋଇଥିଲା। ଫେଡେରେଶନ କପ ପୂର୍ବରୁ ଗୁଜରାଟ (ଏପ୍ରିଲ ୫), ରାଞ୍ଚି (ଏପ୍ରିଲ ୧୦) ଓ ଚେନ୍ନାଇ (ଏପ୍ରିଲ ୧୫)ରେ ୩ଟି ଇଭେଣ୍ଟ ହେବ। ଏ ସମ୍ପର୍କରେ ସମସ୍ତ ଶାଖା ଆସୋସିଏଶନ ଓ ଆଥଲେଟ୍‌ଙ୍କୁ ୩ ମାସ ପୂର୍ବରୁ ଜଣାଇ ଦିଆଯାଇଥିଲା। ସଭିଙ୍କୁ ପୁନଃ ଅବଗତ କରାଇବା ଲାଗି ଏହି ସର୍କୁଲାର ଜାରି କରାଯାଇଥିବା ଏଏଫ୍‌ଆଇ ପ୍ରବକ୍ତା ତଥା ପୂର୍ବତନ ସଭାପତି ଆଦିଲେ ସୁମରିୱାଲା କହିଛନ୍ତି। ଅତୀତରେ ଅନେକ ଦୃଷ୍ଟାନ୍ତ ରହିଛି, ଯେଉଁଥିରେ ଆଥଲେଟମାନେ କେବଳ ଫେଡେରେଶନ୍ କପ କିମ୍ବା ନ୍ୟାଶନାଲ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍ସରେ ଭାଗ ନିଅନ୍ତି। କାରଣ ଏଗୁଡ଼ିକ ଏସିଆନ କିମ୍ବା ୱାର୍ଲ୍ଡ ଚାମ୍ପିୟନଶିପ୍ କିମ୍ବା ଅଲିମ୍ପିକ୍ସ ଲାଗି ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ ହୋଇଥାଏ। ପରେ ସେମାନେ ଅନ୍ତର୍ଜାତୀୟ ଇଭେଣ୍ଟରେ ପ୍ରଦର୍ଶନ କରିବାରେ ବିଫଳ ହୁଅନ୍ତି।

## ନୀରଜ କେବେ ଭାଗନେବେ ଜଣାନାହିଁ

ନୀରଜ ଏବେ ତୁର୍କୀରେ ଟ୍ରେନିଂ କରୁଛନ୍ତି। ଆଶ୍ଚର୍ଯ୍ୟର କଥା ଯେ, ସେ ଗତ ବର୍ଷ ଭୁବନେଶ୍ୱରରେ ଫେଡେରେଶନ୍ କପ୍‌ରେ ଭାଗ ନେଇଥିଲେ। କିନ୍ତୁ ଚଳିତବର୍ଷ ସେ କୌଣସି ଘରୋଇ ଇଭେଣ୍ଟରେ ଭାଗନେବେ କି ନାହିଁ, ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ନୀରଜ ଚଳିତବର୍ଷ କୌଣସି ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ କି ନାହିଁ, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ ବୋଲି ଏଏଫ୍‌ଆଇ ଅଧିକାରୀ କହିଛନ୍ତି।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ